

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

✻ ଅଷ୍ଟମ ପୁଷ୍ପ ✻ ଦ୍ୱିତୀୟ ପାଖୁଡ଼ା ✻ ଊନଚତ୍ୱାରିଂଶତମ ସଂଖ୍ୟା ✻


ସଂପାଦକ : ଶ୍ରୀ କେଶବଦାସ ।

ପ୍ରକାଶକ : ପୀତାମ୍ବର ଦାସ, ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ଼,
କଟକ, ଫୋନ- ୦୬୭୧-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍ - (୦୬୭୧) ୨୭୬୭୧୦୧



ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ
ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ
ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ତ୍ୱ ସଂରକ୍ଷିତ ।


✻ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : [illegible] ✻

❋ କେଶବାବ୍ଦ : ପଞ୍ଚପଞ୍ଚାଶଦ୍ ❋ ମତ୍ସ୍ୟାବତାର ମାସ ❋ ଚୈତ୍ର ପୂର୍ଣ୍ଣିମା ❋

# ପ୍ରବେଶ ପରିଚିତି

❋ ଅଷ୍ଟମ ପୁଷ୍ପ ❋
ଦ୍ୱିତୀୟ ପାଖୁଡ଼ା
ଊନଚତ୍ୱାରିଂଶତମ ସଂଖ୍ୟା

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବେ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥

| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ବନ୍ଦନା : ଶ୍ରୀଗୁରୁ ଶ୍ରୀପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଚକ୍ରମାଳିକା ଭଜନ | ୨ |
| ଭଜନ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ : ବୈରାଗ୍ୟ | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୬ |
| ବାଲ୍ୟକାଳୁ ଧର୍ମ[illegible] ସଞ୍ଚିବି : | ୧୯ |
| ଉତିଷ୍ଠତଃ ! ଜାଗ୍ରତଃ !! | ୨୨ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୭ |
| କଲ୍ୟାଣ ଦେଖି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୩ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୩୪ |
| ଅଚ୍ୟୁତଙ୍କ କବିତାର ସଂକ୍ଷିପ୍ତ ବ୍ୟାଖ୍ୟା | ୩୮ |
| ୩୮ତମ ସଂଖ୍ୟା ପୁରାଣ ଗଳ୍ପାଂଶର ତାତ୍ତ୍ୱିକ ବ୍ୟାଖ୍ୟା | ୩୯ |
| ଆଶ୍ରମ ସନ୍ଦେଶ | ୪୪ |

## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣିମା

## ମଙ୍ଗଳାଚରଣ





ପ୍ରାଣା ପ୍ରାଣୀନାଂ ଜୀବନଂ ଜୀବିତାନାମ୍
ଜ୍ଞାନଂ ଜ୍ଞାନୀନାଂ ସାଧନଂ ସାଧକାନାମ୍
ଯୋଗ ଯୋଗୀନାମୀଶ୍ୱର ଅଷ୍ଟିକାନାମ୍
ଭକ୍ତି ର୍ଭକ୍ତାନାଂ ପ୍ରଭୁପାଦ କେଶବଃ ॥

## ଶ୍ରୀଗୁରୁ ଶ୍ରୀପାଦ ବନ୍ଦନା

ଶ୍ରୀଗୁରୁ ଶ୍ରୀପାଦ ବନ୍ଦରେ ମନ ।
ଶ୍ରୀଗୁରୁ ଶ୍ରୀପାଦେ ପୁଷ୍ପଚନ୍ଦନ ॥ ୧ ॥
ଶ୍ରୀଗୁରୁ ଶ୍ରୀପାଦେ ଚିତ୍ତକୁ ଥୋଇ ।
ଶ୍ରୀଗୁରୁ ଶ୍ରୀପାଦେ ବନ୍ଦନା ଗାଇ ॥ ୨ ॥
ଶ୍ରୀଗୁରୁ ଶ୍ରୀପାଦ ପ୍ରକୃତି ପୁର ।
ଶ୍ରୀଗୁରୁ ଶ୍ରୀପାଦ ସତ୍ୟ ସୁନ୍ଦର ॥ ୩ ॥
ଶ୍ରୀଗୁରୁ ଶ୍ରୀପାଦ କରରେ ଭେଳା ।
ଶ୍ରୀଗୁରୁ ଶ୍ରୀପାଦେ ଭକତି ମାଳା ॥ ୪ ॥

❊ ❊ ❊

ଶ୍ରୀଗୁରୁ ଶ୍ରୀପାଦ ହରଇ ପାପ ।
ଶ୍ରୀଗୁରୁ ଶ୍ରୀପାଦ ଜ୍ଞାନ-ପ୍ରଦୀପ ॥ ୫ ॥
ଶ୍ରୀଗୁରୁ ଶ୍ରୀପାଦ ଭରସା କରି ।
ଶ୍ରୀଗୁରୁ ଶ୍ରୀପାଦ କରୁଣା ବାରି ॥ ୬ ॥
ଶ୍ରୀଗୁରୁ ଶ୍ରୀପାଦ ଶାନ୍ତି-ସଦନ ।
ଶ୍ରୀଗୁରୁ ଶ୍ରୀପାଦେ ନିବେଶ ମନ ॥ ୭ ॥
ଶ୍ରୀଗୁରୁ ଶ୍ରୀପାଦ ପୁଷ୍ପ ଗୋଲକ ।
ଶ୍ରୀଗୁରୁ ଶ୍ରୀପାଦ ହରଇ ଦୁଃଖ ॥ ୮ ॥

ଶ୍ରୀଗୁରୁ ଶ୍ରୀପାଦେ ଯା'ର ମମତା ।
ଶ୍ରୀଗୁରୁ ଶ୍ରୀପାଦ ତାହାର ତ୍ରାତା ॥ ୯ ॥
ଶ୍ରୀଗୁରୁ ଶ୍ରୀପାଦ ହରେ ତ୍ରିତାପ ।
ଶ୍ରୀଗୁରୁ ଶ୍ରୀପାଦ ରୂପେ ଅରୂପ ॥ ୧୦ ॥
ଶ୍ରୀଗୁରୁ ଶ୍ରୀପାଦ କରଇ ଦୟା ।
ଶ୍ରୀଗୁରୁ ଶ୍ରୀପାଦ ହରଇ ମାୟା ॥ ୧୧ ॥
ଶ୍ରୀଗୁରୁ ଶ୍ରୀପାଦେ ପଶ ଶରଣ ।
ଶ୍ରୀଗୁରୁ ଶ୍ରୀପାଦ ଆରତତ୍ରାଣ ॥ ୧୨ ॥

❊ ❊ ❊

ଶ୍ରୀଗୁରୁ ଶ୍ରୀପାଦ ଭାବୁ ଅତୀତ ।
ଶ୍ରୀଗୁରୁ ଶ୍ରୀପାଦ ସ୍ମରେ ଭକତ ॥ ୧୩ ॥
ଶ୍ରୀଗୁରୁ ଶ୍ରୀପାଦ ନାଶେ ଅରାତି ।
ଶ୍ରୀଗୁରୁ ଶ୍ରୀପାଦ ଦିଏ ସୁଗତି ॥ ୧୪ ॥
ଶ୍ରୀଗୁରୁ ଶ୍ରୀପାଦ ଜ୍ଞାନ-ସାଗର ।
ଶ୍ରୀଗୁରୁ ଶ୍ରୀପାଦ ଧାମରେ ସାର ॥ ୧୫ ।
ଶ୍ରୀଗୁରୁ ଶ୍ରୀପାଦ ହୃଦେ ବିରାଜି ।
ଶ୍ରୀଗୁରୁ ଶ୍ରୀପାଦ ଭାବ ସୁରୁଚି ॥ ୧୬ ।




## ତତ୍ତ୍ୱ ମାଳିକା ଭଜନ

ଏ ତନୁରେ ମନ ଗୋଟିଏ ସିନାରେ
କୋଟିଏ ମହକ ତାହାର ।
ପବନ ବେଗରେ ଛୁଟଇ ପଲକେ
ଯେଣେ ଇଚ୍ଛା କରେ ବିହାର ॥୦॥

ଦେହକୋଷ ନେଇ ସ୍ୱଭାବ ହୁଅଇ
କୋଷ ଦ୍ୱାରା ହୋଇ ଚାଳିତ ।
ମନ ଘୋଡ଼ା ଛୁଟେ କୁହେଳିକା ଘୋଟେ
ଇନ୍ଦ୍ରିଗଣ ଅଣଆୟତ୍ତ ॥
ବାରଣ କରିବ ସଂଯମ ଧରିବ
ଅଛି ଅବା ସାଧ କାହାର ?? ୧ ॥

ଅସ୍ଥିର ଯା'ମନ ସାଧନ ଭଜନ
କି ଅବା କରିବ ସେହୁ ?
ଇନ୍ଦ୍ରିୟ ଘୋଟକ ଦେଖାଇ ଛଟକ
ପୃଷ୍ଠରେ ଆସୀନ ଯେହୁ ॥
କ୍ଷଣକେ ଭୁଲାଇ ପଲକେ ବୁଲାଇ
ନିମିଷକେ ଦିଏ ପାହାର ॥ ୨ ॥

ପ୍ରିୟତମ ଦେବ ମୋ ପ୍ରଭୁ କେଶବ
ଦେଇଛନ୍ତି ସୂତ୍ର ନବ ।
ସାଷ୍ଟାଙ୍ଗ ପ୍ରଣାମ ଅଭ୍ୟାସ ବିଧାନ
କୋଷ ଦମ୍ଭ ଭାଙ୍ଗି ଦେବ ॥
ନିୟମିତ ବିଧି ସହିତେ ଅବଧି
କଲେ ମନ ସ୍ଥିର ତାହାର ॥ ୩ ॥

# ଭଜନ

ସ୍ୱାମୀ ଅଜନ୍ମା ପୁରୁଷ ମାଧବ ହେ ! ବିନୟ ଭାବ ଦେ !
ଜନନୀ ସୁକାନ୍ତି ତବଭାବ ! ଜୟ ଜୟ ଦେବ ହରେ.....
ରାଧେ କୃଷ୍ଣ, (ପ୍ରଭୁ) ସୁକାନ୍ତି ଦୁଲ୍ଲାଳ, (ସ୍ୱାମୀ) ଯଦୁନାଥବାଳ,
(ନାଥ) ଭକ୍ତମନେ ଖେଳ, (ସ୍ୱାମୀ) ମହୁରାରେ ମେଳ, (ଦେବ) ଜରିଆର କୂଳ,
ଜୟ ଜୟ ଦେବ ହରେ, ହରେ ହରେ, ଜୟ ଜୟ ଦେବ ହରେ ..... (ଘୋଷା)

ସ୍ୱାମୀ ମଧୁମିତ ହୃଦୟ ଚନ୍ଦନ ହେ ! ମୁହୂର୍ତ୍ତାସନ ହେ !
ଦୁଃଖୀର ଶଙ୍ଖାଳି ତନୁମନ ! ଜୟ ଜୟ ଦେବ ହରେ ॥...୧॥

ସ୍ୱାମୀ ଅମର ଶଙ୍କର ନୟନ ହେ ! ପାପ ମୋଚନ ହେ !
ଯଦୁକୁଳ ଅମୃତ ଭବନ ! ଜୟ ଜୟ ଦେବ ହରେ ॥...୨॥

ନାଥ ଜରିଆ କୂଳିଆ ମୋହନ ହେ ! ସନ୍ଥ ପାଳନ ହେ !
ପ୍ରେମଭାବେ ସହାସ୍ୟ ବଦନ ! ଜୟ ଜୟ ଦେବ ହରେ ॥...୩॥

ପ୍ରଭୁ ଅବିନାଶ ଦାସ ଭୂଷଣ ହେ ! ତାପ ହରଣ ହେ !
ଆର୍ତ୍ତର ଆରତ ବିନାଶନ ! ଜୟ ଜୟ ଦେବ ହରେ ॥...୪॥

ସ୍ୱାମୀ ଅଷ୍ଟାଙ୍ଗେ ସାଷ୍ଟାଙ୍ଗ ପ୍ରଣାମ ହେ ! କୁଣ୍ଡଳୀ ଧାମ ହେ !
ଅର୍ଘ୍ୟଫଳେ ଦେଉଛ ଚରମ ! ଜୟ ଜୟ ଦେବ ହରେ ॥...୫॥

ସ୍ୱାମୀ ତବ ଚରଣ ମୁକ୍ତିଧାମ ହେ ! ନିର୍ବାଣ ନାମ ହେ !
ପ୍ରଣମାମି ପୁରୁଷ ଉତ୍ତମ ! ଜୟ ଜୟ ଦେବ ହରେ ॥...୬॥

## ସମ୍ପାଦକୀୟ

**''ବାକ୍ୟଂ ଚ ତ୍ରିଧା । ପ୍ରଭୁ ସମ୍ମିତଂ, ମିତ୍ର ସମ୍ମିତଂ, କାନ୍ତା ସମ୍ମିତଂ ।।''**

**ସ**ମଗ୍ର ବାଙ୍ମୟ ବା ଭାଗବତ ବାକ୍ୟକୁ ତିନି ପ୍ରକାର ଭାବରେ ବ୍ୟକ୍ତ କରାଯାଏ । ତନ୍ମଧ୍ୟରୁ ପ୍ରଥମ ପ୍ରକାର ଭେଦ ହେଲା - 'ପ୍ରଭୁ ସମ୍ମିତ ବାକ୍ୟମ୍ ।' ଏହା ଶାସ୍ତ୍ର ବାକ୍ୟ ପର୍ଯ୍ୟାୟଭୁକ୍ତ । ବିଶ୍ୱର ସକଳ ଧର୍ମ ଶାସ୍ତ୍ରର ସମସ୍ତ ବାକ୍ୟ ହିଁ ପ୍ରଭୁ ସମ୍ମିତ ବାକ୍ୟ । ପ୍ରଭୁ ବା ମାଲିକ (ଠାକୁରେ) ସେବକ / ଦାସକୁ ଯେଉଁପରି ଭାବରେ ଆଦେଶ, ନିର୍ଦ୍ଦେଶ ଦିଅନ୍ତି, ସେହିପରି ପ୍ରଯୁକ୍ତ ବାକ୍ୟ (ବାଣୀ) ସମୂହକୁ 'ପ୍ରଭୁ ସମ୍ମିତମ୍' ବୋଲି କୁହାଯାଇଛି । ବେଦବାକ୍ୟ ବା ଶାସ୍ତ୍ରୀୟ ବାକ୍ୟ ପର୍ଯ୍ୟାୟଭୁକ୍ତ ବୋଲି ଠାକୁରଙ୍କର ବାଣୀ ସକଳକୁ ଗ୍ରହଣ କରାଯାଏ । ଉଦାହରଣ ସ୍ୱରୂପ 'ମା ହିଂସ୍ୟାତ୍, ସ୍ୱର୍ଗକାମୋ ଯଜେତ୍, ସ୍ୱାଧ୍ୟାୟଂ ଅଧେତବ୍ୟମ୍ । ଧର୍ମଂଚର, ସତ୍ୟଂ ବଦ, ଆଚାର୍ଯ୍ୟ ଦେବୋ ଭବ, ପିତୃଦେବୋ ଭବ, ଅତିଥି ଦେବୋ ଭବ'; ଇତ୍ୟାଦି ବାକ୍ୟ ସମୂହକୁ ଗ୍ରହଣ କରାଯାଏ । ଠାକୁରେ କହନ୍ତି - 'ତୁମେ ମୋତେ ଚାହଁ, ମୁଁ ତୁମକୁ ଚାହିଁ ସାଇଁଙ୍କ ନିକଟକୁ ନେଇଯିବି ।' ଏହିପରି ଅସଂଖ୍ୟ ଅଗଣିତ ବେଦବାକ୍ୟ / ପ୍ରଭୁ ସମ୍ମିତବାକ୍ୟ ଠାକୁରେ ଆମ୍ଭମାନଙ୍କୁ କହିଅଛନ୍ତି ।।

'ମିତ୍ର ସମ୍ମିତମ୍ ବାକ୍ୟମ୍' ହେଉଛି ଦ୍ୱିତୀୟ ପ୍ରକାର ଭେଦ । ମିତ୍ର, ବନ୍ଧୁ, ସଖା ଯେପରି ଉନ୍ମାର୍ଗଗାମୀ ମନୁଷ୍ୟକୁ ନାନାପ୍ରକାର ଦୃଷ୍ଟାନ୍ତ ଓ ଯୁକ୍ତିଦେଇ ବୁଝାନ୍ତି, ମାତ୍ର ଆଦେଶ ବା ନିର୍ଦ୍ଦେଶ ଦିଅନ୍ତି ନାହିଁ; ସେପରି ବାକ୍ୟ ସକଳକୁ 'ମିତ୍ର ସମ୍ମିତମ୍' ବୋଲି କୁହାଯାଏ । ଏହା ମୁଖ୍ୟତଃ ପୁରାଣବାକ୍ୟ ପର୍ଯ୍ୟାୟଭୁକ୍ତ । ବିଶ୍ୱର ବିଭିନ୍ନ ସଂପ୍ରଦାୟ ଓ ଜାତି (Nation)ରେ ପ୍ରଚଳିତ ବିଭିନ୍ନ ଭାଷାରେ ବହୁ ସଂଖ୍ୟାରେ ମହାକାବ୍ୟ ଓ ପୁରାଣମାନ ରଚିତ ହୋଇଅଛି । ସେ ସବୁର ପୃଷ୍ଠାରେ ପୃଷ୍ଠାରେ ବହୁ ଦୃଷ୍ଟାନ୍ତ ଓ ଯୁକ୍ତି ସମ୍ବଳିତ ବାକ୍ୟାବଳୀ ରହିଅଛି । ପଥଭ୍ରଷ୍ଟ ମନୁଷ୍ୟମାନଙ୍କୁ ସୁପଥରେ ଚଳାଇ ନେବା ପାଇଁ ଏସବୁ ପ୍ରଭୂତ ଦିଗ୍‌ଦର୍ଶନ ଦିଅନ୍ତି । 'ରାବଣ ପରି ନୁହେଁ, ରାମଙ୍କ ପରି ଆଚରଣ ବିଧେୟ । ଦୁର୍ଯ୍ୟୋଧନ ପରି ଅଭିମାନ ଶ୍ରେୟ ନୁହେଁ, ଯୁଧିଷ୍ଠିରଙ୍କ ପରି ଧର୍ମାଚରଣ ହିଁ କର୍ତ୍ତବ୍ୟ ।' ଇତ୍ୟାଦି ବାକ୍ୟ ଗୁଡ଼ିକୁ ଉଦାହରଣ ରୂପେ ଗ୍ରହଣ କରାଯାଇଥାଏ । ଠାକୁରେ ଆମର ବଂଧୁ, ସଖା, ମିତ୍ର ଭୂମିକାରେ ଅବତୀର୍ଣ୍ଣ ହୋଇ ଅନେକ ସମୟରେ ଅନେକ କ୍ଷେତ୍ରରେ ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କୁ ଏକାନ୍ତରେ ଯଥାର୍ଥ ଦୃଷ୍ଟାନ୍ତ ଓ ଯୁକ୍ତି ଦେଇ ଜୀବନର ଚଲାପଥରେ / ସଂସାର ପଥରେ / ସାଧନ ପଥରେ ଚଳାଇ ନେବା ପାଇଁ ପ୍ରୀତିପୂର୍ଣ୍ଣ ପରାମର୍ଶ ଦେଇ ଆଅନ୍ତି । 'ଚରମ' ର ପୃଷ୍ଠାମଣ୍ଡନ କରିଥିବା **'କଲ୍ୟାଣ ଦେଲି ତୋତେ'** ପାଠକଲେ, ପାଠକ / ପାଠିକା ମାନେ ପ୍ରେମମୟ ଠାକୁରଙ୍କର ହୃଦୟ ଉପତ୍ୟକାରେ ଚିରପ୍ରବହମାନ ପ୍ରେମ ମନ୍ଦାକିନୀର ସୁଶୀତଳଧାରା ଅବଶ୍ୟ ଉପଲବ୍ଧ କରିପାରିବେ, ଏଥିରେ ତିଳେ ମାତ୍ର ସଂଶୟ ନାହିଁ ।

ତୃତୀୟ ପ୍ରକାର ବାକ୍ୟକୁ 'କାନ୍ତା ସମ୍ମିତମ୍' କୁହାଯାଇଛି । ଏହା ତୃତୀୟ ଶ୍ରେଣୀର ଭେଦ । ପ୍ରିୟତମା ପ୍ରମଦା ପତ୍ନୀ ଯେପରି ତାଙ୍କର ଉନ୍ମାର୍ଗଗାମୀ ମଦ୍ୟପ ଲମ୍ପଟ ସ୍ୱାମୀଙ୍କୁ ମଧୁର କୋମଳ ବଚନ ଦ୍ୱାରା ଉଚିତମାର୍ଗ / ସତ୍‌ପଥକୁ ଆଣିବାପାଇଁ ଚେଷ୍ଟାକରନ୍ତି ସେହିପରି ବାକ୍ୟ ସମୂହକୁ ଏଠାରେ 'କାନ୍ତା ସମ୍ମିତମ୍' ବୋଲି କୁହାଯାଉଅଛି । ଏହି ଶ୍ରେଣୀ ବାକ୍ୟାବଳୀକୁ କାବ୍ୟ ବାକ୍ୟ ବୋଲି କୁହାଯାଏ । ପଥଭ୍ରଷ୍ଟ ଉନ୍ମାର୍ଗଗାମୀ ମନୁଷ୍ୟକୁ କର୍ତ୍ତବ୍ୟ ମାର୍ଗରେ ଓ ସତ୍‌ପଥରେ

ପରିଚାଳନା କରିବାପାଇଁ ବିଶ୍ୱର ସକଳ କାବ୍ୟର ବାକ୍ୟାବଳୀ ସହଜ ସରଳ ବୋଧଗମ୍ୟ ମନୋରମ ରସଯୁକ୍ତ କାନ୍ତ କୋମଳ ବାକ୍ୟରେ ହିଁ ରଚିତ । 'ବାକ୍ୟଂ ରସମୟଂ କାବ୍ୟମ୍' । କବି ମାନଙ୍କର କାବ୍ୟ ବାକ୍ୟମାନ Sugar-coated Quinine (ଚିନି ପୁଟଦିଆ କୁଇନାଇନ ବଟିକା) tablet ପରି ଉପରକୁ ମଧୁର ସ୍ୱାଦ ହେଲେ ମଧ ଭିତରେ ଅତ୍ୟନ୍ତ ତିକ୍ତ ରସଯୁକ୍ତ । ଉଦାହରଣ ସ୍ୱରୂପ :

'ଅଙ୍ଗମ୍ ଗଳିତଂ ପଳିତଂ ମୁଣ୍ଡଂ ଦଶନବିହୀନଂ ଜାତଂ ତୁଣ୍ଡମ୍ ।

କରଧୃତ କମ୍ପିତ ଶୋଭିତ ଦଣ୍ଡଂ ତଦପି ନ ମୁଞ୍ଚତ୍ୟାଶା ଭାଣ୍ଡମ୍ ।।'- ମୋହ ମୁଦ୍‌ଗର ।।

'କର ଚରଣ ନ ଚଳଇ । ମଦନେ କମ୍ପୁଅଛି ଦେହୀ ।' – ଭାଗବତ, ଜଗନ୍ନାଥ ଦାସ ।।

ପୁଣି, 'କାଚ ସଙ୍ଗରେ ଥିଲେ ମଣି । ତାହାକୁ କାଚ୍ ମଧ୍ୟେ ଗଣି ।।

ବୃଥା ଯେ ଗ୍ରନ୍ଥ ଅଧ୍ୟୟନ । ଯେବେ ନକରେ ଆଚରଣ ।।

ବଳଦ ବହେ ଚିନି ଭାର । ମାଧୁରୀ ନଜାଣେ ତାହାର ।।

ଆହାର ନିଦ୍ରା ଭୟ ଜ୍ଞାନ । ମାନବ ପଶୁରେ ସମାନ ।। - ଫକୀର ମୋହନ ।।

ପରମ ପ୍ରେମମୟ ଠାକୁରେ ତାଙ୍କର ପ୍ରିୟ ଶିଷ୍ୟ, ଦାସ, ସେବକ, ଅନୁଗତ ଏପରିକି ବିଶ୍ୱମାନବ ଜାତିକୁ ଏହିପରି ମାଧୁର୍ଯ୍ୟ ରସ ଭରା ବାକ୍ୟରେ କାବ୍ୟିକ ରୀତିରେ କୋମଳ ପଦାବଳୀରେ ଅସଂଖ୍ୟ ଅଗଣିତ ଅଧର ପୀୟୁଷ ଯାଚି ଦେଇ ଚାଲିଛନ୍ତି–

'ଚହଲି ଯାଉଚି ପାଦରୁ ମନ । ଆଖିବୁଜି କରୁ କାହାକୁ ଧ୍ୟାନ ?

ଭଲପାଇ ଶିଖ, ମାନସ ଜପ । ଛାଡ଼ିଦିଅ ମୂଳୁ ଅଯଥା ଗପ ।।'

କାମନାବାସନା ପରିତ୍ୟାଗ କରି ଶ୍ରୀଗୁରୁସ୍ୱାମୀ ଶ୍ରୀଠାକୁରଙ୍କର ଉପର୍ଯ୍ୟୁକ୍ତ ତ୍ରିବିଧ ବାକ୍ୟ - ପ୍ରଭୁ ସମ୍ମିତମ୍, ମିତ୍ର ସମ୍ମିତମ୍ ଓ କାନ୍ତା ସମ୍ମିତମ୍ - ସକଳକୁ ପ୍ରାଣେ ପ୍ରାଣେ ହୃଦ୍‌ବୋଧ କରି ସଂସାର ପଥରେ ସାଧନ ମାର୍ଗରେ ବୀର ବିକ୍ରମରେ ପାଦେ ପାଦେ ଆଗେଇ ଚାଲିଲେ ଆମେମାନେ ଆମ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଏ ଜନ୍ମରେ ପହଞ୍ଚିଯାଇ ଜୀବନ୍ମୁକ୍ତ ହୋଇଯିବା - ଏହାହିଁ ଆମର ଦୃଢ଼ ପ୍ରତ୍ୟକ୍ଷ ଅନୁଭୂତିସମ୍ପନ୍ନ ଅଟଳ ଅଚଳ ବିଶ୍ୱାସ ।। ଅଳମତି ବିସ୍ତରେଣ !



ଓମିତି ନମସ୍କାରାନ୍ତେ -

ଶ୍ରୀ କେଶବ ସମର୍ପଣ ମସ୍ତୁ !!

ବିନୀତ,

**କେଶବ ଦାସ**

**ସମ୍ପାଦକ 'ଚରମ'**

# 'ଚରମ'ର ଚିନ୍ତନ





## ବୈରାଗ୍ୟ

କବିରଙ୍କ ଭାଷାରେ –

'ମାୟା ମରିନା ମନ୍ ମରା ମର୍‌ମର୍ ରହା ଶରୀର୍ ।
ଆଶା ତୃଷ୍ଣା ନା ମରି କହଗୟେ ଦାସ୍ କବୀର ॥''

**ବାଲ୍ୟରୁ** ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ଜଡ଼ ଶରୀର ସବୁ ଅବସ୍ଥା ମଧଦେଇ ଗତି କରି ଶେଷରେ ମୃତ୍ୟୁଶଯ୍ୟାରେ ଷାଣୁ ହୋଇ ପଡ଼ିରହିଥିଲେ ମଧ ଜୀବର ମାୟା, ମନ, ଆଶା, ତୃଷ୍ଣା, କାମନା, ବାସନାର ଅନ୍ତ ହୁଏ ନାହିଁ । ଏକମାତ୍ର ଆମର ସକଳ ନିୟନ୍ତା (ଠାକୁରେ) ଚାହିଁଲେ, ଆମକୁ ନିଜର ଶ୍ରୀକରକମଳରେ ଦୃଢ଼ରୂପେ ଧରି ଆମର ମାୟା ମୋହ, କାମନା ବାସନା, ଆଶା ତୃଷ୍ଣା, ମନ, କାମ ଇତ୍ୟାଦିକୁ ସୁନିୟନ୍ତ୍ରଣ କରି ଜନ୍ମ-ମୃତ୍ୟୁ ପରି ବିଶୁଦ୍ଧ ତତ୍ତ୍ୱ ଉତ୍ତମ ରୂପେ ହୃଦୟଙ୍ଗମ କରାଇ ଦେବେ । ତେବେ ପ୍ରଥମ କଥା ହେଉଛି,ଆମେ ଧାରା ଧରି ତାଙ୍କୁ ଧରା ଦେଲେ ଯାଇ ସେ ଯାହା କରିବା କଥା କରିବେ ସିନା ! ନ ହେଲେ ଆମକୁ ବିଷୟ ରସରେ ଖେଳାଇ ମଜାଇ ନାକେଦମ୍ କରିଦେବେ ॥

ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ମଧ ଅନୁରୂପ ଚିନ୍ତନ ସ୍ୱକୀୟ ଭାବ ଓ ଭାଷାରେ ଅତି ସୁନ୍ଦର ଭାବରେ ପ୍ରକାଶ କରି ଯାଇ ଛନ୍ତି -

'ପୁନରପି ରଜନୀ ପୁନରପି ଦିବସଃ
ପୁନରପି ପକ୍ଷଃ ପୁନରପି ମାସଃ ।
ପୁନରପି ଅୟନଂ ପୁନରପି ବର୍ଷଂ
ତଦପି ନ ମୁଞ୍ଚତ୍ୟାଶାମର୍ଷଂ ॥' ଅର୍ଥାତ୍ - ରାତ୍ରି ପରେ ରାତ୍ରି, ଦିନ ପରେ ଦିନ, ପକ୍ଷ ପରେ ପକ୍ଷ, ମାସ ପରେ ମାସ, ଅୟନ ପରେ ଅୟନ (ଉତ୍ତରାୟଣ ଓ ଦକ୍ଷିଣାୟନ), ବର୍ଷ ପରେ ବର୍ଷ ବାରମ୍ୱାର ଆସୁଛି ଓ ଯାଉଛି, ତଥାପି ମଣିଷ ମନର ଆଶା ତ୍ୟାଗ କରି ପାରୁ ନାହିଁ । ଦୁଷ୍ଟବୁଦ୍ଧି ସମ୍ପନ୍ନ ଲୋକେ ଯାହା କଦାପି ତ୍ୟାଗ କରିପାରନ୍ତି ନାହିଁ, ସେମାନେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହେଲେ ମଧ ଯାହା ବୃଦ୍ଧ ହୁଏ ନାହିଁ, ଯାହା ପ୍ରାଣ ନଗଲେ ଶରୀରକୁ ଛାଡ଼ିଯାଏ ନାହିଁ ତାହାହିଁ ତୃଷ୍ଣା । ତାହା ସକଳ କାମକାମନାର ମୂଳ । ତାହା ରୂପ ରସ ଗନ୍ଧ ଶବ୍ଦ ଓ ସ୍ପର୍ଶ ନିମନ୍ତେ ସର୍ବଦା ଇନ୍ଦ୍ରିଗଣଙ୍କୁ ମନ ଓ ସଂସ୍କାର ସହିତ ମିଳିତ କରାଇବା ଉଦ୍ୟମରେ ରହିଥାଏ । ତେଣୁ ଜୀବ ଶରୀର ଧରି ସର୍ବଦା ଦୁଃଖରେ ମୃତପ୍ରାୟ ହୋଇ ଜୀବନର ସ୍ୱାଦୁ ଆସ୍ୱାଦନ କରିପାରେ ନାହିଁ । ମନକୁ ଶ୍ରୀପାଦପଦ୍ମରେ ସର୍ବଦା ସ୍ଥିର ଅବିଚ୍ଛଳ ରଖି ବୈରାଗ୍ୟ ପ୍ରକରଣରେ ମନୋନିବେଶ କରି ଠାକୁରଙ୍କର କରୁଣା ଓ କଲ୍ୟାଣ ଭିକ୍ଷା କଲେ, ଜୀବ ତୃଷ୍ଣା କବଳରୁ ରକ୍ଷା ପାଇଯାଏ । ତୃଷ୍ଣାକୁ ସମୂଳେ ମନମୂଳରୁ ଉପାଡ଼ି ଫିଙ୍ଗିଦେଇ ପାରିଲେ, ଆମେ ପ୍ରକୃତ ଅର୍ଥରେ ଶାନ୍ତି, ସୁଖ ଓ ଆନନ୍ଦ ରସ ଆସ୍ୱାଦନ କରି ପାରିବା । ଏହା ନିତ୍ୟ ଶାନ୍ତି, ନିତ୍ୟ ଆନନ୍ଦ । ଅନିତ୍ୟ ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁ ସକଳରୁ ଏହି ନିତ୍ୟ ସ୍ୱାଦ ମିଳିପାରେ ନାହିଁ ॥

**ଶ୍ରୀ**ଗୁରୁସ୍ୱାମୀଙ୍କର ପଦ୍ମପାଦରେ ଏକାନ୍ତ ଭକ୍ତି ଭାବରେ ଶରଣାଗତ ହୋଇ ସ୍ଥୂଳ ଜଗତକୁ ଯଥାସମ୍ଭବ ପାଶୋରି ଗଲେ, ସଂସାର ବନ୍ଧନରୁ ଅଚିରେ ମୁକ୍ତି ମିଳେ । ଏହି ପ୍ରକ୍ରିୟା ଅଭ୍ୟାସ ଦ୍ୱାରା ଇନ୍ଦ୍ରିୟ ସହିତ ମନକୁ ବିଚ୍ଛେଦ କରାଇ ପଦ୍ମପାଦ ସହିତ ସତତ ମିଳନ କରାଇବାର ସାଧନରେ ସିଦ୍ଧ ହେଲେ, ହୃଦୟ ଆସନରେ ଉପବିଷ୍ଟ ଠାକୁରଙ୍କର ଦର୍ଶନ ମିଳେ । ଈଶ୍ୱର (ଠାକୁରେ) ସମସ୍ତ ପ୍ରାଣୀଙ୍କ ହୃଦୟରେ ବାସ କରନ୍ତି । ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯମ ଓ ସଂଯତ କଲେ, ହୃଦୟସ୍ଥ ଠାକୁର (ପରମେଶ୍ୱର)ଙ୍କ ଦର୍ଶନ ମିଳିଥାଏ ।

**ଦେ**ବ ମନ୍ଦିର ବା ଗଛମୂଳରେ ବାସ, ଭୂତଳରେ ଶୟନ, ମୃଗଚର୍ମ ପରିଧାନ ଏବଂ ସକଳ ପ୍ରକାର ଭୋଗ ସମ୍ଭୋଗ ଓ ପରିଗ୍ରହ ତ୍ୟାଗ - ଏପରି ବୈରାଗ୍ୟ କାହାକୁ ବା ସୁଖ ନଦିଏ ? ଅର୍ଥାତ୍ ସକଳ ପ୍ରକାର ଅବସ୍ଥାରେ ମାନସିକ ଓ ଶାରୀରିକ ସନ୍ତୋଷ ହିଁ ସୁଖପ୍ରଦ । ଏହା ଶାନ୍ତିପ୍ରଦ । ଏଥିରୁ ହିଁ ପ୍ରକୃତ ଭୂମାନନ୍ଦ ପ୍ରାପ୍ତ ହୋଇଥାଏ । ଏହାହିଁ ଚରମ ଅବସ୍ଥା । ଚରମପ୍ରାପ୍ତି ।

**କା**ମନା ବା ତୃଷ୍ଣା ସକଳ ଦୁଃଖର କାରଣ । 'ତୃଷ୍ଣାର୍ଭଂ ପ୍ରଭବଂ ଦୁଃଖ' । ବସ୍ତୁ ପ୍ରାପ୍ତିର ତୃଷ୍ଣା ମନରେ ବସା ବାନ୍ଧିଲେ, ତାହାରି ପୀଡ଼ା ହିଁ ଦୁଃଖ । ସକାମ ବ୍ରତ ଉପବାସ, ପୂଜା ଉପାସନାଦି ଆତ୍ମାକୁ କଦାପି ଶାନ୍ତି ପ୍ରଦାନ କରିପାରେ ନାହିଁ ।

**କ**ବୀରଙ୍କ ଭାଷାରେ -

**'ଗୋଧନ୍ ଗଜ୍‌ଧନ୍ ବାଜିଧନ୍ ଔର ରତନ୍ ଧନ୍ ଖାନ୍ ।**

**ଜବ୍ ଆୱେ ସନ୍ତୋଷ୍ ଧନ୍ ସବ୍ ଧନ୍ ଧୂରି ସମାନ୍ ।।'** ସନ୍ତୋଷ ରୂପକ ଧନରେ ଯିଏ ଧନୀ ତା'ପାଇଁ ସବୁ ପ୍ରକାର ଧନ ଧୂଳିମାଟି ସହିତ ସମାନ । ଯାହାର ତୃଷ୍ଣା ନାହିଁ, ତା'ଠାରୁ ଅଧିକ ଧନୀ ଇହ ବା ପରଲୋକରେ ଆଉ କେହି ନାହିଁ ।

**ରା**ଗ, ଅନୁରାଗ, ବିରାଗ । ରାଗ ବୋଇଲେ ସଂପ୍ରୀତି । ଅନୁରାଗର ଅର୍ଥ - ସଂପ୍ରୀତିରୁ ଜାତ ପ୍ରେମଭାବ ବା ଭଲପାଇବା । ବିରାଗର ଅର୍ଥ ହେଉଛି, ବିଗତ ହୋଇଅଛି ରାଗ ବା ଯହିଁରେ ସଂପ୍ରୀତି ହିଁ ନାହିଁ । ଏହି ବିରାଗ ଯାହାର ଅଛି ତା'କୁ ବିରାଗୀ ବା ବୈରାଗୀ କୁହାଯାଏ । ବିରାଗୀ ବା ବୈରାଗୀର ଭାବ ହିଁ ବୈରାଗ୍ୟ । ସକଳ ପ୍ରକାର ଜାଗତିକ ପ୍ରାପ୍ତି, ଇନ୍ଦ୍ରିୟଗ୍ରାହ୍ୟ ବିଷୟ, ସାଂସାରିକ ସମ୍ବନ୍ଧାଦିରେ ଯାହାର ସଂପ୍ରୀତି ନଥାଏ ତାଙ୍କୁହିଁ ବୈରାଗୀ କୁହାଯାଏ ଓ ସେହି ବୈରାଗୀଙ୍କର ଅନ୍ତଃକରଣର ସୂକ୍ଷ୍ମଭାବ ହିଁ ବୈରାଗ୍ୟ ଅଟେ ।।

**ଯୋ**ଗରେ ରତ ବା ଭୋଗରେ ରତ - ସକଳ ଅବସ୍ଥାରେ ଯାହାର ମନ ଠାକୁରଙ୍କ ପଦ୍ମପାଦରେ ଲାଗି ରହିଥାଏ, ତା'ର ଦୁଃଖ ହିଁ ନଥାଏ । ବିପଦ ଆପଦ ତା'ର କୌଣସି କ୍ଷତି କରିପାରେ ନାହିଁ । ସେ ପରମ ଆନନ୍ଦରେ କାଳାତିପାତ କରେ । ଆମେ ଦେଖୁଛୁଁ, କେହି ଦେହି ମୁଣ୍ଡରେ ଜଟା ବଢ଼ାଇ ଥାଆନ୍ତି, କେହି କେହି ମୁଣ୍ଡ ଲଣ୍ଡା ହୋଇ ପଡ଼ନ୍ତି, ପୁଣି କେହି କେହି ଗେରୁଆ ଲୁଗା ପିନ୍ଧନ୍ତି । ଲୋକେ ନିଜନିଜର ଉଦରପୋଷଣ ନିମନ୍ତେ ଏହିପରି ନାନା ପ୍ରକାର ଭେକ ଧାରଣ କରିଥାଆନ୍ତି । କିନ୍ତୁ ସେହି ମୂଢ଼ମାନେ ସତ୍ୟକୁ ଦେଖି ମଧ ନଦେଖିଲା ପରି କାର୍ଯ୍ୟ କରୁଥାଆନ୍ତି । ତେଣୁ ସେମାନେ କୌଣସି କୂଳର ହୁଅନ୍ତି ନାହିଁ । କାରଣ ଆମ ଜାଣିବାରେ ଆତ୍ମଜ୍ଞାନ ବିନା କିଛି ହିଁ ମିଳେନା । କାମ, କ୍ରୋଧ, ଲୋଭ, ଅହଂକାର ଆଦି ସମୂଳେ ପରିତ୍ୟାଗ କରି ଠାକୁରଙ୍କୁ ଭଜନ, କୀର୍ତ୍ତନ, ଧ୍ୟାନ ପ୍ରାର୍ଥନା, କରୁଣା ଓ କଲ୍ୟାଣ ଭିକ୍ଷା ସହିତ ସତ୍ୟର ଅନୁସନ୍ଧାନ ହିଁ ଠାକୁରଙ୍କୁ ପ୍ରାପ୍ତ କରିବା ତଥା ଚରମ ପ୍ରାପ୍ତିର ଏକମାତ୍ର ସହଜ ପଥ ।।

**ବୈ**ରାଗ୍ୟ ବ୍ୟତୀତ କାମ, କ୍ରୋଧ, ଲୋଭ, ଅହଂକାର ଆଦିର କପଟ ପାଶରୁ ମୁକ୍ତି ମିଳେ ନାହିଁ । କିନ୍ତୁ ଠାକୁଙ୍କର କରୁଣା ଓ କଲ୍ୟାଣ ଭିକ୍ଷା ନକଲେ ଓ ସେ ଆମର ଭିକ୍ଷାପାତ୍ରରେ କରୁଣା ଓ କଲ୍ୟାଣ ଢ଼ାଳି ନଦେଲେ ବୈରାଗ୍ୟ ଲାଭ

ଆମ ପକ୍ଷରେ କସ୍ମିନ୍‌କାଳେ ସମ୍ଭବ ନୁହେଁ । ଏହା ଆମର ଦୃଢ଼ମୂଳ ପ୍ରତ୍ୟକ୍ଷ ଜ୍ଞାନଲବ୍ଧ ବିଷୟ । ଏହାହିଁ ଆମର ଆଜୀବନ ଦୃଢ଼ ବିଶ୍ୱାସ । କାରଣ, ଆମ ଦେଖିବାରେ ଓ ଜାଣିବାରେ ଏପରି ଲୋକେ ମଧ୍ୟ ସମାଜରେ ଅଛନ୍ତି, ଯେଉଁମାନଙ୍କର ଅଙ୍ଗ ଶିଥିଳ ହୋଇଗଲାଣି, ମୁଣ୍ଡବାଳ ପାଚିଗଲାଣି, ମୁଖ ମଧ୍ୟ ଦନ୍ତବିହୀନ ହେଲାଣି, ବାଟ ଚାଲିବା ପାଇଁ ହାତରେ ଧରିଥିବା ବାଡ଼ି ଖଣ୍ଡିକ ମଧ୍ୟ ସ୍ଥିର ନରହି ଥରଥର ଥରିଲାଣି କାରଣ ତାଙ୍କର ହାତପାଦ ଥରିଲାଣି, ଅଥଚ ସେମାନଙ୍କର ସଂସାର, ପରିବାର, ଧନ ସମ୍ପତ୍ତି, କାମକାମନାର ପରିତୃପ୍ତିର ଆଶା ଓ ତୃଷ୍ଣା ପ୍ରତି ରାଗ ଅନୁରାଗ ପୂର୍ଣ୍ଣମାତ୍ରରେ ମନ ମଧ୍ୟରେ ପରିପୂର୍ଣ୍ଣ ହୋଇ ରହିଛି । ସେମାନେ ଆଶା ଆକାଂକ୍ଷା ପରିତ୍ୟାଗ କରିପାରୁ ନାହାନ୍ତି କିମ୍ବା ବୈରାଗ୍ୟ ମାର୍ଗର ପଥିକ ହୋଇ ପାରୁନାହାନ୍ତି । ଫଳତଃ ଅହୋରାତ୍ର ନାନାଦି ଦୁଶ୍ଚିନ୍ତା, ଦୁଃଖ, ଶୋକ, ମନସ୍ତାପ, ଅବସାଦ, ବିଷାଦ ଭାରରେ ଅବସନ୍ନ ଓ ବିଷର୍ଣ୍ଣ ହୋଇ ଦୁଃସ୍ଥ ଜୀବନ ଅତିବାହିତ କରୁଅଛନ୍ତି । ଏହାଠାରୁ ଅଧିକ ଦୁଃଖ ଏବଂ ଆଶ୍ଚର୍ଯ୍ୟର ବିଷୟ ଆଉ କ'ଣ ଅଛି ??

ଜାଣିବା (ଜ୍ଞାନ), ମାନିବା (ଭକ୍ତି) ଓ କରିବା (କର୍ମ) ଦ୍ୱାରା ସଂସାରରେ ସବୁ ବିଷୟରେ ଶୀଘ୍ର ଫଳପ୍ରାପ୍ତି ହୋଇଥାଏ । ଯେଉଁ ଜ୍ଞାନ ଆହରଣ ହେଉଛି, ତହିଁରେ ଅଟଳ ଭକ୍ତିରଖି କର୍ମ କରିଚାଲିଲେ, ଠାକୁରେ ସନ୍ତୁଷ୍ଟ ହୋଇ କରୁଣା ଓ କଲ୍ୟାଣ କରନ୍ତି । ଦୃଢ଼ ବିଶ୍ୱାସର ସହିତ ଜାଣିଥିବା କଥାକୁ ଅଟଳ ଭକ୍ତିର ସହିତ କର୍ମରେ ବାସ୍ତବ ରୂପ ଦେଲେ ଯାଇ ମୁକ୍ତି, ମୋକ୍ଷ, ନିର୍ବାଣ, ଚରମ ଓ ଭଗବତ୍ ପ୍ରାପ୍ତି ସମ୍ଭବ ହୁଏ । ଗ୍ରନ୍ଥାଦି ପଠନ ଦ୍ୱାରା ଯେଉଁ ଜ୍ଞାନ ହୁଏ ତାହା ମୁକ୍ତି ଦେଇ ପାରେନା । ତାହା ମୁକ୍ତିର ପଥ ଦେଖାଏ । ସେ ପଥ ଦେଖି ମଧ୍ୟ ପଥିକ ନସାଜିଲେ, ଲକ୍ଷ୍ୟସ୍ଥଳରେ କିପରି ପହଞ୍ଚି ପାରିବା ? 'ଈଶ୍ୱର ଜ୍ଞାନ ହିଁ ଜ୍ଞାନ । ଆଉ ସବୁ ଅଜ୍ଞାନତା' । ଏକଥା ରାମକୃଷ୍ଣ ପରମହଂସ ଦେବ କହିଛନ୍ତି । ଗୀତାର ସପ୍ତମ ଅଧ୍ୟାୟରେ ଅଛି - ଯେଉଁମାନେ ସମଗ୍ର ବ୍ରହ୍ମାଣ୍ଡକୁ ବାସୁଦେବ ଜ୍ଞାନ କରନ୍ତି, ସେହିମାନେ ହିଁ ପ୍ରକୃତ ଜ୍ଞାନୀ । ଯିଏ ପ୍ରକୃତ ଜ୍ଞାନୀ, ତା'ର କୌଣସି ବନ୍ଧନ ନଥାଏ; କାରଣ ସେ ବୈରାଗୀ; ବୈରାଗ୍ୟ ପ୍ରକରଣରେ ଅଧିଷ୍ଠିତ ॥

'ଏକମାତ୍ର ଜ୍ଞାନ ହିଁ ମୋକ୍ଷର ବାଟ, ଆଶ୍ରମ ନୁହେଁ କି ଦର୍ଶନ ମଧ୍ୟ ନୁହେଁ ॥'

- ଉପନିଷଦ୍ ॥



ଭାଇ ବନ୍ଧୁ ସଖା ସୋଦର
କେହି ନୁହନ୍ତି ତୋର,
ଚେତନା ମନ୍ଦିର ଖୋଜିରେ
ତହିଁ କର ତୁ ଘର ।
ଦେଖିବୁ କିଏ ସେ ତୋହର
ଅତି ଆପଣା ଜନ,
ଆତ୍ମା ପୁରୁଷକୁ ଚିହ୍ନିବୁ
ଥୟ ଧରରେ ମନ ॥



# ଶ୍ରୀମନ୍ଦିର

## ବନ୍ଦେ ମହାପୁରୁଷ ! ତେ ଚ଼ରଣାରବିନ୍ଦମ୍ !!!

### : ଅଚ୍ୟୁତଙ୍କ ଲେଖନୀରୁ : ପରମ ଗ୍ୟାଂନ ଗୀତାରୁ ଉଦ୍ଧୃତ:

ଦୁର୍ଲ୍ଲଭ ଏ ନରଘଟ ଯେଥୁ ଶ୍ରେଷ୍ଠ ନାହିଁ ।
ଘଟକୁ ତେଜିଲେ ମନ ପାଇବୁ ତୁ କାହିଁ ॥
ଜଗତେ ପୂରିଛି ସେହି ନ ଦେଖନ୍ତି କେହି ।
ପ୍ରତିମା ପୂଜି ହୋଉଥାନ୍ତି ବାଇ ॥

ନିଶ୍ଚଳ ଆସନେ ବସି ସାଧନା ସାଧିବ । ମେରୁକୁ ସଳଖି ବ୍ରହ୍ମରନ୍ଧ୍ରେ ଦୃଷ୍ଟିଦେବ ॥
ଯେତେବେଳେ ମନ ତୋର ନାସାଗ୍ରେ ରହିବ । ତ୍ରିକୁଟ ସନ୍ଧିରେ ତୋର ଅଗ୍ନି ବାହାରିବ ॥
ଶୂନ୍ୟରେ ଖେଳୁଛି ହଂସ ଶୂନ୍ୟେ ବିହରୁଛି । ଗଗନ ଶିଖରେ ନେଇ ଚ଼ଳାଇବୁ ମତି ॥
ତେବେ ସେ ପରମ ଆତ୍ମା ଚାରିଯୁଗେ ଥିବ । କମଳ କେଶରେ ପଶି ମାଧୁରୀ କରିବ ॥
ମୂଳ କମଳକୁ ଚାପି ବସିବ ସଧୀରେ । ମନକୁ ନେଇ ଥାପିବ ବ୍ରହ୍ମରନ୍ଧ୍ର ଠାରେ ॥
ସୂଚୀରନ୍ଧ୍ର ଠାରେ ବାଟ ଗୋଲାକକୁ ଥାଇ । ଦେଖୁ ଦେଖୁ ମତ୍ତଗଜ ଗମନ କରଇ ॥
ନିଶ୍ଚଳ ହୋଇଣ ସେହି ବାଟେ ଚ଼ଳିଯିବ । ଗୋଲୋକ ମନ୍ଦିରେ ଯାଇଂ ପ୍ରବେଶ ହୋଇବ ॥
ଗୋଲକ ମନ୍ଦିରେ ଅଛି ଅପୂର୍ବ ରହସ୍ୟ । ରହସ୍ୟ ଦେଖିଣ ପ୍ରଭୁ ଚ଼ଳିବେ ପ୍ରବାସ ॥
ତକ୍ଷୁ ଥାଉଂ ଥାଉଂ ଜନେ ହୋଇଛନ୍ତି କଣା । ଚ଼େତା ଥାଉଂ ଥାଉଂ ଲୋକେ ହେଉଛନ୍ତି ବଣା ॥
ତୋହରି ଦେହରେ ପ୍ରଭୁ ଜକଜକ ହୋଇ । ଆଗଦୃଷ୍ଟି ପଛକଲେ ଦେଖିବୁ ଯେ ତୁହି ॥
ମାଙ୍କଡ଼ସା ସୂତା ପ୍ରାଏ ତହିଁ ଦ୍ୱାର ଦିଶି । ତହିଂ ପରେ ଆତ୍ମାରାମ ଜୀବଟି ପ୍ରବେଶି ॥
ମନୁଷ୍ୟ ଜୀବନ ହୋଇ ସିନା ଅକାରଣ । ଶୂନ୍ୟ ପୁରୁଷକୁ ଦିନେ ନ ଚ଼ିହ୍ନିଲୁ ପୁଣ ॥

ଆଖିର ପିତୁଳା ଯେବେ ଅଲଗା କରିବୁ ।
ତେବେ ସେ ପରମ ଆତ୍ମା ନୟନେ ଦେଖିବୁ ॥
ଦୃଷ୍ଟିରେ ଦେଖିବୁ ମନ ଲୟରେ ରଖିବୁ ।
ଅଣାକାର ମନ୍ତ୍ରକୁ ତୁ ହୃଦରେ ଜପିବୁ ॥

ଏହାର ଭାବାର୍ଥ 'ଚରମ'ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ହେବ ॥



# ପୁରାଣ ପୃଷ୍ଠାରୁ

ଗଦ୍ୟାଂଶ

## ତ୍ରିଜଟାର ସୀତାଙ୍କୁ ପ୍ରବୋଧନା

ଇନ୍ଦ୍ରଜିତ ସହିତ ଯୁଦ୍ଧରେ ଲିପ୍ତଥିବା ଅବସ୍ଥାରେ ଶ୍ରୀରାମ ଓ ଲକ୍ଷ୍ମଣ ଇନ୍ଦ୍ରଜିତ୍ ଦ୍ୱାରା ନାଗ ପାଶରେ ବନ୍ଧନଯୋଗ ଭୋଗକଲେ । ରାମ ଲକ୍ଷଣଙ୍କର ନାଗ ପାଶରେ ବନ୍ଧନ ସମ୍ବାଦ ପାଇବା ପରେ ସୀତା ଅଶୋକ ବନରେ ରୋଦନ କରିବାକୁ ଲାଗିଲେ । ତ୍ରିଜଟା ରାକ୍ଷସୀ ସୀତାଙ୍କୁ ପ୍ରବୋଧ ଦେବାକୁ ଲାଗିଲା । ତ୍ରିଜଟା ସୀତାଙ୍କୁ ପ୍ରବୋଧନା ଦେଇ କହିଲା -

ସୀତେ, ପୃଥିବୀ ସକଳ ଭାର ସହ୍ୟ କରିପାରେ ବୋଲି ତା'ର ଅନ୍ୟନାମ ସର୍ବଂସହା । ସେ ପୃଥିବୀ ମାତା । ମାଆ ଯେପରି ସନ୍ତାନର ସମସ୍ତ ଅଳି ଅର୍ଦ୍ଦଳି ସହାସ୍ୟ ବଦନରେ ସହ୍ୟ କରିନିଏ, ପୃଥିବୀ ସେପରି ସବୁ ଭାର ହସି ହସି ସହ୍ୟ କରେ; ମାତ୍ର ଅଶୁଚି ବା ପାପଭାର ପୃଥିବୀ ସହ୍ୟ କରିପାରେ ନାହିଁ । ଇନ୍ଦ୍ରଜିତ ଦ୍ୱାରା ରାମ ଲକ୍ଷଣ ନାଗପାଶରେ ବନ୍ଧନ ହୋଇଥିଲେ ମଧ୍ୟ ମୋର ଦୃଢ଼ ବିଶ୍ୱାସ ସେମାନେ ଜୀବନ ହରାଇ ନାହାନ୍ତି । ସେମାନେ ଜୀବନ ହରାଇଥିଲେ, ପୃଥିବୀ ମାତା ଖଣ୍ଡ ବିଖଣ୍ଡିତ ହୋଇ ଯାଇ ଥାଆନ୍ତା । ସୀତା ଗୋ, ତୁ ଆଉ କ୍ରନ୍ଦନ କର ନାହିଁ । ରାମ ଲକ୍ଷଣ କଦାପି ଜୀବନ ହରାଇବେ ନାହିଁ । ବହୁଦିନ ହେବ ତୁ ଦୁଃଖ ଭୋଗ କରି ଆସୁଛୁ, ଧୈର୍ଯ୍ୟ ଧରି ଅପେକ୍ଷା କର; ଆଉ ଅଳ୍ପଦିନ ତୋତେ ଦୁଃଖ ଭୋଗ କରିବାକୁ ହେବ । ତା'ପରେ ତୋର ଦୁଃଖ ଭୋଗର ପର୍ଯ୍ୟାୟ ଶେଷ ହେବ । ଶ୍ରୀରାମଙ୍କ ସହିତ ତୋର ମିଳନ ହେବ । ତୋର ଆଉ କୌଣସି ଚିନ୍ତା ଭାବନା ରହିବ ନାହିଁ । ତୋ ନିକଟରେ ତୁ ତୋର ପତିଦେବତାଙ୍କୁ ପାଇ ସୁଖୀ ହେବୁ ।

ଏହିପରି କହି ତ୍ରିଜଟା ରାକ୍ଷସୀ ସୀତାଙ୍କୁ ନେଇ ଅଶୋକ ବନର ଗୋଟିଏ ଅଶୋକ ବୃକ୍ଷ ମୂଳରେ ବସାଇ ନିଜେ ତାଙ୍କ ନିକଟରେ ବସିଲା । ଜଗୁଆଳି ଦାୟିତ୍ୱରେ ଥିବା ଅନ୍ୟାନ୍ୟ ରାକ୍ଷସୀମାନେ ହାତରେ ସ୍ୱର୍ଣ୍ଣ ନିର୍ମିତ ବେତଧରି ଘୂରାଉଥିଲେ । ତ୍ରିଜଟା କହିଲା - ଶ୍ରୀରାମ ଓ ଲକ୍ଷ୍ମଣ ନାଗପାଶ ବନ୍ଧନରେ ପଡ଼ିଛନ୍ତି । ଯେତେ କପି  ସମସ୍ତେ ମଥାରେ ହାତ ବାଡ଼େଇ କାନ୍ଦୁ ଅଛନ୍ତି । ରଘୁବୀର ରାମଚନ୍ଦ୍ର ବେଦନାରେ ଅସ୍ଥିର ହେଉଛନ୍ତି ଏବଂ ତାଙ୍କର ଯନ୍ତ୍ରଣା କଥା ଭାବି ବ୍ରହ୍ମା ଆଦି ଦେବତା ଗଣ ଅସ୍ଥିର ହେଉଅଛନ୍ତି । ଇନ୍ଦ୍ର ଆଦି ଦେବତାମାନେ ଏକତ୍ର ବସି ମନ୍ତ୍ରଣା କରି ପବନକୁ ଡ଼କାଇ ଆଣି ପଚାରିଲେ - ହେ ପବନ, ତୁମେ କ'ଣ କିଛି ସମାଚାର ପାଇନାହଁ ? ଶ୍ରୀରାମ ଲକ୍ଷ୍ମଣଙ୍କୁ ନାଗପାଶରେ ବନ୍ଧା ହୋଇ ଅଛନ୍ତି ବୋଲି କ'ଣ ତୁମେ ଏ ପର୍ଯ୍ୟନ୍ତ ଜାଣି ନାହଁ ? ଆମକୁ ଜୟ କରିଥିବା ଇନ୍ଦ୍ରଜିତ ଯୁଦ୍ଧରେ ଶ୍ରୀରାମ ଲକ୍ଷ୍ମଣଙ୍କୁ ନାଗପାଶରେ ବନ୍ଦୀ କରି ଲଙ୍କାପୁରକୁ ନେଇଯାଇଛି । ସେହି ଇନ୍ଦ୍ରଜିତ ଅତ୍ୟନ୍ତ ନିଦାରୁଣ ଓ ନିଷ୍ଠୁର ବୋଲି ବିଶ୍ୱଭୁବନରେ ବିଦିତ । ତୁମେ ଆମ କଥା ମାନି ରଘୁବୀର ରାମଚନ୍ଦ୍ରଙ୍କ ପାଖକୁ ଯାଇ କୁହ ଯେ, ସେ ଗରୁଡ଼କୁ ସ୍ମରଣ କଲେ, ନାଗପାଶ ବନ୍ଧନରୁ ମୁକ୍ତ ହେବେ । ଇନ୍ଦ୍ରଙ୍କ ବଚନ ରକ୍ଷାକରି ପବନ ଦେବତା ତତ୍କ୍ଷଣାତ୍ ଶ୍ରୀରାମଙ୍କ ନିକଟକୁ ଯାଇ କହିଲା - ହେ ପ୍ରଭୁ ପୁରୁଷୋତ୍ତମ ! ମୋର ପ୍ରଣାମ ଗ୍ରହଣ କର । ମୁଁ ତୁମର ଆଜ୍ଞାକାରୀ ପବନ । ତୁମେ ଗରୁଡ଼କୁ ସ୍ମରଣ କର । ପବନଙ୍କ ପରାମର୍ଶ ଅନୁସାରେ ବିଷ୍ଣୁ ଅବତାର ଶ୍ରୀରାମଚନ୍ଦ୍ର ଗରୁଡ଼କୁ ସ୍ମରଣ କରିବାମାତ୍ରେ ଗରୁଡ଼ର ଲଲାଟରେ ଟଙ୍କାର

ପଡ଼ିଲା । ଗରୁଡ଼ ତତ୍‌କ୍ଷଣାତ୍ ଗଗନ ମଣ୍ଡଳ ଓ ମହାଶୂନ୍ୟକୁ ଆଚ୍ଛାଦନ କରି ଉଡ଼ିଉଡ଼ି ଆସିଲା । ତାହାର ପକ୍ଷ ଦ୍ୱୟର ସଞ୍ଚାଳନ ହେତୁ ପୃଥିବୀ ପର୍ବତ ସମୂହ ଗଗନରେ ଉଡ଼ିବାକୁ ଲାଗିଲେ । ଦୂରରୁ ଗରୁଡ଼ର ନିଃଶ୍ୱାସ ଆଘାତ ଲାଗିବା ମାତ୍ରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କର ନାଗପାଶ ବନ୍ଧନ ଖସି ପଡ଼ିଲା । ବିନତାନନ୍ଦନ ଗରୁଡ଼ ନିକଟକୁ ଆସି ରାମଲକ୍ଷ୍ମଣଙ୍କର ପବିତ୍ର ଶରୀରରେ ନିଜର ପଦ୍ମହସ୍ତ ସଂଚାଳନ କରିବାକ୍ଷଣି ଉଭୟଙ୍କର ଚୈତନ୍ୟ ଉଦୟ ହେଲା ଓ ଉଭୟେ ଅଚେତନ ଅବସ୍ଥାରୁ ସଚେତନ ଅବସ୍ଥା ଫେରିପାଇଲେ । ରଘୁକୁଳତିଳକ ରାମଚନ୍ଦ୍ର ଗରୁଡ଼କୁ ସମ୍ବୋଧନ କରି ସୁକୋମଳ କଣ୍ଠସ୍ୱରରେ କହିଲେ - ସଖା ବିନତାନନ୍ଦନ, ତୁମେ ଥିଲ ବୋଲି ଆମକୁ ପ୍ରାଣଦାନ ଦେଲ । ଗରୁଡ଼ ଶ୍ରୀପାଦପଦ୍ମରେ ପ୍ରଣାମ ଜଣାଇ ବିନୀତ ସ୍ୱରରେ କହିଲା - ପ୍ରଭୁ, ମୁଁ ତ ତୁମର ଶ୍ରୀଚରଣର ଭୃତ୍ୟ (ସେବକ), ମୁଁ କଦାପି ତୁମର ସଖା ଯୋଗ୍ୟ ନୁହେଁ । ତୁମେ ସ୍ୱୟଂ ବିଷ୍ଣୁଙ୍କର ଅବତାର । ଏ ନିଖିଳ ଜଗତର ତୁମେ ପତି । ପତିବ୍ରତାର ଅଭିଶାପ ଗ୍ରସ୍ତ ହୋଇ ତୁମେ ତୁମ ନିଜକୁ ବିସ୍ମୃତ ହୋଇଯାଇଛ । ମୁଁ ତୁମ ବାହନ ଗରୁଡ଼ । ହେ ପ୍ରଭୁ, ତୁମେ ପୂର୍ବକଥା କ'ଣ ସମ୍ପୂର୍ଣ୍ଣ ବିସ୍ମରଣ କରିଦେଇଛ ? ତହୁଁ ଶ୍ରୀରାମ କହିଲେ - ହେ ପକ୍ଷୀବର, ତୁମେ ଆମର ଅଶେଷ ଉପକାର ସାଧନ କରିଅଛ । ମୁଁ ତୁମ ଉପରେ ସନ୍ତୁଷ୍ଟ ଓ ପ୍ରୀତ । ତୁମର ଯାହା ଇଚ୍ଛା ହେଉଛି, ତାହା ବର ମାଗିନିଅ । ତହୁଁ ଗରୁଡ଼ ଉଲ୍ଲସିତ ହୋଇ କହିଲା - ହେ [illegible] ! ଏ ନଗଣ୍ୟ ସେବକ ପ୍ରତି ଯେବେ ତୁମର ଏତେ କରୁଣା, ତେବେ ବହୁଦିନରୁ ମନ ମଧ୍ୟରେ ଇଚ୍ଛାଟିଏ ମୋର [illegible] ଦ୍ୱିଭୁଜ ମୁରଲୀଧର ରୂପ, ତ୍ରିଭଙ୍ଗ ଭଙ୍ଗିମ ରୂପ, ଗଳାରେ ବନମାଳା, ଶିଖୀପୁଚ୍ଛ ବନ୍ଧ ଚୂଡ଼ା, ଅଳକା ମଣ୍ଡିତ ଶଶି ଶ୍ରୀମୁଖ ମଣ୍ଡଳ, ପରିଧାନ ପୀତାମ୍ବର; ଏହି ରୂପ ଦର୍ଶନ କରିବା ପାଇଁ । ଏହି ରୂପରେ ମୋତେ କରୁଣାକରି ଦର୍ଶନ ଦିଅ ହେ କରୁଣାକର । ଏହି ବର ମୋତେ ଦିଅ । ଏହା ଗରୁଡ଼ ମୁଖରୁ ଶୁଣି ସ୍ମିତହସି ଶ୍ରୀରାମଚନ୍ଦ୍ର କହିଲେ - ମୁଁ ଧନୁର୍ଦ୍ଧାରୀ ରାମ ବୋଲି ଜଗତରେ ସମସ୍ତେ ଜାଣନ୍ତି । ଏବେ ତୁମେ ଯେଉଁ ରୂପ ଦର୍ଶନ କରିବାକୁ ଇଚ୍ଛା କରୁଛ, ସେ ରୂପ କିପରି ହୋଇ ପାରିବି ? ସେ ରୂପ ଦେଖି କପିମାନେ କ'ଣ ବୋଲି ମୋତେ କହିବେ ? ଜଗତ ମୋତେ କ'ଣ ବୋଲି ଭାବିବ ? ଧରାପୃଷ୍ଠରେ ଆମର କର୍ତ୍ତବ୍ୟକର୍ମ ଏବେ ସୁଦ୍ଧା ଯେ ଶେଷ ହୋଇନାହିଁ । ଏହାଶୁଣି ବିନତାନନ୍ଦନ ଗରୁଡ଼ ଶ୍ରୀରାମଙ୍କୁ ମନ୍ତ୍ରଣା ଦେଇ କହିଲା - ମୋ ପକ୍ଷ ଦ୍ୱୟରେ ମୁଁ ତୁମ ପାଇଁ କୋଠରୀଟିଏ ପ୍ରସ୍ତୁତ କରି ଦେବି । ତୁମେ ତାହାରି ମଧ୍ୟରେ ଗୋପନରେ ମୋତେ ତୁମର ବଂଶୀଧର ରୂପ ଦର୍ଶନ କରାଇବ । ଏତକ କହି ଗରୁଡ଼ ନିଜର ଦୁଇ ପକ୍ଷରେ ଗୋଟିଏ କୋଠରୀ ପ୍ରସ୍ତୁତ କରି ରାମଚନ୍ଦ୍ରଙ୍କୁ ତା'ମଧ୍ୟରେ ଗୋପନରେ ନେଇ ରଖିଦେଇ ଅପେକ୍ଷା କଲା ।

ସେହି ଅଦ୍ଭୁତ କୋଠରୀରେ ଗୋପନରେ ଭକ୍ତବତ୍ସଳ ଶ୍ରୀରାମଚନ୍ଦ୍ର ତ୍ରିଭଙ୍ଗ ଭଙ୍ଗିମ ଠାଣିରେ ଅପରୂପ ରୂପଧାରଣ କରି ଦଣ୍ଡାୟମାନ ହୋଇ ପ୍ରଭୁଭକ୍ତ ଗରୁଡ଼ର ଇଚ୍ଛା ପୂର୍ଣ୍ଣକଲେ । ଧନୁଶର ତ୍ୟାଗ କରି ସେ ମୋହନ ବଂଶୀ ହସ୍ତରେ ଧାରଣ କରିଥିଲେ । ପରିଧାନ ପାଟ ପୀତାମ୍ବରୀ । ମସ୍ତକରେ ଘନନୀଳ କୁଞ୍ଚିତ କେଶଦାମ । ଶ୍ରୀମୁଖଚନ୍ଦ୍ର ବିକଶିତ ପଦ୍ମତୁଲ୍ୟ ସୁସୁନ୍ଦର । ଲଲାଟ ଅଳକାବୃତ । ଗଳାରେ କୌସ୍ତୁଭ ଖଚିତ ମଣିମାଳ । ବକ୍ଷ ସ୍ଥଳରେ ବନମାଳ । ହସ୍ତରେ ଉଜ୍ଜ୍ୱଳ କଙ୍କଣ । ପାଦରେ କିଙ୍କିଣି । କଟୀରେ ଚନ୍ଦ୍ରହାର । କର୍ଣ୍ଣରେ ମଣିମୟ ମକରକୁଣ୍ଡଳ ଗଣ୍ଡଦେଶକୁ ସ୍ପର୍ଶକରି ଦୋଳାୟମାନ । ମସ୍ତକର ଚୂଡ଼ାରେ ମୟୂର ପୁଚ୍ଛ ଚନ୍ଦ୍ରିକା ଖଚିତ ମଣିମୟ ମୁକୁଟ । ଲଲାଟଦେଶ ଚନ୍ଦନ ଚର୍ଚ୍ଚିତ । ଭୁବନମୋହନ ଅପରୂପ ମନୋରମ ରୂପ । ଦୂରରୁ ହନୁମାନ ଅନୁମାନ କଲେ ଯେ, ଗରୁଡ଼ ପକ୍ଷୀ ନିଜର ପକ୍ଷ ଦ୍ୱୟରେ ପ୍ରଭୁ ଶ୍ରୀରାମଙ୍କୁ ଆବୃତ୍ତ କରି ରଖିଛି । ଏହା ଦେଖି ସେ ମନେମନେ ବିଚାରିଲେ - ମୁଁ ପ୍ରାଣପଣେ ପ୍ରଭୁଙ୍କର ହିତସେବାରେ ନିୟୋଜିତ, ଅଥଚ ପ୍ରଭୁଙ୍କର ଏ ପକ୍ଷୀ ସହିତ କ'ଣ ପାଇଁ ଏତେ ପ୍ରୀତି ? ତେଣେ ଗରୁଡ଼ ସ୍ୱଇପ୍ସିତ ବଂଶୀଧର ରୂପ ଦର୍ଶନ କରି ପରମ ପ୍ରୀତି ଲାଭ କରି ପ୍ରଭୁଙ୍କର ଶ୍ରୀଚରଣ କମଳରେ ବାରମ୍ବାର ପ୍ରଣାମ ଜଣାଇ ଧନ୍ୟ ହେଉଛି । ଏଣେ ହନୁମାନ ମହାଯୋଗାସନରେ ବସି ଦେଖୁଛନ୍ତି - ପ୍ରଭୁ ଶ୍ରୀରାମ ହସ୍ତରୁ ଧନଶର ଖସାଇ ବଂଶୀଧାରଣ କରିଅଛନ୍ତି । ହନୁମାନ କ୍ରୋଧରେ ପକ୍ଷୀକୁ ତିରସ୍କାର କରିବାକୁ ଲାଗିଲେ-ରେ ପକ୍ଷୀ, ତୋର ଏତେ ଅହଂକାର ! ପ୍ରଭୁଙ୍କ ଶ୍ରୀହସ୍ତରୁ ଧନୁଶର ଖସାଇ ବଂଶୀ ଧରାଇଲୁ ? ଯଦି ମୁଁ ପ୍ରକୃତରେ ପ୍ରଭୁଭୃତ୍ୟ, ତେବେ ମୋର ମନେରହିଲା, ତୋ'ରି ବିଦ୍ୟମାନରେ ମୁଁ ଏହାର ପ୍ରତିଶୋଧ ଅବଶ୍ୟ ନେବି । କୃଷ୍ଣ ଅବତାରରେ ପ୍ରଭୁଙ୍କ ଶ୍ରୀହସ୍ତରୁ ବଂଶୀ ଖସାଇଦେଇ ଧନୁଶର ଧରାଇବି । ହନୁମାନଙ୍କର ତିରସ୍କାର ବାକ୍ୟ ଶୁଣି ବିନତାନନ୍ଦନ ଗରୁଡ଼ ଈଷତ୍ ହସି ନିଜ ପକ୍ଷଦ୍ୱୟକୁ ସମ୍ବରଣ କରି ଶ୍ରୀରାମଙ୍କୁ ପ୍ରଣାମ ଜଣାଇ ଆକାଶପଥରେ ଉଡ଼ିଗଲା । ଶ୍ରୀରାମ ଧନୁର୍ବାଣ ହସ୍ତରେ ଦଣ୍ଡାୟମାନ । ଲକ୍ଷ୍ମଣ ଆସି ପାଖରେ ଛିଡ଼ା ହେଲେ । ରାମ ଲକ୍ଷ୍ମଣଙ୍କୁ ଦେଖି ବାନରସେନା ହର୍ଷୋତ୍‌ଫୁଲ୍ଲ ହେଲେ ।

ଶ୍ରୀରାମଙ୍କର ଜୟଧ୍ୱନିରେ ଗଗନ ପବନ ମୁଖରତ ହେଲା । କପିଗଣଙ୍କର ସମବେତ ହୁଙ୍କାର ଶବ୍ଦରେ ଲଙ୍କାରେ ରାବଣ ପ୍ରମାଦ ଗଣିଲା ।

ରାତ୍ରିର ଦ୍ୱିତୀୟ ପ୍ରହର । ବାନର ସେନାମାନଙ୍କର ସିଂହନାଦ ତଥାପି ଶୁଣାଯାଉଥାଏ । ଲଙ୍କାରେ ରାବଣ ଶର୍ଯ୍ୟାରୁ ଉଠି ବସିଲା । ପ୍ରାଚୀରକୁ ଉଠି ଲଙ୍କେଶ୍ୱର ରାବଣ ନିରେଖି ଦେଖିଲା ଶ୍ରୀରାମ ଓ ଲକ୍ଷ୍ମଣ ଉଭୟେ ଧନୁର୍ବାଣ ହସ୍ତରେ ଅପୂର୍ବ ଭଙ୍ଗୀରେ ଛିଡ଼ା ହୋଇ ରହିଛନ୍ତି । ରାବଣ ମନେମନେ ଚିନ୍ତାକଲା - ରାମ ଲକ୍ଷ୍ମଣ ନାଗପାଶରୁ ମୁକ୍ତ ହୋଇଯାଇଛନ୍ତି । ଏହାର ପ୍ରକୃତ ଅର୍ଥ ହିଁ ଲଙ୍କାର ବିନାଶ । ଯେତେ ଶର ନିକ୍ଷେପ କଲେ ମଧ୍ୟ ଏ ରାମ ଲକ୍ଷ୍ମଣଙ୍କ ଠାରେ ସବୁ ବ୍ୟର୍ଥ ଯାଉଛି । ଅମୋଘ, ଅବ୍ୟର୍ଥ ବାଣ ବ୍ୟର୍ଥ ହେବା ଭଲ ଲକ୍ଷଣ ନୁହେଁ । ଏମାନଙ୍କୁ ମାରିଲେ ମଧ୍ୟ ଏମାନେ ମରଣ ବରଣ କରୁନାହାନ୍ତି । ଏମାନେ କିପରି ବୈରୀ ? ରାବଣ ଭଲଭାବରେ ବୁଝିପାରିଲା ଯେ ଅଚିରେ ଲଙ୍କାର ଧ୍ୱଂସ ଅନିବାର୍ଯ୍ୟ । ଏପରି ଅବଶ୍ୟମ୍ଭାବୀ ବିପାକକୁ ଦୂରଦୃଷ୍ଟି ସମ୍ପନ୍ନ ରାବଣ ହୃଦୟଙ୍ଗମ କରି ଘନଘୋର ନାଦରେ ଧୂମ୍ରାକ୍ଷ-ଧୂମ୍ରାକ୍ଷ ବୋଲି ଚିତ୍କାର କଲା । ଆଜ୍ଞା ମାତ୍ରେ ମହାବୀର ଧୂମ୍ରାକ୍ଷ ଆସି ରାବଣକୁ ଅଭିବାଦନ କରି ଆଦେଶ ପାଇଁ ଅପେକ୍ଷା କଲା । ରାବଣ କହିଲା - ଧୂମ୍ରାକ୍ଷ ! ତୁମେ ଆଜିର ଯୁଦ୍ଧର ପ୍ରଧାନ ସେନାପତି । ଆଶାକରେ ତୁମେ ପ୍ରାଣପଣ ଯୁଦ୍ଧକରି ଆଜି ଅରାତିର ଧ୍ୱଂସ ସାଧନ କରିବ । ରାବଣ ଗୁଆପାନ ଓ ଶିରବନ୍ଧା ଦେଇ ଧୂମ୍ରାକ୍ଷକୁ ରାଜକୀୟ ସମ୍ମାନର ସହିତ ସେଦିନର ଯୁଦ୍ଧ ପାଇଁ ପ୍ରଧାନ ସେନାପତି ପଦରେ ବରଣ କଲା ।

ଏହିପରି ଭାବରେ ରାକ୍ଷସୀ ତ୍ରିଜଟା ସତୀ ସୀତାଙ୍କୁ ସବିସ୍ତୃତ ରାମ ଚରିତ ଶୁଣାଇ ପ୍ରବୋଧନା ଦେଇ ତାଙ୍କର ଶୋକ ସନ୍ତପ୍ତ ମନପ୍ରାଣ ହୃଦୟରେ କିଞ୍ଚିତ ପରିମାଣରେ ଆଶ୍ୱାସନାର ପ୍ରଲେପ ଦେଇ ଶାନ୍ତ କରିବାର ଚେଷ୍ଟା ଚଳାଇଥିଲା ॥

ଭକ୍ତକବି କୃତ୍ତିବାସ ବିରଚିତ ଏହି ବଙ୍ଗଳା ରାମାୟଣରୁ ଉଦ୍ଧୃତ ଗଳ୍ପାଂଶର ତାତ୍ପର୍ଯ୍ୟ ପ୍ରତ୍ୟେକ ଭକ୍ତ ଶିଷ୍ୟ ଅନୁଗତଙ୍କ ପାଇଁ ଗଭୀର ପ୍ରଣିଧାନର ବସ୍ତୁ ନିର୍ଦ୍ଦେଶ କରେ । ପ୍ରଥମତଃ ଗରୁଡ଼, ହନୁମାନ ଆଦି ଭକ୍ତଭୃତ୍ୟ ପ୍ରଭୁଙ୍କ ସହିତ ସ୍ଥୂଳଭାବରେ ମାତ୍ରାଧିକ ସଙ୍ଗ ଲାଭ କରୁନଥିଲେ । ତେଣୁ ସେମାନେ ଦୂର  ବା ନିକଟରେ ଥିଲେ ସୁଦ୍ଧା ଶ୍ରୀପାଦ ପଦ୍ମରେ ସ୍ଥିର ଲୟ ରଖି ସୂକ୍ଷ୍ମ ଦର୍ଶନ କରିବାକୁ ସମର୍ଥ ହୋଇ ପାରୁଥିଲେ । ଏପରିକି ଗରୁଡ଼ ତ୍ରେତୟାର ରାମାବତାର ସଂପୂର୍ଣ୍ଣ ଲୀଳା ଶେଷ କରିବାର ବହୁ ପୂର୍ବରୁ ଦ୍ୱାପରର କୃଷ୍ଣାବତାର ରୂପ ସମ୍ବନ୍ଧରେ ପରିଜ୍ଞାତ ହୋଇ ଶ୍ରୀରାମଙ୍କୁ କୃଷ୍ଣରୂପ ଦର୍ଶନ କରାଇବା ନିମନ୍ତେ ବିନୀତ ପ୍ରାର୍ଥନା କରି ସଫଳ ହୋଇ ପାରିଥିବାର ସୌଭାଗ୍ୟ ଲାଭ କଲେ । ଭକ୍ତର ଲୟ ସିଦ୍ଧି ପର୍ଯ୍ୟାୟରେ ଏହା ସମ୍ଭବ ହୁଏ । ଏହି ପର୍ଯ୍ୟାୟରେ ଭକ୍ତର ଅନ୍ତର୍ଚକ୍ଷୁରେ ଯେଉଁ ଦିବ୍ୟ ରୂପ ଉଦ୍‌ଭାସିତ ହୁଏ, ସେହି ରୂପରେ ସେ ପ୍ରଭୁଙ୍କୁ ଦର୍ଶନ କରିବାପାଇଁ ଯୋଗ୍ୟ ବିବେଚିତ ହୁଏ । ସର୍ବାନ୍ତର୍ଯ୍ୟାମୀ ପ୍ରଭୁ ଏହା ଜ୍ଞାତ ହୋଇ ଯଥା ସମୟରେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣକରି ଭକ୍ତବାଞ୍ଛାକଳ୍ପତରୁ ନାମର ସାର୍ଥକତା ରକ୍ଷା କରନ୍ତି । ଏହାହିଁ ଏହି ଗଳ୍ପାଂଶର ଦ୍ୱିତୀୟ ପ୍ରଣିଧାନ ସିଦ୍ଧାନ୍ତ । ତୃତୀୟତଃ ଗରୁଡ଼ ଓ ହନୁମାନ ଉଭୟେ ପ୍ରଭୁଭକ୍ତ ଭୃତ୍ୟ । ମାତ୍ର ହନୁମାନ ମହାଯୋଗୀ ଓ ବ୍ରହ୍ମଚାରୀ ହେଲେ ହେଁ ପ୍ରଭୁ ଓ ଗରୁଡ଼ଙ୍କର ଏକାନ୍ତବାସରେ ସେ କ୍ଷଣିକ ବିଚ୍ଛେଦ ସହ୍ୟ କରି ନପାରି ଅଧୈର୍ଯ୍ୟ, ଅସହିଷ୍ଣୁ ଓ କ୍ରୋଧାନ୍ୱିତ ହୋଇପଡ଼ିଛନ୍ତି । ଏପରିକି ଗରୁଡ଼କୁ ଭର୍ତ୍ସନା କରି ତାଙ୍କର ଏପରି କାର୍ଯ୍ୟର ପ୍ରତିଶୋଧ କୃଷ୍ଣାବତାରରେ ନେବାପାଇଁ ମଧ୍ୟ ନିଷ୍ପତ୍ତି ଗ୍ରହଣ କରିନେଉଛନ୍ତି । ଏହା ହିଁ ସପତ୍ନୀ ଭାବ । ଜଣେ ପ୍ରଭୁ । ଅନେକ ଅସଂଖ୍ୟ ଅଗଣିତ ଭକ୍ତ, ଶିଷ୍ୟ, ଦାସ, ଭୃତ୍ୟ, ସେବକ ଓ ଅନୁଗତ । ପ୍ରତ୍ୟେକ ମନେ କରନ୍ତି ଠାକୁରେ ତାଙ୍କର । କିନ୍ତୁ ବାସ୍ତବରେ ଠାକୁରେ ଜଣକର ନୁହଁନ୍ତି କି ଗଣଙ୍କର ମଧ୍ୟ ନୁହଁନ୍ତି । ଠାକୁରେ ହିଁ ଠାକୁରେ । ଭକ୍ତ, ଶିଷ୍ୟ, ଦାସମାନେ ସପତ୍ନୀ ଭାବରେ ଅଧିରୂଢ଼ ହୋଇ ବୃଥାରେ ପରସ୍ପର ପ୍ରତି କଟୂକ୍ତି କରନ୍ତି । ପରସ୍ପର ହିଂସା, ଈର୍ଷାରେ ଅନୁଲିପ୍ତ ରହନ୍ତି । ଏହା ଜଗତର ମଙ୍ଗଳ ବିଧାନ କରିବାରେ ଓ ପ୍ରଭୁଙ୍କର ଲୀଳା ସଂରଚନରେ ଅଯଥା ହସ୍ତକ୍ଷେପ ଓ ଅନଧିକାର ଚର୍ଚ୍ଚା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ଅବଶ୍ୟ କେତେକ ବିଶେଷ କ୍ଷେତ୍ରରେ ଏହା ଲୀଳା ପର୍ଯ୍ୟାୟ ଅନ୍ତର୍ଭୁକ୍ତ ॥

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ

*ପିଣ୍ଡତତ୍ତ୍ୱର ବୈଚିତ୍ର୍ୟ ସର୍ବଦା ଅବୋଧ, ଅଚିନ୍ତ୍ୟ ହୋଇ ରହି ଆସିଅଛି । ଏହାର ବିବିଧତା ବିଶ୍ଳେଷଣ କରି ପ୍ରତ୍ୟେକ ଅବସ୍ଥାର କାରଣ ନିରୂପଣ କରିବା କେବଳ ପିଣ୍ଡକର୍ତ୍ତାଙ୍କ ବ୍ୟତୀତ ଆଉ କାହାରି ଦ୍ୱାରା ସମ୍ଭବ ନୁହେଁ । ସମସ୍ତେ 'ମୋହ'କୁ ଏକ 'ପରମାର୍ଥ ପ୍ରତିକୂଳ' ଅବସ୍ଥା ଭାବରେ ଗ୍ରହଣ କରି ଅନେକ ଆଲୋଚନା କରିଯାଇଛନ୍ତି । କିନ୍ତୁ ସେହି 'ମୋହ'ର ପ୍ରକାର ଭେଦ ଓ ତାହାର କାର୍ଯ୍ୟକାରୀତା ସଂପର୍କରେ ଏ ପର୍ଯ୍ୟନ୍ତ କେହି ଆଲୋକପାତ କରି ପାରିନଥିଲେ ।*

*ପରମକାରୁଣିକ ଠାକୁରେ ତାହାକୁ ପ୍ରଚ୍ଛନ୍ନ ଭାବରେ ପୃଥ୍ୱୀକରଣ କରି ଚାଲିଛନ୍ତି । ତାଙ୍କରି ମାନସ ସନ୍ତାନ 'ଚରମ'ର ଏହି ସ୍ତମ୍ଭରେ ତାଙ୍କର ଅଧରାମୃତ ଧାରାବାହୀକ ଭାବରେ ସିଞ୍ଚିତ ହୋଇ ଚାଲିଛି ।*

'ଚରମ' : ଅଷ୍ଟମ ପୁଷ୍ପ : ପ୍ରଥମ ପାଖୁଡ଼ା : ଅଷ୍ଟତ୍ରିଂଶତ୍ତମ (୩୮ଶ) ସଂଖ୍ୟା ଅନୁସୃତିରୁ :

## କାରଣ ସାତ୍ତ୍ୱିକ ମୋହ

ତତ୍ତ୍ୱ ସାତ୍ତ୍ୱିକ ମୋହର ଦ୍ୱିତୀୟ ବିଭାଗ ''କାରଣ ସାତ୍ତ୍ୱିକ ମୋହ'' ସଂପର୍କରେ ପରମ କାରୁଣିକ ଠାକୁରଙ୍କ ଶ୍ରୀମୁଖନିଃସୃତ ଜ୍ଞାନଗଙ୍ଗା ଏହାର ପୂର୍ବସଂଖ୍ୟାର ପତ୍ରସ୍ଥ ହୋଇଥିଲା । ମାତ୍ର ସେହି ସମ୍ବନ୍ଧୀୟ ବିସ୍ତୃତ ଆଲୋଚନା ପାଇଁ ଆମର ପ୍ରିୟ ପାଠକ/ପାଠିକାଙ୍କ ନିକଟରୁ ଅନେକ ଅନୁରୋଧ ପତ୍ର ପହଞ୍ଚିଥିବାରୁ ସେମାନଙ୍କର ପବିତ୍ର ଆକାଂକ୍ଷା ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ତାହାକୁ ଏହି ସଂଖ୍ୟାରେ ପୁନର୍ବାର ଆଲୋଚନା କରାଯାଉଅଛି ।

-: ଠାକୁର ଉବାଚ :-

ଶୁଣ ହୋ ବତ୍ସ ! ଧୁରନ୍ଧର । କାରଣ ସାତ୍ତ୍ୱିକ ବେଭାର ॥
ପ୍ରାଥମିକତା କହିଅଛି । ନିଗମ ତତ୍ତ୍ୱ ବଖାଣୁଛି ॥
ସୃଷ୍ଟିର ଆବଶ୍ୟକ ମତେ । ଜ୍ଞାନାଦି ତତ୍ତ୍ୱ ଯେତେ ଯେତେ ॥
ଏ ମୋହ ଦ୍ୱାରା ଆସିଥାଇ । ଜୀବଗଣଙ୍କ ହିତ ପାଇଁ ॥

ସହାସ୍ୟ ବଦନରେ ଠାକୁରେ କହିଲେ, ରେ ମୋର ପ୍ରିୟ ସନ୍ତାନଗଣ ! ମୋହ ସମ୍ବନ୍ଧୀୟ ପ୍ରାଥମିକ ରହସ୍ୟ ମୁଁ ପୂର୍ବରୁ ତୁମକୁ କହିସାରିଛି । କାରଣ ସାତ୍ତ୍ୱିକ ମୋହ ସଂପର୍କିତ ମୂଳତତ୍ତ୍ୱ ମଧ୍ୟ ବର୍ଣ୍ଣନା କରିସାରିଛି । ଏଥରକ ତାହାର ବିସ୍ତୃତ ଅବସ୍ଥା କହୁଛି ମନ ଦେଇ ଶୁଣ । ଏ ସୃଷ୍ଟିରେ ତାହାର ନିର୍ମାଣ, ପରିଚାଳନା ଏବଂ ଅନ୍ୟାନ୍ୟ ପରିଚର୍ଯ୍ୟା ନିମିତ୍ତ ଯେତେବେଳେ

ଯେଉଁ ଜ୍ଞାନ, ଶକ୍ତିର ଆବଶ୍ୟକତା ହୁଏ, ସେ ସମସ୍ତ ଶକ୍ତି ଏହି କାରଣ ସାତ୍ତ୍ୱିକ ମୋହ ଅନ୍ତର୍ଗତ ଅଟେ ଏବଂ ଏହାଙ୍କ ମାଧ୍ୟମରେ ସେହି ରହସ୍ୟ ଧରାପୃଷ୍ଠକୁ ଅବତରିତ ହୁଏ ।

ସମାଧି ମଧ୍ୟେ ନିର୍ବିକଳ୍ପ । କୈବଲ୍ୟ ଅଂଶ ଯେ ଅମାପ ॥
ବିଭୂତି ପାଦ ପରେ ପାଦ । ରହିଛି ଅମାପ ସଂପଦ ॥
ଏହି ପାଦର ଚଉଷଠି । ପାଦରେ ଜ୍ଞାନର ସମଷ୍ଟି ॥
ତାହାର ଚୌରାଅଶି ଅଂଶ । ଅଣସୃଷ୍ଟିରେ ନିତ୍ୟ ବାସ ॥
ଏହି ମଣ୍ଡଳ କେନ୍ଦ୍ର ଧରି । ରହନ୍ତି ଦିବ୍ୟ ଆତ୍ମାଧାରୀ ॥

ନିର୍ବିକଳ୍ପ ସମାଧିର ଅସୀମ ସ୍ତର ରହିଛି । ପ୍ରତ୍ୟେକ ସ୍ତରରେ କୈବଲ୍ୟ ଅଂଶ ପୂର୍ଣ୍ଣ ହୋଇ ରହିଛି । ପ୍ରତି କୈବଲ୍ୟ ଅଂଶରେ ବ୍ରହ୍ମବିଭୂତିପାଦ ଅମାପ ଜ୍ଞାନ ସଂପଦ ଧାରଣ କରି ବିରାଜମାନ କରିଛନ୍ତି । ଉକ୍ତ ବିଭୂତିପାଦର ୬୪(ଚଉଷଠି)ତମ ପାଦରେ ସୃଷ୍ଟି, ପିଣ୍ଡ ଓ ବ୍ରହ୍ମାଣ୍ଡ ସମ୍ବନ୍ଧୀୟ ଅଶେଷ ଜ୍ଞାନ ଠୁଳ ହୋଇ ରହିଅଛି । ଏହି ଚଉଷଠିତମ ପାଦର ୧୦୮ (ଏକଶତ ଆଠ) ଅଂଶୀୟ ସତ୍ତା ରହିଅଛି । ତନ୍ମଧ୍ୟରୁ ୮୪ (ଚଉରାଅଶି) ତମ ଅଂଶରେ **ଅଣସୃଷ୍ଟି ଜ୍ଞାନ ମଣ୍ଡଳ** ଜ୍ୟୋତିରୂପରେ ବିଦ୍ୟମାନ । ଏହି ମଣ୍ଡଳରେ ବ୍ରହ୍ମଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦଯୁକ୍ତ ଦିବ୍ୟାତ୍ମାମାନେ ଜ୍ୟୋତି ଆକାରରେ ଢଳ ଢଳ ଅବସ୍ଥାରେ ଝୁଲି ରହିଛନ୍ତି ।

ବୈଷ୍ଣବୀ ମାୟାର ଭାବାଂଶ । ଅଟଇ ଶହେଆଠ ଅଂଶ ॥
ତହିଁରୁ କଳ୍ପସୃଷ୍ଟି ଅଂଶ । ଛତିଶ ତମରେ ପ୍ରକାଶ ॥
ସୂକ୍ଷ୍ମରେ ଏହି ମାୟାଜ୍ୟୋତି । ସେହି ଆତ୍ମାରେ ବିରାଜନ୍ତି ॥
ଏ ମାୟା ସାତ୍ତ୍ୱିକରେ ପୂର୍ଣ୍ଣ । କାରଣୁ ହୋଇ ଅବତୀର୍ଣ୍ଣ ॥
ଆତ୍ମାଙ୍କୁ ଶ୍ରଦ୍ଧାରେ ଶଙ୍ଖୋଳେ । ସୂକ୍ଷ୍ମରେ ବ୍ରହ୍ମପୁରେ ଖେଳେ ॥

ବୈଷ୍ଣବୀ ମାୟାଙ୍କର ମୋଟରେ ୧୦୮ (ଏକଶତଆଠ) ସୂକ୍ଷ୍ମ ଭାବାଂଶ ଅଛି । ତହିଁରୁ ଛତ୍ରିଶତମ ଭାବାଂଶ କଳ୍ପସୃଷ୍ଟି ଜ୍ଞାନ ସମ୍ବଳିତ ସମସ୍ତ ତତ୍ତ୍ୱରାଶିରେ ପୂର୍ଣ୍ଣ ହୋଇଅଛି । ଉକ୍ତ ଭାବାଂଶ ଉପର ବର୍ଣ୍ଣିତ ଅଣସୃଷ୍ଟି ଜ୍ଞାନ ମଣ୍ଡଳରେ ନିତ୍ୟଖେଳା କରୁଅଛି । ବ୍ରହ୍ମଙ୍କ ଆଜ୍ଞାରେ ସେହି ମଣ୍ଡଳରେ ବିଚରଣ କରୁଥିବା ଦିବ୍ୟଆତ୍ମାଜ୍ୟୋତି ମଧ୍ୟରେ ଏହି ଭାବାଂଶ ସୂକ୍ଷ୍ମରେ ପ୍ରବେଶ କରି ସେମାନଙ୍କୁ କାରଣ ଜଗତସ୍ଥ ସାତ୍ତ୍ୱିକଗୁଣରେ ମୋହିତ କରି ଦିଅନ୍ତି । ତେଣୁ ଆତ୍ମାମାନେ କାରଣ ସାତ୍ତ୍ୱିକ ମୋହାବିଷ୍ଟ ହୋଇ ପରଂବ୍ରହ୍ମଙ୍କ ମଣ୍ଡଳ ଭେଦ କରିବା ପାଇଁ ବ୍ୟାକୁଳ ହୋଇ ଉଠନ୍ତି ।

ବୈଷ୍ଣବୀ ମାୟା ମୋହ ନେଇ । ସୂକ୍ଷ୍ମରେ ଆତ୍ମା ଗତି ହୋଇ ॥
ଲଭନ୍ତି ପରଂବ୍ରହ୍ମ ପୁର । ନିଅନ୍ତି ବୃତ୍ତର ଆକାର ॥
ଚକ୍ରର ପ୍ରାୟେ ଘୂରୁଥାନ୍ତି । ବ୍ରହ୍ମକେନ୍ଦ୍ରକୁ ଝୁରୁଥାନ୍ତି ॥
ଜ୍ୟୋତି ସ୍ୱରୂପ ସ୍ଥିତି ନେଇ । ଏକାଗ୍ରେ ବ୍ରହ୍ମପଦ ଧାୟୀ ॥
ଅବସ୍ଥା ଭାବର ପର୍ଯ୍ୟାୟ । ଜାଣି ହୁଅନ୍ତି ସେ ଅଥୟ ॥

ଭାବର ପରିବର୍ତ୍ତନରେ । ଜ୍ୟୋତିସହ ଭିନ୍ନ ରଂଗରେ ॥
ଗୈରୀକ, ହରିଦ୍ରା ବା ନୀଳ । ବର୍ଣ୍ଣ ଆଚ୍ଛରି ଢଳ ଢଳ ॥
ପରଂବ୍ରହ୍ମଙ୍କ ଆଜ୍ଞା ପାଇଁ । ସର୍ବଦା ଜାଗ୍ରତ ରହଇ ॥


ବୈଷ୍ଣବୀ ମାୟାଙ୍କ କାରଣ ସାତ୍ତ୍ୱିକ ମୋହରେ ପ୍ରଭାବିତ ହୋଇ ଏହି ଦିବ୍ୟାତ୍ମାମାନେ ପରଂବ୍ରହ୍ମଙ୍କୁ ପାଇବାପାଇଁ ବ୍ୟାକୁଳ ହୋଇଉଠନ୍ତି । ବୈଷ୍ଣବୀଙ୍କ ପ୍ରତ୍ୟକ୍ଷ ଆଶୀର୍ବାଦପ୍ରାପ୍ତ ହୋଇ ସେମାନେ ଅନାୟାସରେ ପରଂବ୍ରହ୍ମମଣ୍ଡଳକୁ ପ୍ରବେଶ କରିଯାଆନ୍ତି । ସେଠାରେ ବୃତ୍ତର ଆକାର ଧାରଣ କରି ଚକ୍ରାକାରରେ ମଣ୍ଡଳକେନ୍ଦ୍ର ଚତୁଃପାର୍ଶ୍ୱରେ ଅହରହ ଘୂରୁଥାନ୍ତି । ଉକ୍ତ ଘୂର୍ଣ୍ଣନ ଅବସ୍ଥାରେ ସେମାନଙ୍କର ଭାବମଧ ପର୍ଯ୍ୟାୟକ୍ରମେ ପରିବର୍ତ୍ତନ ହୋଇଯାଏ । ପରିବର୍ତ୍ତିତ ଭାବର ଆଧାରରେ ସେମାନେ ଯେଉଁ ଜ୍ୟୋତିନେଇ ରହିଥାନ୍ତି, ସେହି ଜ୍ୟୋତିର ବର୍ଣ୍ଣ ମଧ କ୍ରମାନୁସାରେ ପରିବର୍ତ୍ତନ ହୋଇ କେତେବେଳେ ଗୈରୀକ ତ କେତେବେଳେ ହରିଦ୍ରା ଅଥବା କେତେବେଳେ ନୀଳବର୍ଣ୍ଣରେ ରୂପାନ୍ତରିତ ହୋଇଯାଏ । ଏହି ଜ୍ୟୋତିସ୍ୱରୂପ ଦିବ୍ୟାତ୍ମାମାନେ ଏକମାତ୍ର ଲକ୍ଷ୍ୟ, ଲୟ ''ବ୍ରହ୍ମଆଜ୍ଞା'' ପ୍ରାପ୍ତିପାଇଁ ସର୍ବଦା ଚେତନଶୀଳ ହୋଇ ଢଳଢଳ ଅବସ୍ଥାରେ ଜାଗ୍ରତ ହୋଇ ରହିଥାଆନ୍ତି ।

ଯୁଗକୁ ଯୁଗର ଅନ୍ତର । କାଳକୁ କାଳ କାଳାନ୍ତର ॥
ଦେଶକୁ ଦେଶର ପ୍ରକାର । ଜୀବର ଆଚାର ବେଭାର ॥
ଯେଉଁ ଯୁଗକୁ ଯେଉଁ ଜ୍ଞାନ । ଦେଶ ଦେଶକେ ହୋଇ ଭିନ୍ନ ॥
ତପସ୍ୟା, ଯୋଗ, ଯାଗ, ଧ୍ୟାନ । ପ୍ରାର୍ଥନା, ଯନ୍ତ୍ର, ମନ୍ତ୍ର, ଜ୍ଞାନ ॥
ଭାଷା ଓ ଅକ୍ଷର ଭିନ୍ନତା । ସବୁର ଜଣେ ସେ କରତା ॥
କାବ୍ୟ, ସାହିତ୍ୟ, ଇତିହାସ । ଚିକିତ୍ସା ବିଜ୍ଞାନ ରହସ୍ୟ ॥
ଇତିହାସ ଓ ରାଜନୀତି । କୂଟନୀତି ଓ ରାଷ୍ଟ୍ରନୀତି ॥
କାମ-ବିଜ୍ଞାନ ଅର୍ଥଜ୍ଞାନ । ଭୂଗୋଳ ସହ ବାସ୍ତୁଜ୍ଞାନ ॥
ତନ୍ତ୍ର ସଙ୍ଗରେ ଯନ୍ତ୍ର ସିଦ୍ଧି । ଅସ୍ତ୍ର ଶସ୍ତ୍ରର ସର୍ବ ବିଧି ॥
ଏକା ସେ ଜଣକ ଜାଣନ୍ତି । ଜଗତସ୍ରଷ୍ଟା ଯେ ବୋଲାନ୍ତି ॥

ଯାହାଙ୍କୁ ସ୍ରଷ୍ଟା ବୋଲି କହୁଛ, ତାଙ୍କର ନିତ୍ୟବାସ ହିଁ ପରଂବ୍ରହ୍ମମଣ୍ଡଳ । ସେ ତାଙ୍କ ନିଜଇଚ୍ଛା ମତେ ଯୁଗ, କାଳ, ଦେଶ, ଜୀବର ଭାବ, ଭାଷା, ଅକ୍ଷର, ସାହିତ୍ୟ, ଇତିହାସ, ଭୂଗୋଳ, କାବ୍ୟ, ପୁରାଣ, ବେଦ, ବେଦାନ୍ତ, ଉପନିଷଦ, ଚିକିତ୍ସାବିଜ୍ଞାନ, କାମବିଜ୍ଞାନ, ଅର୍ଥନୀତିଜ୍ଞାନ, ଭୌଗଳିକ ଜ୍ଞାନ, ରାଜନୀତି, କୂଟନୀତି, ରାଷ୍ଟ୍ରନୀତି, ତପସ୍ୟା ପ୍ରଣାଳୀ, ଧ୍ୟାନ, ଯୋଗ, ଯାଗ, ଯୋଗ, ଯଜ୍ଞାଦି, ତନ୍ତ୍ର, ମନ୍ତ୍ର, ଯନ୍ତ୍ର, ଅସ୍ତ୍ର, ଶସ୍ତ୍ର ଇତ୍ୟାଦି ସୃଷ୍ଟିର ଆବଶ୍ୟକତା ଅନୁଯାୟୀ ଉଦ୍‌ଭବ କରନ୍ତି । ସେହି ଇଚ୍ଛା ଅନୁସାରେ ଆଲୋଡ଼ିତ ସମସ୍ତ ଜ୍ଞାନ, ବିଧି, ବିଧାନ ଦେଶ ଦେଶରେ, କାଳ କାଳାନ୍ତରରେ ଓ ଯୁଗଯୁଗରେ ଭିନ୍ନ ଭିନ୍ନ ହୋଇଥାଏ । କିନ୍ତୁ ଲକ୍ଷ୍ୟ, କେନ୍ଦ୍ର ଏକ ହିଁ ରହିଥାଏ ।

କ୍ରମଶଃ....

# ଗରୁଡ଼ସ୍ତମ୍ଭ



**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ** — **ନାରୀ ହିଁ ପ୍ରକୃତି**

ଧରା ସେ ଦିଏନି, କଥା ସେ କୁହେନି, ମଉନରେ ରହିଥାଏ ।
ଜନନୀର ସ୍ନେହ, ପିତୃତ୍ୱର ମୋହ, ଭ୍ରାତୃ, ଭଗ୍ନୀ ଭାବ ଦିଏ ।।
କାନ୍ତାର ସେ କାନ୍ତ, ଅନାଥର ନାଥ, ଭକତ ବାନ୍ଧବ ସେହି ।
ପତିର ସେ ପତ୍ନୀ, ଯୋଗୀ ହୃଦ ଜ୍ୟୋତି ତା ବିନା ଆଉ କେ ନାହିଁ ।।

*ଯୋଗୀ କହେ ସେ ମୋର । ଜ୍ଞାନୀ କହେ ସେ ମୋ ଜ୍ଞାନର । ଭକ୍ତ କହେ ସେ ଏକାନ୍ତ ଭାବରେ ମୋର । ଚୋର କହୁଛି ହେ ପ୍ରଭୁ ! ଦୟାକର, ମୁଁ ଯେପରି ଧରା ନ ପଡ଼େ । ଡ଼କାୟତ କହୁଛି ହେ ମହାପ୍ରଭୁ ! ମୋ ମନରେ ଅଧିକ କ୍ରୁରତା, ନିଷ୍ଠୁରତା, ଶରୀରରେ ଶକ୍ତି ପ୍ରଦାନ କର । ଧନୀ କହୁଛି; ପ୍ରଭୁ ! ମୋ ଧନ ବୃଦ୍ଧି କରାଅ । ଆର୍ତ୍ତ କହୁଛି; ମୋତେ ରକ୍ଷାକର । ଇତ୍ୟାଦି - ଯାହାର ଯାହା ଆବଶ୍ୟକ, ସେ ମାଗି ଚାଲିଛି, ପାଇ ଯାଉଛି ମଧ୍ୟ । ତେବେ ସୃଷ୍ଟି ତ ଏକ, ସ୍ରଷ୍ଟା ବି ଏକ; ବ୍ୟକ୍ତି, ଭାବ, ବସ୍ତୁ, ଚାହିଦାରେ ଏ ପ୍ରକାର ବିବିଧତା କାହିଁକି ? ପ୍ରତ୍ୟେକେ ଜାଣୁଛନ୍ତି, ଦେଖୁଛନ୍ତି, ଅନୁଭବ କରୁଛନ୍ତି; ଜନ୍ମ ମାତ୍ରେ ମୃତ୍ୟୁ ଅଛି । ଏଠାକାର ନାଟକ କ୍ଷଣସ୍ଥାୟୀ । ତଥାପି ସେହି କ୍ଷଣ ଭଙ୍ଗୁର ଆବଶ୍ୟକତା ପାଇଁ କେତେ ବ୍ୟାକୁଳତା ସତେ ! ଜୀବର ଏହି ବ୍ୟାକୁଳତା, ବିଭିନ୍ନତା, ବିବିଧତା ପାଇଁ ଦାୟୀ ସେ ନିଜେ ନା ଆଉ କିଛି କାରଣ ଅଛି ? ତାହାରି ସମାଧାନ ସୂତ୍ର ଧରି ଆଜି ସେହି ସ୍ୱୟଂ (ଯାହାଙ୍କ ନିକଟରେ ସବୁ ଆବେଦନ ଓ ନିବେଦନ ) ଉପସ୍ଥିତ ଏଇ ଅମୃତ କଣିକା ''ଚରମ''ର ଗରୁଡ଼ ସ୍ତମ୍ଭ ମଧ୍ୟରେ ।।*

''ଚରମ'' : ଅଷ୍ଟମ ପୁଷ୍ପ : ପ୍ରଥମ ପାଖୁଡ଼ା : ଅଷ୍ଟତ୍ରିଂଶତମ (୩୮) ସଂଖ୍ୟାର ଅନୁସ୍ମୃତିରୁ :

**(୧) ବୈଷ୍ଣବୀ ମାୟା :** **ଭାବାଂଶ** **(୫): ଶକଟକ ମାୟା**

ପ୍ରବାଦ ଅଛି : ''ମାଆ ନାହିଁ ଯାହାର, ସାହା ନାହିଁ ତାହାର ।'' କାହିଁକି ଏହି ପ୍ରବାଦ ? ସତରେ କ'ଣ ମାଆ ନଥିଲେ ବଞ୍ଚି ହେବନାହିଁ ? ମାଆଠାରେ ଯଦି ଏତେ ଜରୁରୀ, ଅପରିହାର୍ଯ୍ୟ ଆବଶ୍ୟକତା, ତେବେ ପରିଣତ ବୟସରେ ମାଆ ଅଲୋଡ଼ା ହୋଇ ରହି ଯାଉଛନ୍ତି କାହିଁକି ? ମାଆର ମୃତ୍ୟୁ ହୋଇଗଲେ କେତେଜଣ ସନ୍ତାନ ମାତୃ ବିରହରେ

ଅଧୀର ହୋଇ କୁଇରେ ଆତ୍ମାହୂତି ଦେଉଛନ୍ତି ? ତଥାପି ମାଆ ଦରକାର । ବାସ୍ତବ ଚିତ୍ର ଅନୁଶୀଳନ କଲେ, ନିର୍ଯ୍ୟାସ ଆସିବ ଯେ, ମାଆ ଠାରୁ ମାଆର ମମତା ଅତ୍ୟନ୍ତ ଜରୁରୀ । ମାଆର ମମତା ବିନା ସନ୍ତାନର ଶରୀର ଗଠନ ମଧ ଅସମ୍ଭବ । ମାଆ ଯଦି ଶ୍ରଦ୍ଧାର ସହ ଅବର୍ଣ୍ଣନୀୟ ଯନ୍ତ୍ରଣା ସହ୍ୟ କରି ଗର୍ଭରେ ଧାରଣ ନକରିବ, ତେବେ ସନ୍ତାନ ଆସିବ କେଉଁଠୁ ? ଜନ୍ମପରେ ନିଜ ରକ୍ତକୁ କ୍ଷୀରରେ ରୂପାନ୍ତରୀତ କରି ସନ୍ତାନ ମୁଖରେ ନ ଦେଲେ ସନ୍ତାନ ବଞ୍ଚିବ କିପରି ? (ଅବଶ୍ୟ ଅଧୁନା ବିଜ୍ଞାନର ଚମତ୍କାରିତାରେ ତାହା ସମ୍ଭବ ହୋଇ ପାରିଛି । କିନ୍ତୁ ମମତା ଶୂନ୍ୟ ଭାବରେ ।) ତେଣୁ ସୃଷ୍ଟି, ସ୍ଥିତି ଉଭୟ ପାଇଁ ମାଆର ମମତା ଅପରିହାର୍ଯ୍ୟ ଅଟେ । ଶିଶୁକନ୍ୟାଟିଏ ଜନ୍ମ ହେବା କ୍ଷଣି କ'ଣ ଅନୁଭବ କରିପାରୁଛି ଯେ, ତା'ର ମାତୃତ୍ୱ ଓ ମାତୃତ୍ୱ ଜନିତ ମମତା ଅଛି ବୋଲି ? ବାଲ୍ୟ ଚପଳତାରେ ସେ ସମୟ ଅତିକ୍ରାନ୍ତ କରୁଥିଲେ ମଧ ତା'ର ଅଜାଣତରେ ତା ଶରୀର ମଧରେ ସେଇ ଐଶ୍ୱରୀକ ଅଲୌକିତ କ୍ଷମତା ଦାନା ବାନ୍ଧି ଚାଲିଛି ଏବଂ ପରିଣତ ବୟସର ଯଥା ସମୟରେ ସେ ଆପେ ଆପେ ସବୁ ଜାଣି ଯାଉଛି । ତା ଭିତରେ ସ୍ନେହ, ମମତାର ପାହାଡ଼ ସୃଷ୍ଟି ହୋଇଯାଉଛି । ଏହାହିଁ ଶକଟକ ମାୟାଂଶର ବନ୍ଧନ ଶକ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ହୋଇ ଆସୁଥିବା ଆଲୋଚନାର ସାରାଂଶ ହେଉଛି, ଶକଟକ ମାୟା ଏକାଧାରରେ ସୃଜନ ଶକ୍ତି, ଅଙ୍ଗବୃଦ୍ଧି, ଲାଳନପାଳନ ଓ ମମତା ସୃଷ୍ଟିର ମୁଖ୍ୟ ଆଧାର ରୂପେ ଧରାପୃଷ୍ଠରେ ଅବତୀର୍ଣ୍ଣା । ଏତଦ୍‌ବ୍ୟତୀତ ଆଉ ଏକ ଅଦ୍ଭୁତ ଭାବ ସେ ସୃଷ୍ଟି କରାଇପାରେ । ତାହା ହେଉଛି ଐକ୍ୟ ବା ସଂଘବଦ୍ଧ ଜୀବନ । ଅତୀତ ପର୍ଯ୍ୟାୟରେ ଅନ୍ୟ ଜୀବଜନ୍ତୁ, ପ୍ରାଣୀମାନଙ୍କ ମଧରେ ଏହି ଅଂଶର କାର୍ଯ୍ୟକାରିତା ସଂପର୍କରେ ରେଖାପାତ କରାଯାଇଅଛି । ମାତ୍ର ସେମାନଙ୍କ ପ୍ରତି ଶକଟକ ମାୟାର ପ୍ରଭାବ ଓ ମନୁଷ୍ୟ ପ୍ରତି ପ୍ରଭାବରେ ତାରତମ୍ୟ ଅଛି । ସେ ତଫାତ୍ ହେଉଛି ଯେ, - ପ୍ରାଣୀ ଜଗତ, ଜଳଚର, ସରୀସୃପ ଓ ବୃକ୍ଷରାଜି ଇତ୍ୟାଦି ବାକ୍‌ଶକ୍ତି ହୀନ, ବିବେକହୀନ ତଥା ଜ୍ଞାନଶୂନ୍ୟ । ତେଣୁ ବ୍ରହ୍ମଙ୍କ ପ୍ରତ୍ୟକ୍ଷ ଆଜ୍ଞା ସେଠାରେ ପ୍ରତିବିମ୍ବିତ ହୁଏ ଓ ଶକଟକ ମାୟା ସ୍ୱାଧୀନ, ନିରଙ୍କୁଶ ଭାବରେ ତା'ର କାୟା ବିସ୍ତାର କରି ସେମାନଙ୍କୁ ପରିଚାଳିତ କରାଏ । କିନ୍ତୁ ମନୁଷ୍ୟଠାରେ ତାହାର ବ୍ୟତୀକ୍ରମ ଅଛି । କାରଣ ସ୍ରଷ୍ଟା ମନୁଷ୍ୟର ଶରୀରକୁ ଭିନ୍ନ ଭାବରେ ସୃଷ୍ଟିକରି ସେଥିରେ ଜ୍ଞାନ, ବିବେକ, ଧୀ, ଶ୍ରବଣ, ମନନ, ବାକ୍‌ଶକ୍ତି ଆଦି ଅନେକ ଦିବ୍ୟଗୁଣର ସଂଗଠନ କରାଇଛନ୍ତି । ତେଣୁ ଶକଟକ ମାୟା ତା'ର ମୌଳିକତ୍ୱର ବୀଜ ବପନ କରି ପ୍ରତି ମୁହୂର୍ତ୍ତରେ ଚେତନା ଦେଇ ଚାଲିଥିବ । ମନୁଷ୍ୟ ତାହାକୁ 'ସୁ' ଅବା 'କୁ' ମାର୍ଗରେ ପରିଚାଳନା କରିବ, ତାହା ତା'ର ସାଧନ, ଅଭ୍ୟାସ, ନିଷ୍ଠା, ଏକାଗ୍ରତା, କର୍ମଧାରା ଉପରେ ହିଁ ନିର୍ଭରଶୀଳ । ଉଦାହରଣ ସ୍ୱରୂପ, ଶକଟକ ମାୟା ଐକ୍ୟବଦ୍ଧ / ସଂଘବଦ୍ଧ ଜୀବନ ଯାପନ ପାଇଁ ପ୍ରେରଣା ଦେଲା । ସେହି ପ୍ରେରଣାର ପ୍ରଭାବରେ ଜଣେ ସାଧୁସଂଘ ମଧରେ ନିଜକୁ ସାମିଲ କରିଦେଉଛି ତ ଆଉ କେହି ଚୋର, ଡକାୟତ, ମଦ୍ୟପ ଆଦି କୁ-ସଂଘରେ ନିଜକୁ ମିଶାଇ ଦେଉଛି । ଉଭୟ କାର୍ଯ୍ୟ / ପରିସର ଶକଟକ ବ୍ରହ୍ମମାୟାର ପ୍ରଭାବରେ ସଂଗଠିତ ହେଉଥିଲେ ମଧ ବ୍ୟକ୍ତିର ବିଚାର, ବୁଦ୍ଧି, ସଂଗଦୋଷରୁ ତାହାର ଗତିପଥ ଭିନ୍ନମୁଖୀ ହୋଇ ଯାଉଅଛି । ସେହିପରି ସଂଘବଦ୍ଧତା ପ୍ରେରଣାରେ ଅନୁପ୍ରାଣିତ ହୋଇ କିଏ କେବଳ ନିଜ ପରିବାର ଯଥା - ବାପା, ମା, ଭାଇ, ଭଉଣୀ, ସ୍ତ୍ରୀ, ପୁତ୍ର, କନ୍ୟା ମାନଙ୍କୁ ନେଇ ଏକତ୍ର ରହିବାକୁ ଚାହୁଁଛି ତ ଅନ୍ୟ କେହି କେବଳ ତାର ସ୍ତ୍ରୀ/ସ୍ୱାମୀ ପୁତ୍ରକନ୍ୟାଙ୍କୁ ନେଇ ଏକତ୍ର ରହିବାକୁ ଇଚ୍ଛାକରି ପରିବାରର ଅନ୍ୟମାନଙ୍କ ଠାରୁ ଦୂରେଇ ଯାଉଛି । ଆଉ ଯେଉଁମାନେ ଈଶ୍ୱରଙ୍କ ପ୍ରତି ସଚ୍ଚା ଅନୁରାଗ, ଭକ୍ତି, ବିଶ୍ୱାସ ପ୍ରକଟ କରି ସୃଷ୍ଟି ରହସ୍ୟ ସଂପର୍କରେ କିଛି ଜ୍ଞାନ ଆହରଣ କରିଛନ୍ତି, ସେମାନେ ଏ ବିଶ୍ୱର ସମସ୍ତଙ୍କୁ ଗୋଟିଏ ପରିବାର ଜ୍ଞାନ କରି ସଂଘୀୟ/ଐକ୍ୟ ଜୀବନ ପାଇଁ ବ୍ୟାକୁଳ ହେଉଛନ୍ତି । ବାସ୍ତବରେ ଶକଟକ ମାୟାର ଏହାହିଁ ମୌଳିକତ୍ୱ ଓ ଏହାହିଁ ବ୍ରହ୍ମଙ୍କର ଆଜ୍ଞା / ଆଦେଶ ॥

ଉପରୋକ୍ତ ସମସ୍ତ ବିଲକ୍ଷଣକୁ ଅନୁଧାନ କଲେ ଅଧିକାଂଶ କ୍ଷେତ୍ରରେ ଉପଲବ୍ଧି କରାଯାଏ ଯେ, ନାରୀ ହିଁ ମୁଖ୍ୟ କାରଣ । ଯେ କୌଣସି ଗୋଟିଏ ପରିବାରର ଚିତ୍ର ଉଦାହରଣକୁ ନିଆଯାଉ । ପରିବାରରେ ପିତା, ମାତା, ଭାଇ, ଭଉଣୀଙ୍କୁ ନେଇ ବେଶ୍ ସୁନ୍ଦର ଐକ୍ୟତା ସ୍ଥାପନ ହୋଇ ଚାଲିଥିବ । ମାତ୍ର ଯେଉଁ ମୁହୂର୍ତ୍ତରେ ପରିବାରଟିର ପୁଅଟିଏ ବିବାହ ସୂତ୍ରରେ

ଆବଦ୍ଧ ହୋଇ ବୋହୂଟିଏ ଆଣୁଛି, ସେହି ମୁହୂର୍ତ୍ତରୁ ହିଁ ସେଠାରେ ଅଘଟଣର ସୂତ୍ରପାତ ହେବାର ସମସ୍ତ ସମ୍ଭାବନା ରହୁଛି । କାରଣ, ଆଗନ୍ତୁକା ବୋହୂଟି ଯଦି ସଂକୀର୍ଣ୍ଣମନା ହୋଇ ଶକଟକ ମାୟାର ବିଲକ୍ଷଣ ପ୍ରଭାବରେ ପ୍ରଭାବିତ ହୋଇଥାଏ, ତେବେ ତା'ର ଅନ୍ତର୍ନିହିତ ମମତା ସ୍ୱାର୍ଥମୁଖୀ ହୋଇ କେବଳ ନିଜର ସ୍ୱାମୀ ଓ ପିଲାମାନଙ୍କ ପ୍ରତି ସୀମାବଦ୍ଧ ହୋଇ ଯାଉଛି । ପରିଣାମରେ ଶକଟକର ମୌଳିକ ରେଖା ଐକ୍ୟଭାବର ଅନେକ ଦୂରକୁ ଯାଇ, ମମତାର ଦୁରୂପଯୋଗ କରିବା ସହ ପରିବାରର ପୂର୍ବ ଏକତାକୁ ଭାଙ୍ଗି ଚୁରମାର କରି ଦେଉଛି । ମାତ୍ର ନିଜର ଅଜ୍ଞାନତାରୁ ଜାଣିପାରୁ ନାହିଁ ଯେ, ଏହାଦ୍ୱାରା ସେ ପରୋକ୍ଷ ଭାବେ ବ୍ରହ୍ମଙ୍କ ଆଜ୍ଞା ଅବଜ୍ଞା କରି ବ୍ରହ୍ମଦ୍ରୋହ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଯାଉଛି ଏବଂ ଦିନେ ନା ଦିନେ ବିଚାରର ସମ୍ମୁଖୀନ ହେବ । ସେହିପରି ଜଣେ ମାଆ ସମସ୍ତ ସ୍ନେହ, ମମତାର ଅଧିକାରିଣୀ ହୋଇଛି । ''ମାଆ'' ଶବ୍ଦର ଯେଉଁ ବ୍ୟାପକ ପରିଭାଷା ରହିଛି, ସେ ସଂପର୍କରେ ସେ ସଂପୂର୍ଣ୍ଣ ଅଜ୍ଞ ହୋଇ ରହୁଛି । ଫଳରେ କେବଳ ସ୍ୱଗର୍ଭଜାତ ସନ୍ତାନ ବା ସହୋଦର ମାନଙ୍କ ବ୍ୟତୀତ ତା'ର ସ୍ନେହ, ପ୍ରୀତି, ମମତା ଆଉ କାହାରି ପ୍ରତି ବିସ୍ତାରିତ ହୋଇପାରୁନାହିଁ । ନିଜ ସ୍ୱାମୀ, ପୁତ୍ର, କନ୍ୟା ବ୍ୟତୀତ ଅନ୍ୟ କାହାରି ପ୍ରତି ତାହାର ତିଳେମାତ୍ର ମମତା ରହୁନାହିଁ । ତେଣୁ ତା'ର ଶରୀରରେ ଶକଟକ ମାୟାର ସୁପ୍ରଭାବ ପ୍ରତିହତ ହେଉଛି । ଶକଟକ ତା କାର୍ଯ୍ୟ ନିର୍ଭୁଲ ଭାବରେ କରି ଚାଲିଛି ଏବଂ ହୃଦୟରେ ସ୍ନେହ, ପ୍ରୀତି, ମମତାର ଉତ୍ସ ଢୋଳି ଚାଲିଛି । କିନ୍ତୁ ତା'ର ଅପରିଣାମଦର୍ଶିତା ଓ ବିବେକହୀନତା କାରଣରୁ ସେହି ଦୈବୀସମ୍ପତ୍ତିକୁ ଅପବ୍ୟବହାର କରି ସ୍ୱାର୍ଥମୁଖୀ କରାଇ ଦେଉଛି । ଶକଟକ ଯଦି ବ୍ରହ୍ମଆଜ୍ଞାରୁ ବିଚ୍ୟୁତ ହୋଇ ଉପର ଆଲୋଚିତ ଦୈବୀଗୁଣକୁ ବିସ୍ତାରିତ କରୁନଥାନ୍ତା, ତେବେ ବ୍ୟକ୍ତି ମନରେ ନିଜ ପରିବାର, ଆତ୍ମିୟ ମାନଙ୍କ ପ୍ରତି ମଧ୍ୟ ମମତା ଜାତ ହୁଅନ୍ତା ନାହିଁ । ତେଣୁ ଜଣେ ନାରୀ ମାତୃତ୍ୱ ଅଧିକାରିଣୀ ହୋଇ ଯଦି ସୀମିତ ଏକ ପରିବାରରେ ଏକତ୍ୱ ପ୍ରତିଷ୍ଠା କରିବାପାଇଁ ବିମୁଖ ହୋଇଯାଇଛି, ଏ ବିଶ୍ୱରେ ଏକତ୍ୱ ପ୍ରତିଷ୍ଠା କରି ବ୍ରହ୍ମଙ୍କ ଇଚ୍ଛା ପୂର୍ଣ୍ଣ କରିବ କିଏ ?

ମାଆଟିଏ ଅନୁଭବ କରିବା ଆବଶ୍ୟକ, ତା ନିଜ ଗର୍ଭଜାତ ଶିଶୁଟି ଯେଉଁ ପ୍ରକ୍ରିୟାରେ ଯେଉଁଠାରୁ ଆସିଛି, ଏ ବିଶ୍ୱର ସମସ୍ତ ସନ୍ତାନ ଠିକ୍ ସେହି ଗୋଟିଏ ପ୍ରଣାଳୀରେ ଏ ଧରାପୃଷ୍ଠକୁ ଆସିଛନ୍ତି । ନିଜ ସନ୍ତାନ ପାଇଁ ତା ମନରେ ଯେଉଁ ମମତା, ବ୍ୟାକୁଳତା ସୃଷ୍ଟି ହେଉଛି, ତାକୁ ମିଶାଇ ଏ ସୃଷ୍ଟିର ସମସ୍ତ ଜୀବଜନ୍ତୁଙ୍କ ପାଇଁ ବିଶ୍ୱଜନନୀ ବା ପ୍ରକୃତିରାଣୀଙ୍କର ମନରେ ଠିକ୍ ସମଭାବରେ, ସମପରିମାଣରେ ମମତା, ବ୍ୟାକୁଳତା ସୃଷ୍ଟି ହେଉଅଛି । କିନ୍ତୁ ସେ ସୂକ୍ଷ୍ମ ସତ୍ତା ନେଇ ବହୁଳଭାବରେ ସର୍ବବ୍ୟାପକ ଭାବରେ ଅବତୀର୍ଣ୍ଣା ହୋଇଥିବାରୁ ନିଜର ଶକଟକ ମାୟା ବିସ୍ତାର କରି ତାଙ୍କ ସ୍ଥୁଳ ରୂପାନ୍ତରିତ ନାରୀ ହୃଦୟରେ ତାଙ୍କର ସେହି ମମତାର ଉତ୍ସ ଢୋଳି ଦେଇଛନ୍ତି । ମାତ୍ର ସେହି ଶକ୍ତି ପ୍ରାପ୍ତ ହୋଇ ନାରୀ ଯଦି ତାକୁ କେବଳ ନିଜର ପରିବାରରେ ସୀମିତ ରଖି ଏ ବିଶ୍ୱବାସୀଙ୍କୁ ପର ବୋଲି ବିବେଚନା କଲା, ତେବେ ବିଶ୍ୱଜନନୀଙ୍କର ପ୍ରତିନିଧିତ୍ୱ କରିବାର ଅଧିକାର ଆଉ ରହିଲା କେଉଁଠି ? ସେତେବେଳେ ସେ ସିନା ନିଜ ପରିବାରର କ୍ଷଣିକ ସୁଖ, ସମୃଦ୍ଧିରେ ଆନନ୍ଦ ବିଭୋର ହୋଇଯାଇଛି,ସମାନ୍ତରାଳ ଭାବରେ ବ୍ରହ୍ମ ବିରୋଧି, ପ୍ରକୃତି ବିରୋଧି ହୋଇ ଆଗାମୀ ଦିନରେ ଦୁଃଖ, ଯନ୍ତ୍ରଣା, ନିନ୍ଦା, ଅପବାଦ, ଆଦି ଲାଞ୍ଛିତ ଫଳାଫଳକୁ ଆମନ୍ତ୍ରଣ ଜଣାଇ ସ୍ୱାଗତ କରିସାରିଛି ! ବ୍ରହ୍ମଙ୍କ ବିଚାର ଯେତିକି ମଧୁରତମ, ସେତିକି କ୍ରୁର, ନିଷ୍ଠୁର ଓ ଭୟଙ୍କର ।...କ୍ରମଶଃ...

□□□

ଚେତା ପୁରୁଷଙ୍କୁ କର ନଜର ।
ଉନ୍ମୁକ୍ତ କର ଚେତନା ଦୁଆର ॥

ମାନସ ଜପରେ ଦିଅ ଧ୍ୟାନ ।
ଉଦୟ ହୋଇବ ତୋ' ଦିବ୍ୟଜ୍ଞାନ ॥

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

| କେଉଁ ତପବଳେ ପାଇଛୁ ଆଜିରେ<br>ଚରମରୁ ଗନ୍ଧିଧନ !<br>କେତେ ରଙ୍ଗେ କେତେ ଲୀଳା ରଚି ସେହି<br>ଆବୋରିଛି ତନୁମନ ॥ | ତୋ ପାଇଁ ନିତି ସେ ଝୁରୁଛି ମଉନେ<br>ତୁ କିନ୍ତୁ ଭାବୁନୁ ଥରେ ।<br>ତୋ ମାୟା ସଂସାରେ ବୁଡି ରହୁ ତୁହି<br>କିପରି ପାଇବୁ ତାରେ ? |
|---|---|

*କାଳଚକ୍ରର ଗତି ଅତି ପ୍ରଖର । ନିଷ୍ଠୁରି ଅତ୍ୟନ୍ତ କଠୋର । ବ୍ରହ୍ମଙ୍କ ଆଜ୍ଞା ପ୍ରାପ୍ତ ହୋଇ ସେ ଯେତେବେଳେ ସୃଷ୍ଟି ନିଷ୍ଠୁରି କାର୍ଯ୍ୟରେ ନିୟୋଜିତ ହୁଏ, ସେତେବେଳେ ପର, ଆପଣା, ଭଲମନ୍ଦ, ଚାତୁରୀ, ଧନର ପ୍ରଲୋଭନ, ସ୍ୱାମୀ ସ୍ତ୍ରୀ, ବାପପୁଅ, ଭାଇଭଉଣୀ ଆଦି କୌଣସି ସଂପର୍କ / ଭାବକୁ ଭୃକ୍ଷେପ କରେନାହିଁ । ମାତ୍ର ଗୋଟିଏ ପରିସ୍ଥିତିରେ ତା'ର ଶାଣିତ ଚକ୍ର ନମ୍ର ହୋଇଯାଏ । ଗତିରୋଧ ହୋଇଯାଏ । ମଥାନୋଇଁ ଗତିପଥ ପରିବର୍ତ୍ତନ କରିଦିଏ । ସେହି ଅବସ୍ଥାଟି ହେଉଛି ଭକ୍ତର ଭକ୍ତି ପ୍ରେମ ଭାବ । ପ୍ରେମମୟଙ୍କ ଉପରେ ଅଖଣ୍ଡ ଦୃଢ଼ ବିଶ୍ୱାସ ରଖି କୌଣସି ପ୍ରତିକୂଳ ପରିସ୍ଥିତିକୁ ଖାତିର ନକରି ଯିଏ ଆନନ୍ଦରେ ନିଜର ସ୍ଥିତିକୁ ବଜାୟ ରଖିପାରେ, ତାରି ନିକଟରେ କାଳଚକ୍ର ପରାଜୟ ସ୍ୱୀକାର କରିବାକୁ ବାଧ୍ୟହୁଏ । କିନ୍ତୁ ଏହି ଭାବ ସ୍ଥାୟୀ ହୋଇ ରହିବା ଖେଳଘର କଥା ନୁହେଁ । ଏଥିପାଇଁ ପ୍ରଥମରୁ ହିଁ ଅଭ୍ୟାସ ମାଧ୍ୟମରେ ଦୃଢ଼ରୁ ଦୃଢ଼ତର ଦୃଢ଼ତମ କରିବାକୁ ହୁଏ । ତେଣୁ ବାଲ୍ୟଅବସ୍ଥାରୁ ହିଁ ପିଲାର ମନରେ ଏହି ମହାନ, ମହତ୍ ଗୁଣର ସତ୍ତା ଅଙ୍କୁରିତ କରିବାକୁ ହେବ । ତା ହେଲେ ତା'ର ପରିଣତ ବୟସ ହେବା ବେଳକୁ ଏହି ବୀଜଟି ମହାଦ୍ରୁମ ହୋଇଯିବ –*

**ଚରମ : ଅଷ୍ଟମ ପୁଷ୍ପ : ପ୍ରଥମ ପାଖୁଡ଼ା : ଅଷ୍ଟତ୍ରିଂଶତ୍ତମ (୩୮) ସଂଖ୍ୟା ଅନୁସୃତିରୁ :**

## ଦେବଶିଶୁ ସୁଧାନନ୍ଦ

ଗତ ସଂଖ୍ୟାରେ ଗୁରୁ ଅମେଧାନନ୍ଦଙ୍କ ଶେଷକୃତ୍ୟ ସମାପନ କରି ସୁଧାନନ୍ଦ ଆଶ୍ରମରେ ସ୍ୱୟଂ ସଂପୂର୍ଣ୍ଣଭାବରେ ଆଶ୍ରମାଧିଶ ଭାବରେ ଅଭିଷିକ୍ତ ହେଲେ । ପରମପୁରୁଷ ବାଲ୍ୟରୂପ ଧାରଣ ପୂର୍ବକ ତାଙ୍କ ସହ ବାଲ୍ୟଲୀଳା ସଂରଚନ କରି ନୀଳାଭ ଜ୍ୟୋତିରଶ୍ମୀ ସୁଧାନନ୍ଦଙ୍କ ଶରୀରରେ ପ୍ରବେଶ କରାଇଦେଇ ଗଲେ । ଆଶ୍ରମ ଅନ୍ତେବାସୀ ମାନଙ୍କ ମଧ୍ୟରୁ ବୟସର ବିଚାରରେ ସୁଧାନନ୍ଦଙ୍କୁ ବିରୋଧ, ସମାଲୋଚନା କରୁଥିବା ବ୍ୟକ୍ତିମାନେ ତାଙ୍କୁ ଶ୍ରଦ୍ଧା, ସମ୍ମାନ ଦେଇ ଗୁରୁଭାବରେ ଗ୍ରହଣ କରିନେଲେ । ଏହାପରେ :

ସୁଧାନନ୍ଦ ଗୁରୁ ଆସନରେ ରହି ଆଶ୍ରମର ଅନ୍ୟମାନଙ୍କୁ ଶିକ୍ଷାଦାନ କରିବାକୁ ଆରମ୍ଭ କଲେ । ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ସ୍ନାନାଦି ନିତ୍ୟକର୍ମ ପରେ ବ୍ରହ୍ମଆରାଧନା, ବେଦପାଠ, ପୂଜା, ତର୍ପଣାଦି କର୍ମପରେ ନିଜେ ବ୍ରହ୍ମତତ୍ତ୍ୱଜ୍ଞାନ ଶିକ୍ଷାଦେବାକୁ ଲାଗିଲେ । ଧୀରେ ଧୀରେ ତାଙ୍କର କଠୋର ପରିଶ୍ରମ ବଳରେ ଆଶ୍ରମବାସୀଙ୍କ ମନରେ ଐକ୍ୟଭାବ ସୃଷ୍ଟି ହୋଇଗଲା । ବାସ୍ତବରେ ଆଶ୍ରମ ଏକ ବ୍ରହ୍ମପୁରୀର ମର୍ଯ୍ୟାଦା ଲାଭ କରି ପ୍ରେମାନନ୍ଦରେ ଉଚ୍ଛୁଳି ଉଠିଲା । ସୁଧାନନ୍ଦଙ୍କ ପ୍ରତିଷ୍ଠା କ୍ରମଶଃ ନିକଟରୁ ଅନ୍ୟାନ୍ୟ ଆଶ୍ରମକୁ ବ୍ୟାପିଗଲା । ଅନେକ ସ୍ଥାନରୁ ବିଦ୍ୟାର୍ଥୀମାନେ ତାଙ୍କ ନିକଟକୁ ଆସି

ଆଶ୍ରମ ତପୋବନରେ ରହି ଶିକ୍ଷାଗ୍ରହଣ କରିବାକୁ ଆଗ୍ରହୀ ହେଲେ । ଫଳରେ ସ୍ଥାନଟି ଏକ ମନୋରମ ପରିବେଶରେ ବ୍ୟାପକ ସ୍ଥିତି ଧାରଣ କଲା । ଯେତେଲୋକ ଆସିଲେ ସମସ୍ତେ ସୁଧାନନ୍ଦଙ୍କ ବୟସ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଏତେକମ୍ ବୟସରେ ବିଶାଳ ଜ୍ଞାନର ଅଧିକାରୀ ଏହି ବିସ୍ମୟ ବାଳକକୁ ଦେଖି କେହି କୌଣସି ନିର୍ଯ୍ୟାସରେ ପହଞ୍ଚି ପାରିଲେ ନାହିଁ । ଜ୍ଞାନର ଭାରରେ ଭାବ ଗମ୍ଭୀର, କିନ୍ତୁ ସ୍ୱଭାବରେ ବାଳକ ସୁଲଭ ଚପଳତା । ଏହାହିଁ ବ୍ରହ୍ମକରୁଣାର ଚମତ୍କାରିତା । ଏହି ଅବସ୍ଥା ପ୍ରାପ୍ତ ହେଲେ ହିଁ ସେହି ବିରାଟପୁରୁଷଙ୍କୁ ଅନୁଭବ କରିହେବ । ସୁଧାନନ୍ଦଙ୍କ ଠାରେ ଉକ୍ତ ସତ୍ୟତା ପୂର୍ଣ୍ଣଭାବରେ ବିକଶିତ ହୋଇ ଉଠିଥିଲା ।

ସୁଧାନନ୍ଦ ବ୍ରହ୍ମରାଜ୍ୟରେ ଧୀରେ ଧୀରେ ଚରମ ସୋପାନକୁ ଗତି କରୁଥିବା ସମୟରେ ଏପଟେ ତାଙ୍କର ଜନ୍ମଦାତା, ଜନ୍ମଦାତ୍ରୀ ପୁତ୍ର ବିରହ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଥିଲେ । ମମତାର ବନ୍ଧନରେ ସର୍ବଦା ବନ୍ଦୀ ଜନନୀ ବାରମ୍ବାର କ୍ରନ୍ଦନ କରି ପିତାଙ୍କୁ ବାଧ୍ୟ କରୁଥିଲେ ଥରେ ଯାଇ ପୁଅକୁ ଦେଖି ଆସିବା ପାଇଁ । କିନ୍ତୁ ଗୁରୁଦେବ ତାଙ୍କ ପୁଅକୁ କେଉଁଠାକୁ ନେଇଛନ୍ତି ତା'ର ଠିକଣା ତାଙ୍କ ନିକଟରେ ନଥିଲା । ତେଣୁ ଏ ବିଶାଳ ସଂସାରରେ କେଉଁସ୍ଥାନକୁ ପୁଅକୁ ଖୋଜିବାକୁ ଯିବେ । ଉଭୟ କେବଳ ଝୁରି ଝୁରି ରହିବା ବ୍ୟତୀତ କୌଣସି ବିକଳ୍ପ ଚିନ୍ତା କରିପାରୁନଥିଲେ । ସ୍ରଷ୍ଟାଙ୍କ ବିଚିତ୍ରତାରେ ରକ୍ତର ଡ଼ାକରା ଅତ୍ୟନ୍ତ ତୀବ୍ର । ବ୍ୟକ୍ତି ବ୍ରହ୍ମଜ୍ଞାନର ଅଧିକାରୀ ହୋଇ ମୋହଫାଶରୁ ମୁକ୍ତ ହୋଇଯିବ, ମାତ୍ର ରକ୍ତର ସଂପର୍କରେ ପୂର୍ଣ୍ଣଚ୍ଛେଦ ଟାଣିପାରିବ ନାହିଁ । ସୁଧାନନ୍ଦ ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ସାଂସାରିକ ମୋହ ବନ୍ଧନର ଊର୍ଦ୍ଧ୍ୱକୁ ଚାଲିଯାଇଛନ୍ତି । ପିତା, ମାତାଙ୍କ ଆକର୍ଷଣ ତାଙ୍କୁ ବିଚଳିତ କରିପାରିବ ନାହିଁ ତାହା ସତ୍ୟ । କିନ୍ତୁ ନିଜ ଶରୀରରେ ବ୍ରହ୍ମଙ୍କ ସୂକ୍ଷ୍ମ ଉପସ୍ଥିତି ଓ ନିତ୍ୟ ଜାଗ୍ରତ ଅବସ୍ଥା କାରଣରୁ ତାଙ୍କ ବିଷୟରେ କିଏ କେଉଁଠି କିପରି ଭାବରେ ଚିନ୍ତା କରୁଛି ତାହା ଜାଣିବା ତାଙ୍କ ପକ୍ଷେ ଅସମ୍ଭବ ନଥିଲା । ଦିନେ ମାଆ ସାରଥି ପିତା ସତ୍ୟବ୍ରତଙ୍କୁ କହିଲେ, ''ଯେଉଁଦିନ ପୁଅ ଶୋଇଥିବା ସମୟରେ ହଠାତ୍ ଅନ୍ତର୍ଦ୍ଧାନ ହୋଇଯାଇଥିଲା, ସେହିଦିନ ମୋ ବ୍ୟାକୁଳତାର ଉତ୍ତରରେ ସେ ମୋତେ କହିଥିଲା, ବ୍ରହ୍ମ ସବୁଠାରେ ସବୁଭାବରେ ସୂକ୍ଷ୍ମରେ ଉପସ୍ଥିତ ଅଛନ୍ତି ଏବଂ ଜୀବର ବ୍ୟାକୁଳତା ତୀବ୍ର ଆକାର ଧାରଣ କଲେ ସେ ତତ୍କ୍ଷଣାତ୍ ତାଙ୍କ ଉପସ୍ଥିତିର ସୂକ୍ଷ୍ମସୂଚନା ଦେଇ ଜୀବର ବ୍ୟାକୁଳତା ଦୂରକରି ସନ୍ତୋଷ ଦାନ କରନ୍ତି । ତେଣୁ ଆମେ ଆମ ଗର୍ଭ ଔରସଜାତ ସନ୍ତାନଟିକୁ ଥରେ ଦେଖିବାକୁ ଏତେ ବ୍ୟାକୁଳ ହେଉଛୁ । ତାହା କ'ଣ ପ୍ରଭୁ ଜାଣିପାରୁ ନାହାନ୍ତି ? ତା ହେଲେ ଆମର ବ୍ୟାକୁଳତା ତୀବ୍ର ନୁହେଁ ?'' ଏତିକି କହି ସାରଥୀ ଦେବି ଛୋଟ ପିଲାପରି କହିଁ କହିଁ ହୋଇ କାନ୍ଦି ପକାଇଲେ । ଏଥରକ ଆଉ ସୁଧାନନ୍ଦ ସ୍ଥିର ହୋଇ ରହିପାରିଲେ ନାହିଁ । ମାଆଙ୍କ ପ୍ରାଣଭରା କ୍ରନ୍ଦନ ତାଙ୍କ ମନ, ପ୍ରାଣ ଦୋହଲାଇ ଦେଲା । ରକ୍ତର ଆକର୍ଷଣ ତାଙ୍କୁ ବିବ୍ରତ କରିଦେଲା । ଧର୍ମ ସଙ୍କଟରେ ପଡିଗଲେ ଯୋଗୀଶ୍ରେଷ୍ଠ ସୁଧାନନ୍ଦ । ଗୋଟିଏ ପକ୍ଷେ ସାଧନସୂତ୍ରରେ ସନ୍ୟାସଧର୍ମର ନିଷ୍ଠୁର ନିୟମ । ଅପରପାର୍ଶ୍ୱରେ ଜନ୍ମଦାତ୍ରୀଙ୍କ ଆତ୍ମାର ବିଳାପ । ମନ ଓ ବିବେକର ସଂଘର୍ଷରେ ବିବ୍ରତ ହୋଇ ନିରବଚ୍ଛିନ୍ନ ଭାବରେ ପରମେଶ୍ୱରଙ୍କୁ ଚିନ୍ତା କରିବାକୁ ଲାଗିଲେ । କିନ୍ତୁ କୌଣସି ସମାଧାନ ସୂତ୍ର ପାଇଲେ ନାହିଁ । ଲୀଳାମୟଙ୍କ ଲୀଳା ତାଙ୍କ ବିନା ବୁଝିବା ଆଉ କାହାରି ପକ୍ଷେ ସମ୍ଭବ ନୁହେଁ । ଭକ୍ତ ବତ୍ସଳ ନାମ ବହିଛନ୍ତି ଯେତେବେଳେ ଭକ୍ତର ଆକୁଳତା ସହ୍ୟ କରିବେ କିପରି ? ସୁଧାନନ୍ଦଙ୍କ ଆର୍ତ୍ତଭାବକୁ ଗ୍ରହଣ କଲେ ଆର୍ତ୍ତତ୍ରାଣ । ସୁଧାନନ୍ଦଙ୍କ ଅଗୋଚରରେ ଆରମ୍ଭ ହୋଇଗଲା ତାଙ୍କ ଲୀଳାମୃତ । ରତ୍ନସିଂହାସନ ତ୍ୟାଗକରି ଏକ ଭିକ୍ଷୁକ ସନ୍ୟାସୀ ରୂପରେ ପହଞ୍ଚିଗଲେ ସତ୍ୟବ୍ରତଙ୍କ ଦ୍ୱାରଦେଶରେ । ଲୋତକ ଢଳଢଳ ଚକ୍ଷୁରେ ସାରଥୀ ଭିକ୍ଷା ଦେବାକୁ ଆସନ୍ତେ ସନ୍ୟାସୀ ପଚାରିଲେ, ''ମାଆ ! କାନ୍ଦୁଛ କାହିଁକି ?'' ସାରଥୀ ତାଙ୍କ ମନର ସମସ୍ତ କାହାଣୀ ଖୋଲିଦେଲେ । ମୃଦୁ ହସି ସନ୍ୟାସୀ କହିଲେ, ''ମାଆ ! ଏଇ ସାମାନ୍ୟ କଥା ପାଇଁ ଏତେ ଦୁଃଖ କରୁଛ ? ତୁମ ସୁପୁତ୍ର ସୁଧାନନ୍ଦ ଆଜି ଅନେକ ସମ୍ମାନର ଅଧିକାରୀ । ତା'ର ଅଲୌକିକତା ଧୀରେ ଧୀରେ ବିଶ୍ୱବ୍ୟାପକ ହେବାରେ ଲାଗିଛି । ସେଭଳି ପୁତ୍ରକୁ ଜନ୍ମଦେଇ ତୁମେ ଧନ୍ୟା ହୋଇଛ । ଏ ଜଗତ ତୁମ ନିକଟରେ ଚିର ଋଣୀ ହୋଇଯାଇଛି । ତା'ର ଏହି ପ୍ରତିଷ୍ଠାରେ କଣ ତୁମେ ସୁଖୀ ନୁହଁ । ତାକୁ ସାଂସାରିକ

ମୋହଫାଶରେ ବାନ୍ଧି ରଖିଥିଲେ କ'ଣ ପାଇଥାନ୍ତ ? ତେଣୁ ତା ପାଇଁ ଏତେ ଚିନ୍ତା କର ନାହିଁ ।'' ସନ୍ୟାସୀଙ୍କ ମୁହଁରୁ ପୁଅ କଥା ଶୁଣି ସେ ଆହୁରି ଚମକି ଉଠିଲେ । ସନ୍ୟାସୀଙ୍କ ଉପଦେଶ ତାଙ୍କ ଉପରେ କୌଣସି ପ୍ରଭାବ ସୃଷ୍ଟି କରି ପାରିଲା ନାହିଁ । ବାତ୍ସଲ୍ୟ ପ୍ରେମରେ ଅଧୀରା ହୋଇ ପଚାରିଲେ, ''ହେ ମହାତ୍ମା ! ତୁମେ କ'ଣ ମୋ ପୁଅର ଠିକଣା ଜାଣିଛ ? ଯଦି ଜାଣିଥାଅ, ତୁମ ପାଦ ଧରୁଛି, ମାତ୍ର ଥରକ ପାଇଁ ମୋତେ ତା ନିକଟକୁ ନେଇଚାଲ । ମୁଁ ତା'ର କର୍ମରେ ଆଦୌ ବାଧା ସୃଷ୍ଟି କରିବି ନାହିଁ । ଥରେ ମାତ୍ର ତାକୁ ଦେଖି ଫେରି ଆସିବି ।'' ଏତିକି କହି ପାଦରେ ଲୋଟି ପଡିଲେ । ଦୟାମୟଙ୍କ ହୃଦୟ ମାତୃତ୍ବର ମମତାରେ ବିଗଳିତ ହୋଇଗଲା । ବଚନ ଦେଲେ, ''ମୁଁ ତୁମକୁ ନେଇଯିବି । ମାତ୍ର ଅନେକ ଦୂର । ଏତେବାଟ ଚାଲି ଚାଲି ଯାଇପାରିବ ?'' ଧନ୍ୟ ପ୍ରଭୁ ! ଶେଷ ମୁହୂର୍ତ୍ତରେ ମଧ ପରୀକ୍ଷା ନନେଲେ ମନ ବୋଧ ହୋଇ ପାରିବ ନାହିଁ । ସର୍ବନିୟନ୍ତା, ସୃଷ୍ଟିକର୍ତ୍ତା ନିଜେ ସଂଗରେ ନେଇଯିବେ, କଷ୍ଟକୁ ସେ ଦୂର କରିପାରିବେ ନାହିଁ ? କିନ୍ତୁ ପୁଅ ପ୍ରତି ମମତାର ନିସ୍ବାର ପରାକାଷ୍ଠା ନ ନେଲେ କିପରି ହେବ । ମାଆ ସାରଥୀ ସମସ୍ତ କଷ୍ଟ ସ୍ୱୀକାର କରିବାକୁ ରାଜି ହେବାରୁ ଛଦ୍ମବେଶୀ ସନ୍ୟାସୀ ସେମାନଙ୍କୁ (ପିତା ସତ୍ୟବ୍ରତ ଓ ମାଆ ସାରଥୀ) ଧରି ଚାଲିଲେ ସୁଧାନନ୍ଦଙ୍କ ଆଶ୍ରମ । ଆଶ୍ରମର ନିକଟବର୍ତ୍ତୀ ହେବାରୁ ଅଭିନବ ଛଳନାପୂର୍ଣ୍ଣ କୌଶଳ କରି ଆଶ୍ରମର ପଥ ନିର୍ଦ୍ଦେଶ କରି କହିଲେ, '' ତୁମେ ଯାଅ । ତୁମ ପୁଅକୁ ଦେଖି ଫେରିଯିବ । ମୁଁ ମୋ କାମରେ ଅନ୍ୟ ଆଡ଼େ ଯାଉଛି ।'' ଏତିକି କହି ଜଙ୍ଗଲର ନିଭୃତ ପରିବେଶରେ ଅନ୍ତର୍ଦ୍ଧାନ ହୋଇଗଲେ ଭକ୍ତ ବତ୍ସଳ ॥

ମାଆଙ୍କର ଆକୁଳତାରେ ବିଗଳିତ ହୃଦୟନେଇ ସୁଧାନନ୍ଦ ଅପେକ୍ଷା କରି ରହିଛନ୍ତି, କେବେ ପ୍ରଭୁଙ୍କର କରୁଣା ହେବ ? ଏହି ସମୟରେ ଦେଖିଲେ ଦୂରରୁ ପିତା, ମାତା ଉଭୟେ ଆଶ୍ରମ ଅଭିମୁଖେ ଆସୁଛନ୍ତି । ଝଡ଼ପ୍ରାୟ ଛୁଟିଗଲେ ଯୋଗୀବର ଯୋଗୀବର-ସତେ ଯେପରି ଦୁଇ ତିନି ବର୍ଷର ବାଳୁତ ଶିଶୁଟିଏ ତା'ର ମାଆ କୋଳକୁ ଡେଇଁ ପଡୁଛି । ଆନନ୍ଦରେ ଅଧୀରା ହୋଇ ଡେଇଁ ପଡିଲେ ମାଆଙ୍କ କୋଳକୁ । କି ଅପୂର୍ବ ସେ ମମତାର ମିଳନ - ସତେ ଯେପରି ବ୍ରହ୍ମ ବାତ୍ସଲ୍ୟ ଅଧିରା ମାଆ ଯଶୋଦାଙ୍କ କୋଳରେ ଲୀଳାନାୟକ ପ୍ରଭୁ ଶ୍ରୀକୃଷ୍ଣ ହଜିଯାଇଛନ୍ତି ॥

କ୍ରମଶଃ.....

ବିକଟାଳ କାଳ ଛାଡ଼ିବ
ଭୀମ ଭୈରବ ରଡ଼ି,
ଚାହୁଁ ଚାହୁଁ ଜୀବ ଅକାଳେ
ଯାଉଥିବେରେ ଝଡ଼ି ।
ତୋ ରକ୍ଷା କବଚ ତୋଡେରେ
ତହିଁ କରିବ ରକ୍ଷା,
କାତର ନ ହୁଅ କଦାପି
ଦିଅ ଭକ୍ତି ପରୀକ୍ଷା ॥

# ଉତ୍ତିଷ୍ଠତ ! ଜାଗ୍ରତ !!

## ସୁଖହିଁ ଦୁଃଖ

ସଂଯୋଗ ଜନିତ ସୁଖ ଉପଭୋଗ ଦ୍ୱାରା ବ୍ୟକ୍ତି ନିଜର ତଥା ସଂସାରର କ୍ଷତିସାଧନ କରେ । ଏ ଜଗତରେ ସଂଯୋଗ ଜନିତ ଯେତେ ସୁଖ ରହିଛି ବା ମିଳୁଛି, ସେସବୁ ସକଳ ଦୁଃଖର କାରଣ ଅଟେ । ଶ୍ରୀମଦ୍ ଭଗବତ ଗୀତାର ପଞ୍ଚମ ଅଧ୍ୟାୟର ୨୨ ଶ୍ଳୋକରେ ଅଛି - 'ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖଯୋନୟ ଏବ ତେ' । ଦୁଖର ମୂଳକାରଣ ହେଉଛି ସୁଖ ଭୋଗର ଅଭୀପ୍ସା । ସୁଖ ଭୋଗ କରୁଥିବା ବ୍ୟକ୍ତି ନିଜ ପାଇଁ ତଥା ସଂସାର ପାଇଁ ଦୁଃଖର କାରଣ ହୁଏ, ଅର୍ଥାତ୍ ସମସ୍ତଙ୍କୁ ଦୁଃଖ ଦିଏ ଓ ଅନ୍ୟ ସମସ୍ତଙ୍କ ପ୍ରତି ହିଂସା ଆଚରଣ କରେ । କାରଣ ମୌଳିକ ଭାବରେ ଲକ୍ଷ୍ୟ କଲେ ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଭାବରେ ଜଣାଯାଏ ଯେ, ହିଂସା ବିନା ସାଂସାରିକ ସୁଖଭୋଗ ଅସମ୍ଭବ । ଅନ୍ୟ ପକ୍ଷରେ ଯିଏ ସର୍ବତ୍ର ପରମାତ୍ମାଙ୍କୁ ଉପଲବ୍ଧ କରିପାରେ, ସେ ନିଜ ପ୍ରତି ବା ଅନ୍ୟମାନଙ୍କ ପ୍ରତି କଦାପି କସ୍ମିନ୍‌କାଳେ ହିଂସା ଆଚରଣ କରେ ନାହିଁ । ଏହା ଗୀତାର ତ୍ରୟୋଦଶ ଅଧ୍ୟାୟର ୨୮ ଶ୍ଳୋକରେ ଲିପିବଦ୍ଧ ହୋଇଅଛି :

'ସମଂ ପଶ୍ୟନ୍ ହିଁ ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।
ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ଯାତି ପରାଂଗତିମ୍ ॥'

ସର୍ବତ୍ର ପରମାତ୍ମାଙ୍କୁ ଉପଲବ୍ଧ କରୁଥିବା ବ୍ୟକ୍ତି ଗୋଟିଏ ପ୍ରକାର ବିଶେଷ ଆନନ୍ଦରେ ସ୍ଥିତ ରହେ । ସେହି ଆନନ୍ଦ ହିଂସା ରହିତ, କାରଣ ସେହି ବିଶେଷ ପ୍ରକାର ଆନନ୍ଦ ବା ସୁଖ ନିଜର ଆତ୍ମ ସ୍ୱରୂପ ଅଟେ । ରାମ ଚରିତ ମାନସରେ ମହାତ୍ମା ତୁଳସୀ ଦାସ ମଧ କହନ୍ତି ;

'ଈଶ୍ୱର ଅଂଶ ଜୀବ ଅବିନାସୀ ।
ଚେତନ ଅମଲ୍ ସହଜ ସୁଖରାସୀ ॥'

ସାଂସାରିକ ଅନିତ୍ୟ ସୁଖ ଉପଭୋଗ କରୁଥିବା ବ୍ୟକ୍ତିକୁ ଲକ୍ଷ୍ୟକରି ତଦ୍ରୂପ ସୁଖଲାଭ କରି ପାରୁ ନଥିବା ଅନ୍ୟ ସମସ୍ତଙ୍କ ମନରେ ଅବଶ୍ୟ ଦୁଃଖ ଜାତ ହୁଏ । ତାଙ୍କ ନିଜ ଜୀବନରେ ସେପରି ଅନିତ୍ୟ ସୁଖ ସମ୍ଭୋଗ ନଥିବାରୁ ସେମାନଙ୍କ ହୃଦୟରେ ଜ୍ୱାଳାଯନ୍ତ୍ରଣା ଜନିତ ଦୁଃଖ ଗଢେଇବା ସ୍ୱାଭାବିକ । ଏହି ଦୃଷ୍ଟିରୁ ଦେଖିଲେ, ସାଂସାରିକ ସୁଖ ଉପଭୋଗକାରୀ ବ୍ୟକ୍ତି ଅନ୍ୟମାନଙ୍କର ଦୁଃଖର କାରଣ ହୋଇଯାଏ ଓ ଅବଶେଷରେ ହିଂସାକାରୀ ମଧ ହୁଏ । କିନ୍ତୁ ଜଣେ ଜୀବନ୍ମୁକ୍ତ ମହାପୁରୁଷଙ୍କ ପାଖରେ ଯାବତୀୟ ସାଂସାରିକ ଭୋଗ ସାମଗ୍ରୀ ଗଚ୍ଛିତ / ଠୁଳ ହୋଇଥିଲେ ମଧ ସେ ସବୁ ଲକ୍ଷ୍ୟକରି ଅନ୍ୟମାନଙ୍କ ମନପ୍ରାଣରେ ଦୁଃଖ ବା ଜ୍ୱାଳା ହୁଏ ନାହିଁ । ଏ ଦୃଷ୍ଟିରୁ ମହାତ୍ମା ଅନ୍ୟମାନଙ୍କର ଦୁଃଖର କାରଣ ହୁଅନ୍ତି ନାହିଁ । କାରଣ ଜୀବନ୍ମୁକ୍ତ ମହାତ୍ମା ସାଂସାରିକ ଅନିତ୍ୟ ସୁଖ ଉପଭୋଗ କରନ୍ତି ନାହିଁ କି ସେଥିପ୍ରତି ଦୃଷ୍ଟିପାତ୍ ମଧ କରନ୍ତି ନାହିଁ । ତାଙ୍କ ଦୃଷ୍ଟିରେ ଯାବତୀୟ ସାଂସାରିକ ସୁଖ ସମ୍ଭୋଗ ଦୁଃଖ ସ୍ୱରୂପ ଅଟେ । ଯୋଗ ଦର୍ଶନ କହେ : 'ଦୁଃଖମେବ ସର୍ବଂ ବିବେକିନଃ ।' ତେଣୁ ଜୀବନ୍ମୁକ୍ତ ବ୍ୟକ୍ତିମାନଙ୍କ ପାଇଁ ସାଂସାରିକ ସୁଖ ନିରର୍ଥକ, ଏପରି କୌଣସି ସୁଖ ତାଙ୍କ ବିଚାରରେ ହିଁ ନଥାଏ । ସେ ନିଜେ ନିଜ ମଧ୍ୟରୁ ନିଜ ସୁଖର ସନ୍ଧାନ କରି ସଦା ସୁଖୀ ରହିଥାଆନ୍ତି । ପରମାତ୍ମାଙ୍କ ସୁଖ ହିଁ ତାଙ୍କର ସୁଖ । ପରମାତ୍ମାଙ୍କର କାର୍ଯ୍ୟ ହିଁ ତାଙ୍କର କାର୍ଯ୍ୟ । ତୁଳସୀଦାସଙ୍କ ମତରେ ବିଚାର କଲେ, ଜଗତର ସମସ୍ତଙ୍କର

ସ୍ୱରୂପ ହିଁ ସୁଖ ସ୍ୱରୂପ - 'ଚେତନ ଅମଳ ସହଜ ସୁଖରାସୀ' । ପାର୍ଥକ୍ୟ କେବଳ ଏତିକି, ସେମାନେ ନିଜର ଚେତନାକୁ ଅମଳ ବା ନିର୍ମଳ /ସ୍ୱଚ୍ଛ ରଖି ପାରୁ ନଥିବା ହେତୁ ପ୍ରକୃତ ନିତ୍ୟ ସୁଖ ପ୍ରତି ବିମୁଖ ହୋଇ ଅନିତ୍ୟ ସାଂସାରିକ ସୁଖ ପ୍ରତି ଉନ୍ମୁଖ ହେଉଛନ୍ତି । ଫଳତଃ ସୁଖ ମରୀଚିକା ପଛରେ ଗୋଡ଼ାଇ ଗୋଡ଼ାଇ ଅହେତୁକ ଦୁଃଖ ଯନ୍ତ୍ରଣା, ଜ୍ୱାଳା ଯାତନା ହିଁ ପାଉଛନ୍ତି । ଯଦି ସେମାନେ ଥରେ ମାତ୍ର ସାଧ ସାଧନା କରି ଅନିତ୍ୟ ସାଂସାରିକ ସୁଖ ସମ୍ଭୋଗ ପ୍ରତି ବିମୁଖ ଓ ବିତସ୍ପୃହ ହୋଇ ନିଜ ମଧ୍ୟରେ ଗଚ୍ଛିତ ନିତ୍ୟ ସୁଖମୟ ସ୍ୱରୂପରେ ସ୍ଥିତ ହୋଇଯିବେ, ତେବେ ନିଶ୍ଚିତ ଭାବରେ ପ୍ରକୃତ ଅର୍ଥରେ ସୁଖୀ ହୋଇ ପାରିବେ । ଏହି ନିତ୍ୟ ସୁଖ ଭାଗବଣ୍ଟଆରା କରିହୁଏ ନାହିଁ । ଏହାର ଭାଗିଦାର କେହି ହୋଇ ପାରନ୍ତି ନାହିଁ । ଏ ସୁଖ କେହି କାହାକୁ କରେଇ ଦେଇ ପାରେ ନାହିଁ, ବା ଅଂଶଟିଏ ମଧ୍ୟ ଅନ୍ୟ କାହାକୁ ଦେଇ ହୁଏ ନାହିଁ । ସେହିପରି କୌଣସି ଜୀବନ୍ମୁକ୍ତ ମହାତ୍ମାଙ୍କ ପାଖକୁ ଯଦି ସାଂସାରିକ ଅନିତ୍ୟ ସୁଖ ବା ଦୁଃଖ ଆସିଥାଏ ତଥାପି ତାହା ତାଙ୍କୁ ସୁଖ ବା ଦୁଃଖ ବୋଲି ବୋଧିହୁଏ ନାହିଁ, ତେଣୁ ସେ ତଦ୍ୱାରା କଦାପି ଲେଶମାତ୍ର ସୁଖୀ ବା ଦୁଃଖୀ ହୁଅନ୍ତି ନାହିଁ । ସେ ମହାସାଗର ପରି ସର୍ବଦା ଓ ସର୍ବଥା ଶାନ୍ତ ଓ ପୂର୍ଣ୍ଣ ରହନ୍ତି ।।

'ଆପୂର୍ଯ୍ୟମାଣମଚଳ ପ୍ରତିଷ୍ଠଂ ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍‌ବତ୍ ।
ତଦ୍‌ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାପ୍ନୋତି ନ କାମକାମୀ ।।' (ଗୀତା : ୨/୭୦)

ସବୁ ଜଳ ଆସି ସମୁଦ୍ରରେ ମିଶିଲେ ମଧ୍ୟ ସମୁଦ୍ର ଯେପରି ନିଜ ମର୍ଯ୍ୟାଦାରେ ସ୍ଥିତ ରହିଥାଏ, ସେହିପରି ସଂସାରର ସମସ୍ତ ସୁଖ ମିଳିଲେ ମଧ୍ୟ ଜୀବନ୍ମୁକ୍ତ ମହାତ୍ମା ନିଜ ମର୍ଯ୍ୟାଦାରେ ସ୍ଥିତ ରହନ୍ତି ଓ ଶାନ୍ତଶିଷ୍ଟ ରହନ୍ତି । ଅନ୍ୟ ପକ୍ଷରେ ସଂସାର ସୁଖ ଭୋଗକାମୀ ମନୁଷ୍ୟ କେବେବି କଦାପି ସୁଖୀ ହୋଇପାରେ ନାହିଁ କିମ୍ବା ଶାନ୍ତିରେ କାଳ ଅତିବାହିତ କରିପାରେ ନାହିଁ । ଯାହାକୁ ଯାଦୁ ହୋଇଛି, ସେ ଏକଥା ଭଲଭାବେ ଜାଣିଛି ଯେ, ଯାଦୁ କୁଣ୍ଡାଇବା ସମୟରେ ବେଶ୍ ଆରାମ ଓ ଭଲ ଲାଗୁଥିଲେ ମଧ୍ୟ ତାହା ପ୍ରକୃତ ସୁଖ ନୁହେଁ ଦୁଃଖ ହିଁ ଦୁଃଖ, କୁଣ୍ଡାଇବା ପରେ ପରିଣାମ ସ୍ୱରୂପରେ ଜଳାପୋଡ଼ା ହୁଏ, ତାହା ମଧ୍ୟ ସୁଖ ନୁହେଁ ଦୁଃଖ । ସେହି ନ୍ୟାୟରେ ସଂସାରର ଅନିତ୍ୟ ସୁଖ ସମ୍ଭୋଗକାମୀ ବ୍ୟକ୍ତି ଭୋଗ ସାମଗ୍ରୀ ନ ପାଇଲେ ଦୁଃଖ ଭୋଗେ, ପୁଣି ସେ ସାମଗ୍ରୀ ପାଇଗଲେ ମଧ୍ୟ ମାନ ଅଭିମାନ କରି ଅଶେଷ ଦୁଃଖହିଁ ପାଇଥାଏ । ଏ ପ୍ରସଙ୍ଗର ତାତ୍ପର୍ଯ୍ୟ ହେଉଛି, ସାଂସାରିକ କ୍ଷଣିକ ଭୋଗ ସମ୍ଭୋଗରୁ ଯେଉଁ ଅନିତ୍ୟ କ୍ଷଣସ୍ଥାୟୀ ସୁଖ ପ୍ରାପ୍ତି ହୁଏ ତାହା ପ୍ରକୃତରେ ଏକ ପ୍ରକାର ବ୍ୟଥା ଓ ବେଦନା । ଜୀବନ୍ମୁକ୍ତ ବ୍ୟକ୍ତିକୁ ଯେତେସବୁ ଭୋଗ ସମ୍ଭୋଗ ସାମଗ୍ରୀ ମିଳିଲେ ମଧ୍ୟ ସେ ତହିଁରେ ଜଡ଼ିତ ବା ଲିପ୍ତ / ଆସକ୍ତ ବା ମୋହଗ୍ରସ୍ତ ନହୋଇ ନିରୋଳାରେ ଶାନ୍ତ ଓ ସୁଖୀ ରହନ୍ତି । ନ ମିଳିଲେ ମଧ୍ୟ ପ୍ରଶାନ୍ତ ଓ ପ୍ରସନ୍ନ ରହନ୍ତି । ସେ ଯେଉଁ ନିତ୍ୟ ଶାନ୍ତି ଓ ସୁଖ, ପରମ ଆନନ୍ଦ ଲାଭ କରନ୍ତି ତାହା ସାଂସାରିକ ବସ୍ତୁ, ବ୍ୟକ୍ତି ବା ପରିବେଶରୁ ସଂଗ୍ରହ କରନ୍ତି ନାହିଁ, ତେଣୁ ତାଙ୍କ ପ୍ରାପ୍ତ ସୁଖ ଶାନ୍ତି ଆନନ୍ଦ ଏସବୁର ଅଧୀନ ନୁହେଁ । ସେହି ସୁଖ ଶାନ୍ତି ଓ ଆନନ୍ଦ ତାଙ୍କ ଅନ୍ତଃସ୍ଥଳରୁ ହିଁ ସ୍ୱତଃ ଜାତ ହୋଇଥାଏ ।।

ଭୋଗ ସାମଗ୍ରୀ ପାଖରେ ପାଇଲେ ବା ଥିଲେ ଯେଉଁ ବ୍ୟକ୍ତି ବୃଥାଭିମାନରେ ଅହଂକାର କରନ୍ତି, ସେ ହିଂସା ଆଚରଣ କରନ୍ତି । ସେହିପରି ଯାହାର ଗୁଣର ଅଭିମାନ ବା ଅହଂକାର ଥାଏ ସେ ମଧ୍ୟ ହିଂସା ଆଚରଣ କରେ । ଏ ଜଗତରେ ସବୁ ଆସେ, ପୁଣି ସବୁ ହିଁ ଚାଲିଯାଏ, କିଛି ଚିରଦିନ ସ୍ଥାୟୀ ହୋଇ ରହେନାହିଁ । ସେହିସବୁ ଆସୁଥିବା-ଯାଉଥିବା ପଦାର୍ଥକୁ ଧରି ସୁଖ ପାଇବାର ଆଶା ଆକାଂକ୍ଷା କରିବା ଭ୍ରମ ଓ ମାୟା ଅଟେ । ଅନିତ୍ୟ ସଂସାରରେ ବିଭିନ୍ନ ପ୍ରକାରର ଲୋକେ ବିଭିନ୍ନ ପ୍ରକାର ସ୍ଥିତିରୁ ସୁଖ କାମନା କରନ୍ତି । କିନ୍ତୁ ବାସ୍ତବରେ ସେମାନେ ସୁଖୀ ନୁହନ୍ତି । ତାଙ୍କଠାରୁ ବଡ଼ ଦୁଃଖୀ ଆଉ କେହି ନାହାନ୍ତି । କିଏ ନିଜକୁ ବଡ଼ ମନେ କରି ଅନ୍ୟ ମାନଙ୍କୁ ଛୋଟ, ହୀନ, ନଗଣ୍ୟ ବିଚାରି ଆତ୍ମପ୍ରସାଦ ଜନିତ ସୁଖରେ ବିଭୋର । କିଏ ନିଜର ବିଶେଷତ୍ୱରେ ମସ୍‌ଗୁଲ ହୋଇ ସୁଖ ପାଏ । କିଏ ନିଜର ଯୋଗ୍ୟତାକୁ ଜାହିର୍ କରି ଅନ୍ୟମାନଙ୍କୁ ଅଯୋଗ୍ୟ ବିବେଚନା କରି ସୁଖରେ ମତୁଆଲା ହୁଏ । କିଏ ନିଜର ଖ୍ୟାତି ଓ ପଦ ପଦବୀର ମର୍ଯ୍ୟାଦାକୁ

ସର୍ବଦା ସ୍ମରଣରେ ରଖି ଅନ୍ୟ ସମସ୍ତଙ୍କଠାରୁ ନିଜକୁ ସ୍ୱତନ୍ତ୍ର ବିଚାରି ସୁଖରେ ଅନୁଭବ । ସେହିପରି କେହି କେହି କାମଧନ୍ଦା ନକରି ଆଳସ୍ୟରୁ ସୁଖ ପାଏ । ଏହିପରି ଅସଂଖ୍ୟ ଦୃଷ୍ଟାନ୍ତ ରହିଛି । ସାଂସାରିକ ଭୋଗ ସଯୋଗ ଉପଭୋଗ କରୁଥିବା ବ୍ୟକ୍ତି ନିଜେ ତ ଦୁଃଖପାଏ, ଅନ୍ୟମାନଙ୍କ ପ୍ରତି ହିଂସା, ଈର୍ଷା ଆଚରଣ କରି ସେମାନଙ୍କୁ ମଧ୍ୟ ଦୁଃଖୀ କରାଏ ॥

ସକଳପ୍ରକାର ଜାଗତିକ ଅନିତ୍ୟ ଭୋଗସଯୋଗ ନିଶ୍ଚିତ ଦୁଃଖର କାରଣ ଅଟେ । ଏକଥା ମଧ୍ୟ ନିରାଟ ସତ୍ୟ ଯେ, ଅନିତ୍ୟ ସାଂସାରିକ ସୁଖ ପୂର୍ବରୁ ବିଦ୍ୟମାନ ନଥିଲା କିମ୍ବା ପରେ ମଧ୍ୟ ଚିରଦିନ ରହିବ ନାହିଁ । ଏପରି ଅନିତ୍ୟ ସୁଖ ସଯୋଗରେ ମତୁଆଲା ହେବାର ଅନ୍ୟ ଅର୍ଥ ନିଜକୁ ନିଜେ ହତ୍ୟା କରିବା ବ୍ୟତୀତ ଅନ୍ୟ କିଛି ହୋଇନପାରେ । ସୁଖ ଭୋଗ ପିୟାସୀ ବ୍ୟକ୍ତି ଜୀବନକାଳ ମଧ୍ୟରେ କେବଳ ପାପ ଓ ଦୁଃଖକୁ ହିଁ ବରଣ କରେ । ତେଣୁ ତୁମେ ଯଦି ନିଜର କଲ୍ୟାଣ କାମନା କର, ତେବେ ଯେ କୌଣସି ବ୍ୟକ୍ତି, ବସ୍ତୁ, ପରିସ୍ଥିତି ଆଦିରୁ ପ୍ରସନ୍ନତା ବା ସୁଖ ଅନୁଭବ କରିବାର ଆଶା ଓ ଲାଳସା ସଂପୂର୍ଣ୍ଣ ଭାବରେ ସର୍ବାଦୌ ମନ ଓ ଅନ୍ତଃକରଣରୁ ପୋଛି ଦେବା ଶ୍ରେୟସ୍କର । ***ତୁମକୁ ଦିଆଯାଇଥିବା ଧର୍ମଧାରା ଓ କର୍ମଯୋଗର ଏହାହିଁ ସାରମର୍ମ ।*** ଧର୍ମଧାରା ଧରିଥିବା କର୍ମଯୋଗୀ ସଂସାରରେ ସବୁକାମ କରେ ସତ, ମାତ୍ର କସ୍ମିନ୍‌କାଳେ ସଂଯୋଗ ଜନିତ ସୁଖ ଭୋଗ କରେ ନାହିଁ, କରିବା ଉଚିତ ମଧ୍ୟ ନୁହେଁ । ଯେ କୌଣସି କର୍ମ ବିନିମୟରେ ସେ ପ୍ରସନ୍ନତା କିଣେ ନାହିଁ; କାରଣ ସେ ତା'ଦ୍ୱାରା ନିଷ୍ପନ୍ନ ସକଳକର୍ମ ପ୍ରଭୁଙ୍କ ପାଦପଦ୍ମରେ ସମର୍ପଣ କରିଦେଇଥାଏ ।

ତ୍ୟାଗରୁ ସୁଖ ପ୍ରାପ୍ତ ହୁଏ । ଯେଉଁ ବ୍ୟକ୍ତି ଅନୁରକ୍ତ ନ ହୋଇ ବିରକ୍ତ, ଭୋଗୀ ନ ହୋଇ ତ୍ୟାଗୀ, ସେ ନିଜେ ସୁଖ ଲାଭ କରନ୍ତି, ପୁଣି ତାଙ୍କ ଦର୍ଶନମାତ୍ରେ ଅନ୍ୟ ସମସ୍ତେ ମଧ୍ୟ ସୁଖ ଅନୁଭବ କରିପାରନ୍ତି । ସେପରି ବିରକ୍ତ ଓ ତ୍ୟାଗୀ ବ୍ୟକ୍ତି ହିଁ ଅନ୍ୟମାନଙ୍କୁ ସୁଖଦାନ କରିପାରନ୍ତି ଓ ଜଗତର ଅଶେଷ କଲ୍ୟାଣ ଓ ବିଶେଷ ଉପକାର ସାଧନ କରନ୍ତି । ଏପରି ବ୍ୟକ୍ତି ଯଦିଓ ଏକାନ୍ତରେ ଏକାଠି ବସି ରହନ୍ତି, ତଥାପି ତଦ୍ୱାରା ସଂସାରର ଦୁଃଖ ବହୁଳ ପରିମାଣରେ ବିନାଶ ହୁଏ ଓ ଜଗତର ମଙ୍ଗଳ ସାଧିତ ହୁଏ । ସେ ପରଂବ୍ରହ୍ମଙ୍କୁ ପ୍ରାର୍ଥନା କରନ୍ତି ;

***'ସର୍ବେ ଭବନ୍ତୁ ସୁଖିନଃ । ସର୍ବେ ସନ୍ତୁ ନିରାମୟାଃ ॥ ସର୍ବେ ଭଦ୍ରାଣି ପଶ୍ୟନ୍ତୁ । ମା କଶ୍ଚିଦ୍ ଦୁଃଖଭାଗ୍‌ଭବେଦ୍ ॥'*** ଏବଂ ***'ସ୍ୱସ୍ତି ପ୍ରଜାଭ୍ୟଃ ପ୍ରତିପାଳୟନ୍ତାମ୍ । ନ୍ୟାଯେନ ମାର୍ଗେଣ ମହୀଂ ମହୀଶାଃ । ଗୋ-ବ୍ରାହ୍ମଣେଭ୍ୟଃ ଶୁଭମସ୍ତୁ ନିତ୍ୟମ୍ । ଲୋକା ସମସ୍ତାଃ ସୁଖିନଃ ଭବନ୍ତୁ ॥'***

ତାଙ୍କ ସହିତ ଶତ୍ରୁଭାବାପନ୍ନ ବ୍ୟକ୍ତିଙ୍କୁ ମଧ୍ୟ ସେ ସୁଖଦାନରେ କୁଣ୍ଠିତ ନୁହନ୍ତି । ସେ ପ୍ରଭୁଙ୍କର ସଂସାର ପାଳନକାରୀ ଶକ୍ତି ସହିତ ଏକୀଭୂତ ହୋଇଯାଆନ୍ତି । ପ୍ରଭୁଙ୍କ ଦ୍ୱାରାକୃତ ଉପକାର ଓ ତାଙ୍କକୃତ ଉପକାର ପରସ୍ପର ସମାନ ହୋଇଥାଏ । ସେ ସାଂସାରିକ ସୁଖତ୍ୟାଗୀ ତଥା ଭଗବଦ୍ ଅନୁରାଗୀ, ତେଣୁ ସେ ସମଗ୍ର ସଂସାରର ହିଁ ମଙ୍ଗଳ ବିଧାନ କରନ୍ତି ॥

*ଯା' ପାଖେ ଶରଣ ନେଇଛୁ କହୁ ।*
*ତା' ପାଇଁ କି କିଛି ଯାତନା ସହୁ ?*
*ଯାତନା ସହିଲେ ବହିବୁ କର୍ମ ।*
*ସୁଖେ କରିଯିବୁ ସକଳ ଧର୍ମ ॥*

***ବସନ୍ତ ହେଉ କି ବରଷା ହେଉ***
***ବଇଶାଖ ହେଉ ଅବା ପଉଷ ।***
***କର୍ମଧାରା ଦୃଢ଼େ ସଜାଇ ରଖ***
***ଦରଶନ ଦେବେ ଚେତା ପୁରୁଷ ॥***

# ଜିଜ୍ଞାସା : ଜିଜ୍ଞାସୁ

***ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ ଆଲୋଚନାର ଧାରା ବିବରଣୀ :***

**ଜିଜ୍ଞାସୁ :** ପୂର୍ବରୁ ସମସ୍ତ ଜ୍ଞାନୀମାନେ କହିଛନ୍ତି, ଆପଣ ମଧ୍ୟ କହୁଛନ୍ତି, ପରମାର୍ଥ ପଥରେ ଗତି କରିବାକୁ ହେଲେ ଶରୀର ସାଧନ ଏକାନ୍ତ ପ୍ରୟୋଜନ । କିନ୍ତୁ ଅନୁଭବରେ ଏହା ସହଜ ହେଉନାହିଁ । ତେଣୁ ସେ ପ୍ରସଙ୍ଗରେ କିଛି ନିର୍ଯ୍ୟାସ/ଉପଦେଶ ପାଇଁ ପ୍ରାର୍ଥନା କରୁଛି ।

**ଠାକୁର :** ଶରୀରକୁ ସାଧନ କରିବା ଆଦୌ କଷ୍ଟ ନୁହେଁ । ସାଧନ ପାଇଁ ଦିଆଯାଇଥିବା ସୂତ୍ରର ଅନୁସରଣରେ ନିଷ୍ଠା ଓ ଏକାଗ୍ରତାର ଆଧାରରେ ସାଧନ କଲେ ସବୁ ସହଜ ହୋଇଯିବ ।

**ଜିଜ୍ଞାସୁ :** କିପରି ? ଦୟାକରି ବୁଝାଇ ଦିଅନ୍ତୁ ।

**ଠାକୁର :** 'କିପରି' କ'ଣ ପଚାରୁଛ ? ସମାଜରେ ଉଦାହରଣ ତୁମ ସମ୍ମୁଖରେ ଭରପୂର ହୋଇ ରହିଛି । ତାହାକୁ ଦେଖି ଚିନ୍ତାକରୁନା । ତୁମର ଚିନ୍ତା ପରିସରକୁ ଗୋଟିଏ ଉଦାହରଣ ଟେକିଆଣ । ବଡ଼ ବଡ଼ କଳକାରଖାନା ଗୁଡ଼ିକ ମଧ୍ୟରେ ଯେଉଁ ବିଶାଳକାୟ (ଭାରି) ଯନ୍ତ୍ରପାତି ଖଞ୍ଜା ଯାଇଛି, ସେମାନଙ୍କୁ କ'ଣ ଲୋକମାନେ ସେମାନଙ୍କର ଶାରୀରିକ ବଳ ପ୍ରୟୋଗ ଦ୍ୱାରା ସ୍ଥାପନ ଏବଂ ପରିଚାଳନା କରୁଛନ୍ତି ? ନିଜର ବୁଦ୍ଧିବଳରେ ସରଳସୂତ୍ର ପ୍ରୟୋଗ କରି ସେଗୁଡ଼ିକୁ ଅତି ସହଜରେ କାରଖାନାରେ ସ୍ଥାପନ କରୁଛନ୍ତି ଏବଂ ଇଚ୍ଛାମତେ ପରିଚାଳନା କରୁଛନ୍ତି । ସେହିପରି ନରଶରୀର ରୋଗ, ବ୍ୟାଧି, ହର୍ଷ, ବିଷାଦର ଗନ୍ତାଘର ହୋଇ ଅତ୍ୟନ୍ତ ଜଟିଳ ଓ ବିଶାଳ (ଭାରି) ହୋଇଥିଲେ ମଧ୍ୟ ତାହା ସରଳସୂତ୍ରରେ ଚଳପ୍ରଚଳ ହେଉଛି । ଭଲକରି ନିଜର ନିତ୍ୟ ନୈମିତ୍ତିକ ସ୍ଥୂଳ ନିତ୍ୟକର୍ମ ଅନୁଶୀଳନ କରି ଦେଖୁନା ତୁମେ ଖାଇବା ସମୟରେ ଖାଦ୍ୟ (ଭାତ, ଡାଲି, ତରକାରୀ ଆଦି) କୁ ଗୁଣ୍ଡାକରି ଯେତେବେଳେ ଗିଳିଦେଉଛ ସେତେବେଳେ କ'ଣ ତୁମକୁ କଷ୍ଟ ହେଉଛି ? କାହିଁକି ହେଉନାହିଁ ? ଖାଦ୍ୟର ମୋଟ ପରିମାଣ ଯେତେ ଅଧିକ ହୋଇଥାଉ, ତୁମେ ନିଜର ଅଭ୍ୟାସ ଅନୁଭୂତିରୁ ଜାଣିଛ କେତେ ପରିମାଣର ଖାଦ୍ୟ ଏକସଂଗେ ତୁମେ ଗିଳିପାରିବ । ସେହି ସୂତ୍ର ଅନୁସରଣରେ ତୁମ ଶରୀରର ଚାହିଦା ଅନୁସାରେ ଯେତିକି ପରିମାଣର ଆବଶ୍ୟକତା ଅଛି ସେତିକି ଖାଦ୍ୟ ବିନା କଷ୍ଟରେ ତୁମେ ଖାଇପାରୁଛ । ପ୍ରତିଦିନ ନିତ୍ୟକର୍ମ ସଂପାଦନ କରିବା ସମୟରେ ମଳତ୍ୟାଗ, ପରିସ୍ରା, ସ୍ନାନ, ଶୌଚାଦି କ୍ରିୟା କରିବା ସମୟରେ କ'ଣ କଷ୍ଟ ଅନୁଭବ କରୁଛ ? ତେଣୁ ସରଳ ସୂତ୍ରକୁ ନିଷ୍ଠୁର ଭାବରେ ଧାରାବାହିକ ଅଭ୍ୟାସ କରିନେଲେ ଶରୀର ସାଧନ ଆଦୌ କଷ୍ଟ ହେବ ନାହିଁ ।

**ଜିଜ୍ଞାସୁ :** ଠାକୁରେ ! ଆପଣ ଯେଉଁ ଉଦାହରଣ ଦେଲେ ସେଥିରୁ ସ୍ପଷ୍ଟ ବୁଝି ହେଲାନାହିଁ । କାରଣ ନରଶରୀର ନିର୍ମାଣ କୌଶଳରେ ବିଧାତା ସ୍ୱୟଂ ସମସ୍ତ ଅଙ୍ଗ, ଅବୟବ ଖଞ୍ଜିଛନ୍ତି ଏବଂ ସେଗୁଡିକ ଆପେ ଆପେ ଏକ ଅଦୃଷ୍ଟ ଇଙ୍ଗିତରେ ଚାଳନକ୍ଷମ ହୋଇ ସ୍ୱୟଂଚାଳିତ କ୍ରିୟାରେ ସହଜ ଭାବରେ ଶରୀର ଗୁଡିକୁ ସଂପାଦନ କରୁଛନ୍ତି । ସେଥିପାଇଁ ଶରୀରର ସ୍ୱାଭାବିକ କର୍ମରେ କଷ୍ଟ ହେଉନାହିଁ ।

**ଠାକୁର :** ଯଦି ନରଶରୀର ସୂତ୍ରରେ ନିର୍ମାଣ ହୋଇଛି ଏବଂ ସେହି କାରଣରୁ ଅଙ୍ଗ, ଅବୟବ ପରିଚାଳନାରେ କଷ୍ଟ ଅନୁଭବ ହେଉନାହିଁ ବୋଲି କହୁଛ, ସେହି ଶରୀରକୁ ସହଜ ସୂତ୍ରରେ ସାଧିବା ପାଇଁ କ'ଣ ସାଧନ ସୂତ୍ର ଦିଆଯାଇନାହିଁ ?

**ଜିଜ୍ଞାସୁ :** ଶରୀରର ସେହି ସରଳ ସାଧନ ସୂତ୍ର କ'ଣ, କରୁଣାକରି କହିଦିଅନ୍ତୁ ।

**ଠାକୁର :** ବେଦ, ବେଦାନ୍ତ ତଥା ଦର୍ଶନ ଶାସ୍ତ୍ରମାନଙ୍କରେ ତାହା ବର୍ଣ୍ଣନା କରାଯାଇଛି । ମୁଁ ମଧ ଅତୀତରେ ତୁମକୁ କହିଛି । ସେହି ସରଳ ସୂତ୍ରଟି ହେଉଛି ''ଅଷ୍ଟାଙ୍ଗ ସାଧନ'' ବା ''ଅଷ୍ଟାଙ୍ଗ ଯୋଗ'' ।

**ଜିଜ୍ଞାସୁ :** ଅଷ୍ଟାଙ୍ଗ ଯୋଗ ବା ଅଷ୍ଟାଙ୍ଗ ସାଧନ କ'ଣ ସାର୍ବଜନୀନ ଭାବରେ ପ୍ରତ୍ୟେକ ଶରୀର ପାଇଁ ଉଦ୍ଦିଷ୍ଟ ? ସମସ୍ତେ କ'ଣ ଏହି ଯୋଗ ସାଧନ କରିପାରିବେ ? ଦୟାକରି ସ୍ପଷ୍ଟ କରିଦିଅନ୍ତୁ ।

**ଠାକୁର :** ହଁ । ପ୍ରତ୍ୟେକ ନରନାରୀ ଶରୀର ପାଇଁ ଏହା ଉଦ୍ଦିଷ୍ଟ ଏବଂ ଶରୀର ଶୋଧନ/ସାଧନ ପାଇଁ ଏହାହିଁ ଏକମାତ୍ର ପନ୍ଥା ବା ଉପାୟ । ବିଧାତା ଯେପରି ନରଶରୀର ନିର୍ମାଣ କରିଛନ୍ତି, ସେହିପରି ଶରୀର ସାଧନ ପାଇଁ ଏହି ଅଷ୍ଟାଙ୍ଗ ଯୋଗପଦ୍ଧତି ସୃଷ୍ଟି କରିଛନ୍ତି ।

**ଜିଜ୍ଞାସୁ :** ଅଷ୍ଟାଙ୍ଗ ସାଧନ ନରଶରୀର ପାଇଁ ଏକମାତ୍ର ପନ୍ଥା ବୋଲି କହୁଛନ୍ତି । କିନ୍ତୁ ଶାସ୍ତ୍ରରେ ଯେଉଁ ଅନ୍ୟାନ୍ୟ ସାଧନମାନ ଅଛି ଯଥା : ଜ୍ଞାନ ଯୋଗ, ଭକ୍ତିଯୋଗ, ମୋକ୍ଷ ଯୋଗ, ତନ୍ତ୍ର ଯୋଗ, ଭଜନ ଇତ୍ୟାଦି, ସେ ଗୁଡିକର କ'ଣ ଆବଶ୍ୟକତା ନାହିଁ ? ତା ହେଲେ ସେ ଯୋଗ ସାଧନ କ'ଣ ? ସେ ସଂପର୍କରେ କୃପାକରି ବୁଝାଇ ଦିଅନ୍ତୁ ।

**ଠାକୁର :** (ସହାସ୍ୟ ବଦନରେ) ଆଜି ଏତିକି ଥାଉ । ଆଗକୁ କହିଦେବି ।।

କ୍ରମଶଃ....

❑❑❑

ବେଳ ଆସି ହେଲା ଆଖର
ଘୋଟି ଯିବ ଅନ୍ଧାର ।
ଧାରା ଧରି କର୍ମ କରତୁ
ତରିବୁ ପାରାବାର ।।
ଲହଡ଼ି ଭାଙ୍ଗିବ ସବୁଠି
ଦୁଃଖ ଶୋକ ସାଗର ।
ପାପ ନାଶିଦେବ ସକଳେ
ତିଳେ ହେଲା ନକର ।।


***

୩୭ତମ 'ଚରମ'ର ପ୍ରବେଶ ପରିଚିତି ପୃଷ୍ଠାରେ 'ନୀଳଚକ୍ର' ଅନ୍ତର୍ଗତ 'ଉତ୍ସବ ପରିଚିତି' କ୍ରମର 'ଚମ୍ପକ ହୀରା ସ୍ମରଣେ' ବିଷୟ ପରିବର୍ତ୍ତେ ସେହି ସ୍ଥାନରେ 'ବ୍ରହ୍ମ ବିରାଟ ଶ୍ରୀପାଦୁକା ଦଧିସ୍ନାନ ମହୋତ୍ସବ' ପଢ଼ିବାକୁ ବିନମ୍ର ନିବେଦନ କରୁଛୁ । ମୁଦ୍ରଣ ଜନିତ ଉକ୍ତ ଅନିଚ୍ଛାକୃତ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଅଛୁ ।

**'ଚରମ ପ୍ରକାଶନ ସଂସ୍ଥା'**

# ଚରମ ବେଦ

## ସମ୍ଭବାମି ଯୁଗେ ଯୁଗେ



**ଜନନୀ : ଜଠର : ଜରାୟୁ :**

ଉଦ୍ଧରି ଧରହେ   କରୁଣାକରହେ   ତାଙ୍କେ ଦୂରେ ବସି ଦାସ
ଶ୍ରୀପାଦପଦ୍ମରେ   ଲୟ ରଖି ସ୍ଥିରେ   ଦେଖୁଛି ନିତ୍ୟ ରାହାସ ।
ଯୁଗଧର୍ମେ ଲକ୍ଷ୍ୟ  କରି ଉପଲକ୍ଷ୍ୟ   ଦେଉଛ ଜ୍ଞାନର କଣା
ତତ୍ତ୍ୱଜ୍ଞାନସାର   ମହାପାରାବାର  ପାରିହେବି ନେହି ବଣା ॥

*ପରମକୃପାଳୁ ଚରମ ପୁରୁଷ ଯୁଗଧର୍ମକୁ ଉପଲକ୍ଷ୍ୟ କରି 'ଚରମ'ର ପ୍ରତିଟି ପୁଷ୍ପର ପ୍ରତିଟି ପାଖୁଡ଼ାରେ ନିଗମ ତତ୍ତ୍ୱଜ୍ଞାନ ସମ୍ବଳିତ ସୃଷ୍ଟିତତ୍ତ୍ୱ ରହସ୍ୟ ଉନ୍ମୋଚନ କରି ଚାଲିଛନ୍ତି । ଏହାର ଅନ୍ତରାଳରେ ଲୁଚିରହିଛି ବିଶ୍ୱଜନକଲ୍ୟାଣର ମହନୀୟ ଭାବଧାରା । ଭାବସାଗର ସେ, ତାଙ୍କର କରୁଣା କଲ୍ୟାଣ କଣା ଲାଭ କରିବା ହିଁ ଆମର ଶ୍ରେଷ୍ଠ ସାଧନା । ଗୁରୁକୃପା ବ୍ୟତୀତ ସାଧନା ପୂର୍ଣ୍ଣାଙ୍ଗ ହୁଏ ନାହିଁ କିମ୍ବା ସିଦ୍ଧି ବିଭୂତି ମଧ୍ୟ ପ୍ରାପ୍ତ ହୁଏ ନାହିଁ । ଭାବଗ୍ରାହୀ ଆମ ସମସ୍ତଙ୍କର ଅଭାବ ଓ ଅଜ୍ଞାନ ଅନ୍ଧକାରକୁ ଦୂରକରି ଭାବ ଓ ଜ୍ଞାନର କଲୋଳରେ ଆମ ସମସ୍ତଙ୍କୁ ତାଙ୍କରି ପାଦପଦ୍ମ ପୀଠଟିକୁ ଆକର୍ଷି ନିଅନ୍ତୁ - ଏତିକି ଆମର କାମନା, ବାସନା, ପ୍ରାର୍ଥନା । ତାଙ୍କରି ଇଚ୍ଛା ହିଁ ପୂର୍ଣ୍ଣ ହେଉ । ବସନ୍ତ ହେଉ କି ବୈଶାଖ ହେଉ, ବରଷା ହେଉ କି ପଉଷ ହେଉ, ତୁମ ଇଚ୍ଛା ପୂର୍ଣ୍ଣ ହେଉ ମହାବାହୁ ।*

*'ଚରମ' : ଅଷ୍ଟମ ପୁଷ୍ପ : ପ୍ରଥମ ପାଖୁଡ଼ା : ଅଷ୍ଟତ୍ରିଂଶତ୍ତମ (୩୮ଶ) ସଂଖ୍ୟାର ଅନୁସ୍ମୃତିରୁ :-*

## (୪୨) ସ୍ୱରଶ୍ରାବରୀ କୋଷ :

ପଞ୍ଚଭୂତର ଅଣୁପରମାଣୁର ସମଷ୍ଟିର ଅନୁପାତ ପରିମାଣ ସହିତ ରାସାୟନିକ ପ୍ରକ୍ରିୟା/ପ୍ରତିକ୍ରିୟା ସହିତ ସମାନୁପାତିକ ସ୍ପନ୍ଦନ / କମ୍ପନ (VIBRATION)ରୁ ପୂର୍ଣ୍ଣ ପରମ ନିରାକାର ବ୍ରହ୍ମ ଏହି ଦୃଶ୍ୟ ଓ ଅଦୃଶ୍ୟ ନିଖିଳ ବ୍ରହ୍ମାଣ୍ଡ ସୃଷ୍ଟିର ମୂଳାଧାର ରୂପେ ସର୍ବତ୍ର ସର୍ବଦା ବିଦ୍ୟମାନ ରହି ସୃଷ୍ଟି କରିଅଛନ୍ତି । ସେହିପରି ସୂତ୍ରରେ କୋଷ ଓ ସ୍ନାୟୁରେ ପିଣ୍ଡ ସୃଷ୍ଟି ହୋଇଛି । ପ୍ରତିଟି ଜୀବକୋଷରେ ସେ ହିଁ ବିରାଜି ଅଛନ୍ତି । ଏ ବ୍ରହ୍ମାଣ୍ଡ ଯେଉଁ ନିୟମରେ ସୃଷ୍ଟ, ଜୀବ ପିଣ୍ଡ ମଧ୍ୟ ସେହି ବିଧିରେ ସୃଷ୍ଟ । ତଥାପି ସୃଷ୍ଟିର ଅନ୍ତରାଳରେ ଗୋପନରେ ଲୁକ୍କାୟିତ ନିଗମ ରହସ୍ୟ । ପରମ କାରୁଣିକ ଠାକୁରେ ଏହି ଗୂଢ଼ ରହସ୍ୟ ଉଦ୍‌ଘାଟନ କରିଚାଲିଛନ୍ତି ଚରମ ପୃଷ୍ଠାରେ । ପୂର୍ବ ସଂଖ୍ୟାରେ ଚନ୍ଦନଚୂର୍ଣ୍ଣାରୀ କୋଷ ପ୍ରସଙ୍ଗରେ ଆଲୋଚନା ସମାପ୍ତ ହୋଇଛି । ଏହି ସଂଖ୍ୟାରୁ ସ୍ୱର ଶ୍ରାବରୀ କୋଷ ସଂପର୍କରେ ମହାପ୍ରଭୁ ଠାକୁରେ ଆଲୋଚନା ଆରମ୍ଭ କରିଛନ୍ତି ।

ସ୍ୱର ଶ୍ରାବରୀକୋଷ ଶୃଣଭୃଙ୍ଗର ସହଯୋଗୀ କୋଷ ଅଟେ । ଶୃଣଭୃଙ୍ଗ ସହିତ ଏକତ୍ର ମିଳିତ ହୋଇ ଏହି କୋଷ ବ୍ରହ୍ମଙ୍କ ନାଦରୁ ଶବ୍ଦ, ନିଃଶବ୍ଦ, ଅଣଦ୍ୱ ନିଃଶବ୍ଦ, ବୃହୀଦ୍ୱ ନିଃଶବ୍ଦ ସ୍ୱର ସୃଷ୍ଟି କରେ ଓ ତପ୍ରରେ ଆଜ୍ଞାନୁଯାୟୀ ଏହି ସ୍ୱର ସକଳଙ୍କୁ ପ୍ରତ୍ୟେକ ବ୍ରହ୍ମାଣ୍ଡ ଓ ପିଣ୍ଡକୁ ବଣ୍ଟନ କରି ପ୍ରେରଣ କରେ । ଯେଉଁ ବ୍ରହ୍ମାଣ୍ଡ ଓ ଯେଉଁ ପିଣ୍ଡ ପାଇଁ ଯେଉଁ ସ୍ୱର ଯେଉଁ ପରିମାଣର ଆବଶ୍ୟକ ତାହା ବ୍ରହ୍ମଙ୍କ ଦ୍ୱାରା ସ୍ଥିରୀକୃତ ହୋଇ ନିଃଶବ୍ଦ ତାଳ ସହିତ ମସ୍ତିଷ୍କର ସଂଜ୍ଞାବାହୀ ସ୍ନାୟୁରେ ପୂର୍ବରୁ ସୂକ୍ଷ୍ମରୂପରେ ଗଚ୍ଛିତ ଓ ବିରାଜିତ ହୋଇ ରହିଥାଏ । ମହାଶୂନ୍ୟରୁ ନୀଳବର୍ଣ୍ଣ ଧାରଣ କରି ସ୍ୱର ଶ୍ରାବରୀ କୋଷକୁ ସ୍ୱର ଆସି ଅଣଦ୍ୱ ନିଃଶବ୍ଦ ଗୃହରେ ପହଞ୍ଚେ । ଅଣଦ୍ୱ ନିଃଶବ୍ଦ ଗୃହରେ ତାହା ଗୋଟିଏ ଗୋଟିଏ ସୋରିଷ କଣା ଭଳି ରୂପ ଗ୍ରହଣ କରି ଲାଲବର୍ଣ୍ଣ ଧାରଣ କରି ସର୍ବାଙ୍ଗ ଶରୀରର ବିଭିନ୍ନ ସ୍ଥାନକୁ ଯାଇ ସୂକ୍ଷାତିସୂକ୍ଷ୍ମ ଆକାରରେ ଠାବେ ଠାବେ ରହିଯାଏ । ଏହି ଲାଲ ବର୍ଣ୍ଣର ସୋରିଷ ଆକୃତିର ସ୍ୱରକୋଷ ବିକେନ୍ଦ୍ରିୟ ସ୍ଥଳକୁ ଯାଇ ଗୁଚ୍ଛମୂଳ ସଦୃଶ ମତିରେ ଯାଇ ଆଶ୍ରୟ ନିଏ । ମତିରେ ଏହା ସ୍ୱରରେ ରୂପାନ୍ତରୀତ ହୋଇ ବିବେକ ସ୍ଥଳକୁ ଆସେ । ବିବେକ ତା'କୁ ନିର୍ଧୂମ୍ରା ସ୍ନାୟୁର ସହାୟତାରେ ହରିଦ୍ରାବର୍ଣ୍ଣକୁ ରୂପାନ୍ତର କରି ଜୀବର ପ୍ରକୃତି ଓ ଇନ୍ଦ୍ରିୟାଦିକୁ ପ୍ରେରଣ କରେ । ଏହା ପ୍ରତ୍ୟେକଟି ଭୂତକୁ ଶୋଧନ କରି ସ୍ୱର ସ୍ଥିରୀକୃତ ହେବା ପାଇଁ ଶବ୍ଦ ସ୍ୱରୂପେ ଗଚ୍ଛିତ ଥାଏ । ଜନନୀର ଜରାୟୁରେ ଏହି ଶବ୍ଦସ୍ୱର ବାୟୁର ଆଶ୍ରୟ ନେଇ ବିନ୍ଦୁ ସ୍ଥାପନା ମୁହୂର୍ତ୍ତରୁ ଭ୍ରୁଣର ତୃତୀୟ ମାସ ପର୍ଯ୍ୟନ୍ତ ସଂଗଠିତ ହୋଇ ଧବଳବର୍ଣ୍ଣ ଧାରଣ କରି ବିନ୍ଦୁ ବିନ୍ଦୁ ହୋଇ ସ୍ୱର ଆକାରରେ ରହିଥାଏ । ଏହି ସମସ୍ତ ସ୍ୱର ବିନ୍ଦୁ ଉପରେ କୃଷ୍ଣ (କଳା) ଚିହ୍ନମାନ ଦେଖିବାକୁ ମିଳେ । ଭ୍ରୁଣର ପ୍ରଥମରୁ ତୃତୀୟ ମାସ ପର୍ଯ୍ୟନ୍ତ ସ୍ୱରବିନ୍ଦୁ ଉପରେ ଏହି କୃଷ୍ଣବର୍ଣ୍ଣର ଚିହ୍ନମାନ କ୍ରମଶଃ ରେଖାପାତ କରୁଥାଏ । ମାଆ ସେହି ସମୟରେ ଅର୍ଥାତ୍ ଗର୍ଭ ଉଦୟର ପ୍ରଥମ ମାସରୁ ତୃତୀୟ ମାସ ପର୍ଯ୍ୟନ୍ତ ନିଜ ନାଭିର ଚାରି ପାର୍ଶ୍ୱରେ ସମୟ ସମୟରେ ତାପ ଓ ସମୟ ସମୟରେ ହିମଶୀତଳତା ଅନୁଭବ କରେ । ଏପରି କିଛି ସମୟ ପାଇଁ ଅନୁଭୂତ ହେବାପରେ ପୁଣି ସ୍ୱାଭାବିକ ଅବସ୍ଥା ଅନୁଭୂତ ହୁଏ । ଗର୍ଭର ତୃତୀୟ ମାସରୁ ଚତୁର୍ଥ ମାସ ବେଳକୁ ସ୍ୱରବିନ୍ଦୁ ଗୁଡ଼ିକ ସୂକ୍ଷ୍ମପିଣ୍ଡ ସହ ଯୁକ୍ତ ଚିହ୍ନ (+) ସଂକେତ ଧାରଣ କରି ଗୋଲାପୀ ରଂଗର ୫ଟି ବିନ୍ଦୁ ହୋଇ ପିଣ୍ଡରେ ଭାସମାନ ଅବସ୍ଥାରେ ରହି ଲହରୀ ମାଳ ହୋଇ ଗୈରିକ ବର୍ଣ୍ଣ ଧାରଣ କରେ ଏବଂ ପ୍ରତ୍ୟେକ ପୂର୍ଣ୍ଣିମା କଳାରେ ଧବଳ ବର୍ଣ୍ଣ ଧାରଣ କରୁଥାଏ । ଏହି ସମୟରେ ଗର୍ଭବତୀ ମାଆର ଦେହ ଝିମ୍ ଝିମ୍ ହୋଇ ମୁଣ୍ଡ ବୁଲେଇବା ଆରମ୍ଭ ହୁଏ । କିଛି ସମୟ ପାଇଁ ଏପରି ମଧ୍ୟେ ମଧ୍ୟେ ଅନୁଭୂତ ହୋଇ ପୁଣି ପୂର୍ବର ସ୍ୱାଭାବିକ ଅବସ୍ଥାକୁ ଫେରି ଆସେ । ଜରାୟୁରେ ଲହରୀମାଳ ଜଳରେ ମୀନ ଭାସିବା ଅବସ୍ଥା ପରି ଖେଳି ଖେଳି ପୁନର୍ବାର ବିନ୍ଦୁ ବିନ୍ଦୁ ହୋଇ ଠୁଳ ହୋଇଯାଆନ୍ତି । ଗର୍ଭର ଚତୁର୍ଥରୁ ଅଷ୍ଟମ ମାସ ପର୍ଯ୍ୟନ୍ତ ନାଭିକ ମନର ସୂତ୍ରୀକ କ୍ରିୟା ବ୍ରହ୍ମଙ୍କଠାରୁ ଆଜ୍ଞା ପାଇ ଧବଳ ରଶ୍ମିରୂପେ ସ୍ଥୂଳରୁ କାରଣ ଜଗତ ପର୍ଯ୍ୟନ୍ତ ଯାତାୟତ କରୁଥାଏ । ଏହି ଧବଳ ରଶ୍ମିରେ ସ୍ୱର ସଂଯୋଗ ହୋଇ ସହସ୍ରାଧିକ ଅଂଶୁମାନ ଅବସ୍ଥାରେ ଜୀବପିଣ୍ଡର ପ୍ରତ୍ୟେକ ଚକ୍ରକୁ ସୂକ୍ଷ୍ମରେ ଭେଦକରି ସ୍ଥାନ ନିରୂପଣ କରୁଥାଏ । ପିଣ୍ଡର ଯେଉଁ ସ୍ଥାନରେ ଯେଉଁ ଚକ୍ର ରହିଛି ସେହି ସ୍ଥାନର ସେହି ଚକ୍ରରେ ଶବ୍ଦ ସ୍ୱର କମା (,) ରୂପର ଆକୃତି ନେଇ ସ୍ଥାୟୀଭାବରେ ରହିଯାଏ । ଗର୍ଭର ଅଷ୍ଟମରୁ ଦଶମ ମାସ ମଧ୍ୟରେ ଶବ୍ଦ ସ୍ୱର ତାଳୁରୁ ତଳିପା ପର୍ଯ୍ୟନ୍ତ ନାସା, କର୍ଣ୍ଣ, ମୁଖ, ଉଦର, ଚକ୍ଷୁ, ନାଭି, ଗଳା, ଜିହ୍ୱାରେ ତଥା ଶରୀରର ଅନ୍ୟାନ୍ୟ ଅବୟବ ଗୁଡ଼ିକରେ ସ୍ଥାନ ଗ୍ରହଣ କରିନିଏ । ଶବ୍ଦସ୍ୱର ଅଧିକ ପରିମାଣରେ ଗୁଡ଼େଇ ତୁଡ଼େଇ ହୋଇ ସୂକ୍ଷ୍ମସୂତ୍ରୀ ରୂପେ ଗଳାକୁ ଆଶ୍ରୟ କରି ରହିଯାଏ । ଶବ୍ଦ ସ୍ୱର ନାଭି କମଳରୁ ବିଚ୍ଛୁରିତ ହୋଇ ଶ୍ୱାସବାୟୁରେ ମିଶି 'ସୁଶ୍ରୁତି ସ୍ୱର' ଅବସ୍ଥା ପ୍ରାପ୍ତ ହୁଏ । ସୂକ୍ଷ୍ମ ପିଣ୍ଡ ଜରାୟୁରେ ଥିବା ସମୟରେ ପିଣ୍ଡର ବ୍ରହ୍ମକମଳରେ ଥିବା ଅର୍ଦ୍ଧନୀ ସହ କୁଣ୍ଡଳିନୀରେ ମିଶି ଶବ୍ଦସ୍ୱର ଚୈତନ୍ୟରେ ଏକବିଂଶ (୨୧) ଗୃହନିର୍ମାଣ କରି ବ୍ରହ୍ମଙ୍କ ଆଦେଶରେ କ୍ରମେ ଅବସ୍ଥାନ କରି ସ୍ଥିର ହୋଇ ରହିଯାଏ । ପୁନଶ୍ଚ ବ୍ରହ୍ମଙ୍କ ଆଜ୍ଞାରୁ ଆଜ୍ଞାଚକ୍ରରେ ଶବ୍ଦସ୍ୱର ଯେଉଁ ବାଉନ (୫୨) ଗୋଟି ରନ୍ଧ୍ର ନିର୍ମାଣ କରେ, ତହିଁରୁ ପ୍ରତ୍ୟେକଟି ରନ୍ଧ୍ର ଅନାହତ ନାଦ ବ୍ରହ୍ମରୁ ଲଲାଟ ପର୍ଯ୍ୟନ୍ତ ବ୍ୟାପି ଗଳାଠାରୁ ମେରୁଦଣ୍ଡ ପର୍ଯ୍ୟନ୍ତ ହରିଦ୍ରା ବର୍ଣ୍ଣର ଖେଳ ଆରମ୍ଭ କରି ଶିଶୁପିଣ୍ଡରେ ଶବ୍ଦଚର୍ମ ଆଚ୍ଛାଦନ କରି ଶବ୍ଦବ୍ରହ୍ମକୁ

ଶବ୍ଦସ୍ୱର ଘୋଡ଼ାଇ ରଖିଲା । ଏହିଠାରେ ଚର୍ମ ଢ଼ାଙ୍କୁଣି ତଳେ ରହି ଶବ୍ଦସ୍ୱର ସ୍ୱରବ୍ରହ୍ମଙ୍କ ସହିତ ମିଳିତ ହୋଇ ମିଶିଯାଏ । ପୁଣି ଆବଶ୍ୟକ ସ୍ଥଳେ ନିଜ ସ୍ଥାନକୁ ଫେରିଆସି ଉପଯୁକ୍ତ ବ୍ୟବଧାନ ରକ୍ଷାକରେ । ଅମାବାସ୍ୟା ତିଥିର କଳାରେ ଶବ୍ଦସ୍ୱର ବ୍ରହ୍ମଙ୍କ ଆଜ୍ଞା ପାଇ ଜରାୟୁସ୍ଥ ଶିଶୁପିଣ୍ଡକୁ ନୀଳବର୍ଣ୍ଣର ଧୂମକେତୁ ରୂପ ଧାରଣ କରି ଶିଶୁକୁ ଭୟ ପ୍ରଦର୍ଶନ କରେ । ପୁଣି କିଛି ସମୟ ପାଇଁ ଲୁଚି ଛପି ଯାଏ । ଏହି ପ୍ରକ୍ରିୟା ବାରମ୍ବାର ଘଟୁଥାଏ । ଏପରିକି ଶିଶୁ ସନ୍ତାନ ଭୂମିଷ୍ଠ ହେବାପରେ ବହୁ ଦିନ / ବହୁ ମାସ ପର୍ଯ୍ୟନ୍ତ ଏହି ଲୀଳା ଚାଲିଥାଏ । ଏହାଦ୍ୱାରା ବ୍ରହ୍ମଙ୍କର ଇଚ୍ଛାପୂର୍ଣ୍ଣ ହୁଏ ଓ ଶିଶୁର ମନ ଦମ୍ଭ, ଶକ୍ତ, ଦୃଢ଼ୀଭୂତ ହୁଏ । ଶିଶୁ ନିର୍ଭୀକ, ଭୟଶୂନ୍ୟ, ସାହସୀ ହୋଇଥାଏ ॥

ମାତୃ ଗର୍ଭରେ ଥାଇ ଶିଶୁ ଯାହାସବୁ ଦର୍ଶନକରେ, ନାମ ଜପକରେ ତାହାଦ୍ୱାରା ମାୟା ବଳବତ୍ତର ହୋଇ ସ୍ୱରର ରୂପ ନେଇ ଶିଶୁର ଚେତାକୁ ଶକ୍ତ ସବଳ କରୁଥାଏ । ଏହି ଅବସ୍ଥାରେ ଗର୍ଭସ୍ଥ ଶିଶୁ ଶରୀରରେ କମ୍ପନ ସୃଷ୍ଟିହେଲେ ମାଆର ସ୍ଥୂଳ ଶରୀର ମଧ୍ୟ କମ୍ପମାନ ହୁଏ । ପୁନଶ୍ଚ ଶିଶୁର ସୂକ୍ଷ୍ମ କମ୍ପନ ଉପଶମିତ ହେଲେ, ମାଆର ସ୍ଥୂଳ କମ୍ପନ ବନ୍ଦ ହୋଇଯାଏ ଓ ମା'ର ଶରୀର ମୋଡ଼ାମୋଡ଼ି ଘୋଳାବିନ୍ଧା କରେ । ଗର୍ଭବତୀ ଜନନୀ ଏହି ଅବସ୍ଥାରେ ଜରାୟୁରେ ଯନ୍ତ୍ରଣା ଅନୁଭବ କରେ, ଅବଶ୍ୟ ପରେ ଏହି ଯନ୍ତ୍ରଣାର ଉପଶମ ସ୍ୱତଃ ହୋଇଥାଏ । ଯନ୍ତ୍ରଣା ଉପଶମିତ ନହୋଇ ଦୀର୍ଘସ୍ଥାୟୀ ହେଲେ, ଚିକିତ୍ସକଙ୍କର ବିହିତ ଚିକିତ୍ସା ଅବଶ୍ୟ ଲୋଡ଼ାଯାଏ ॥

ଶିଶୁ ମାତୃ ଜରାୟୁରେ ରହି ଯେଉଁ ସୂକ୍ଷ୍ମସୂତ୍ରୀୟ ନାମ ଜପ ଓ ସ୍ମରଣ କରୁଥାଏ, ସେହି ନାମର ତତ୍ତ୍ୱସୂତ୍ରୀକ ସ୍ୱରର କର୍ମ ଚୈତନ୍ୟକୁ ପ୍ରସାରିତ ହୋଇ ଚେତା ତୋଳେ । ଯେଉଁ ମୁହୂର୍ତ୍ତରେ ଚେତା ଆସେ, ସେତେବେଳେ ଶିଶୁ ମାତୃଗର୍ଭରେ ରହି ବ୍ରହ୍ମଙ୍କର ଦର୍ଶନ ଲାଭ କରୁଥାଏ । ଏହି ଦର୍ଶନ ଯୋଗ ଅବସ୍ଥାରେ ମହାମାୟା ପୁଣି ସ୍ୱରକୁ ଇଙ୍ଗିତ ବା ସଂକେତ ଦିଅନ୍ତି । ଶବ୍ଦସ୍ୱରରେ ଶ୍ୱାସପ୍ରଶ୍ୱାସର ତାଳେ ତାଳେ ନାମ (ବୀଜମନ୍ତ୍ର) ଜପ କରିବା ପାଇଁ ମହାମାୟାଙ୍କର ନିର୍ଦ୍ଦେଶ ସହିତ ଇଙ୍ଗିତ ଆସିଥାଏ । ଏହି ଅବସ୍ଥାରେ ଶବ୍ଦସ୍ୱରର ବର୍ଣ୍ଣ ଧବଳ ହୋଇଥାଏ । ଦଶମ ମାସରେ ଏହି ଧବଳବର୍ଣ୍ଣ ଗୋଲାକାର ଆକୃତି ବିଶିଷ୍ଟ ହୁଏ । ଏକମାସ ସାତଦିନ ମଧ୍ୟରେ ଏହି ଗୋଲାକାର ଆକୃତି ଲମ୍ବମାନ ହୋଇ କୁଣ୍ଡଳ ପରି ଦୃଶ୍ୟମାନ ହୁଏ । ଏହି କୁଣ୍ଡଳ ଶ୍ୱାସପ୍ରଶ୍ୱାସର ପ୍ରାଣବାୟୁର ତାଳେତାଳେ ସୂକ୍ଷ୍ମସୂତ୍ରରେ ନାମ (ବୀଜମନ୍ତ୍ର) ଶବ୍ଦ ସୂତ୍ରୀକ ସ୍ୱତଃ ପ୍ରବୃତ୍ତ ପ୍ରକ୍ରିୟାରେ ନାଦବ୍ରହ୍ମ ସହିତ ସଂଯୁକ୍ତ ହୋଇ ଅଣାକାର ଜପକରେ । ଏହାକୁ ଶବ୍ଦସ୍ୱର ଉଚ୍ଚାରଣ କୁହାଯାଏ । ଶବ୍ଦସ୍ୱର ଉଚ୍ଚାରଣ ଅବସ୍ଥାରେ ସୂକ୍ଷ୍ମାତିସୂକ୍ଷ୍ମ ରୂପରେ ଜ୍ୟୋତିଃ ବିନ୍ଦୁ ସହିତ ଲଙ୍ଗାକୃତି ଅବସ୍ଥା ସୃଷ୍ଟିକରେ । ଏହି ଲଙ୍ଗା ସ୍ୱର ସହ ଯୁକ୍ତ ହୋଇ ବ୍ରହ୍ମକୁଣ୍ଡଳିନୀ (ମୂଳାଧାର / ଗୁହ୍ୟଚକ୍ର) ଠାରୁ ଲଲାଟ ଚକ୍ର (ଆଜ୍ଞା ଚକ୍ର) ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଲୀଳା ପ୍ରକଟ କରେ । ଏହା ସୂକ୍ଷ୍ମତଃ ଶ୍ୱାସ ପ୍ରଶ୍ୱାସ ତାଳ ସହିତ ସମତାଳରେ ଐକ୍ୟ ତାନ ରକ୍ଷାକରି ବଂଶୀର ସପ୍ତସ୍ୱର ଗାନ କରେ ॥

ବଂଶୀର ସପ୍ତସ୍ୱର ଗାନ ସମୟରେ ପରୋକ୍ଷରେ ସୂକ୍ଷ୍ମତଃ ନାମ ଉଚ୍ଚାରଣ ମଧ୍ୟ ହେଉଥାଏ । ଏହି ପର୍ଯ୍ୟାୟରେ ଚେତନଶୀଳ ମାଆ ଚେତା ଅନୁଭବ କରେ । ଲଙ୍ଗାର ସ୍ୱନସ୍ୱର ମଧ୍ୟ ଚେତନଶୀଳ ମାଆ ଅନୁଭୂତିରେ ଆଣିପାରେ । ଏହି ଅଲୌକିକ ଦିବ୍ୟ ଶବ୍ଦର ସ୍ୱର ଅନୁଭୂତିରେ ଆଣି ମାଆ ଆନନ୍ଦ ଅନୁଭବ କରେ । ଏହି ପର୍ଯ୍ୟାୟରେ ବେଳେବେଳେ ଜ୍ୟୋତିଃରେଖା ମାଆର ଚକ୍ଷୁରେ ଦୃଷ୍ଟିଗୋଚର ହେଉଥାଏ । ମାତ୍ର ଅଚେତନ ମାଆ ଏ ସମସ୍ତ ଘଟଣା ଜାଣିବାଏ ସୁଦ୍ଧା ଜାଣିପାରେ ନାହିଁ । ସଂସ୍କାର ସିଦ୍ଧି ନେଇ ଆସିଥିବା ମାଆ ଗର୍ଭସ୍ଥ ସନ୍ତାନର ସ୍ୱର ଅନୁଭବରେ ଆଣିଥାଏ ଓ ତଦ୍ୱାରା ବ୍ରହ୍ମାନନ୍ଦ ପ୍ରାପ୍ତ କରିଥାଏ । ଏହା ଦ୍ୱାରା ଜ୍ଞାନ ଅନୁଭୂତ ହୁଏ ।

ପୁଣି ଦେଖାଯାଏ ଯେ, ସିଦ୍ଧିର ପରିପୂର୍ଣ୍ଣ ଅବସ୍ଥାରେ ମାଆ ଶୂନ୍ୟଚେତା ଓ ଜଡ଼ ଅବସ୍ଥା ପ୍ରାପ୍ତ ହୋଇ ରହିଯାଏ । ବାହ୍ୟତଃ ସ୍ଥୂଳଭାବରେ ମାଆ ଚେତାଶୂନ୍ୟ ହୋଇ ଜଡ଼ଭଳି ପଡ଼ିରହିଥିଲେ ମଧ୍ୟ ଅନ୍ତତଃ ସୂକ୍ଷ୍ମଭାବରେ ସେ ଚୈତନ୍ୟ

ବ୍ରହ୍ମଙ୍କୁ ହିଁ ଅନୁଭବ କରୁଥାଏ । ମାତ୍ର ଏହି ଅନୁଭୂତି ଓ ଦର୍ଶନର ଭାବ ନିଜର ଭାଷାରେ ସେ ପ୍ରକାଶ କରିପାରେ ନାହିଁ । ଏହି ଅବସ୍ଥାରେ ମାଆ ବାହ୍ୟ ଜଗତର ସ୍ଥୁଳ କାର୍ଯ୍ୟାବଳୀ ବା ଘଟଣାମାନ ସଂପର୍କରେ ଆଦୌ କିଛି ଜାଣିପାରେ ନାହିଁ । ଏହି ଅବସ୍ଥାକୁ **'ଶଙ୍କୃତା'** ଅବସ୍ଥା କୁହାଯାଏ । ଏହି ପର୍ଯ୍ୟାୟରେ ଗର୍ଭସ୍ଥ ଶିଶୁସନ୍ତାନର ବ୍ରହ୍ମତେଜ ବଳରେ ମାଆ ଷାଣ୍ଡୁ ପାଲଟି ଯାଏ । ଏହାହିଁ ସୂକ୍ଷ୍ମ ଚେତନ ଅବସ୍ଥା । ମାତ୍ର ସ୍ଥୁଳ ଚେତନ ଅବସ୍ଥାରେ ଜରାୟୁସ୍ଥ ଶିଶୁର ଶରୀରରେ ଘଟୁଥିବା ସପ୍ତସ୍ୱରର ଅନୁଭବ ପୂର୍ଣ୍ଣିମା, ସଂକ୍ରାନ୍ତି, ଅମାବାସ୍ୟା, ଚନ୍ଦ୍ରକ୍ଷୟ ଆଦି ତିଥିରେ ଜ୍ଞାତ ହୁଏ । ଏହି ଅବସ୍ଥା ଚକ୍ରରେ ରହି ଏହି ସମୟରେ ଶିଶୁ ବ୍ରହ୍ମଙ୍କ ଆନନ୍ଦ ପ୍ରାପ୍ତ ହୋଇ ହସିଲେ, ମାଆ ମଧ ବିନା କାରଣରେ ଅହେତୁକ ଭାବରେ ମନ୍ଦମନ୍ଦ (ମୁରୁକି ମୁରୁକି) ହସୁଥାଏ । ମାଆ ଏକାନ୍ତରେ ରହି ବ୍ରହ୍ମାନନ୍ଦ ପ୍ରାପ୍ତି ଜନିତ ହସ ହେତୁ ଆନନ୍ଦ ଅନୁଭବ କରିବା କାଳର ଅବସ୍ଥାରେ ଯୋଗମାୟା ଓ ମହାମାୟା ମାଆ ଓ ଶିଶୁର ଚାରିପାର୍ଶ୍ୱରେ ଜଗୁଆଳି ଭାବରେ ଜଗି ରହିଥାନ୍ତି । ଏହି ପର୍ଯ୍ୟାୟରେ ଯୋଗମାୟାର ବର୍ଣ୍ଣ ଲାଲ ଓ ମହାମାୟାର ବର୍ଣ୍ଣ ଧବଳ ହୋଇଥାଏ । ସିଦ୍ଧ ପୁରୁଷଙ୍କ କ୍ଷେତ୍ରରେ ଏହି ଦୁଇ ମାୟା ଦୁଇ ବର୍ଣ୍ଣ ଧାରଣ କରି ଛନ୍ଦ ଆକୃତି ବିଶିଷ୍ଟ ହୋଇ ତ୍ରିକୂଟରେ ରହି ଯାଆନ୍ତି ॥

ସାଧାରଣ ଜୀବ ଶରୀରରେ ମାୟାର **'ପୁଲକ'** ଭାବତୋଳି ପ୍ରକୃତି ପିଣ୍ଡ ମଧରେ ସୂର୍ଯ୍ୟମୁଖୀ ଫୁଲ ଭଳି ରହିଥାଏ । ଶିଶୁ ମାତୃଗର୍ଭ କାରାଗାରରୁ ମୁକ୍ତ ହୋଇ ଭୂମିଷ୍ଠ ହେବାପରେ ବୟଃ କ୍ରମାନୁଯାୟୀ (ବୟସ ବଢ଼ିବା ସହିତ ସମତାଳରେ) ଜାଗତିକ ମାୟାର ଲୀଳା ପ୍ରକଟ କରେ । ଲୀଳା ପ୍ରକଟ ସହିତ ଓ ବୟସ ବୃଦ୍ଧି ସହିତ ପରିପୁଷ୍ଟ ସହସ୍ରାର ସହସ୍ରଦଳର ସୂକ୍ଷ୍ମ ଅବସ୍ଥାରେ ମାୟା ଅବସ୍ଥାନ କରି ରହନ୍ତି । କାଳକ୍ରମେ ଜୀବର ପ୍ରକୃତି ଓ ମାୟା ଖେଳାଲୀଳା ଆରମ୍ଭ କରିଦିଅନ୍ତି । ଏହି ଅବସ୍ଥାରେ ମାୟା ଓ ପ୍ରକୃତି ପିଣ୍ଡର ପଞ୍ଚବିଂଶତି ତତ୍ତ୍ୱ (୨୫) ରେ ଛପି ରହିଯାଆନ୍ତି । ଏହା ଫଳରେ ଜୀବ ତା'ର ପୂର୍ବ ଜନ୍ମଜନ୍ମାନ୍ତରବାଦର କର୍ମ, କର୍ମଫଳ ଓ ଐଶ୍ୱର୍ଯ୍ୟାଦିର ପ୍ରାପ୍ତି ନେଇ ମାୟା କବଳରେ କବଳିତ ହୋଇ ଜୀବ ପ୍ରକୃତିକୁ ନେଇ ସଂସାର ପଥରେ ଆଗେଇ ଚାଲେ ଓ ପୂର୍ବାର୍ଜିତ କର୍ମଫଳ ଅବଶ୍ୟ ଭୋଗ କରିଥାଏ ॥

(କ୍ରମଶଃ...)

❑❑❑

## ସୂଚନା

- ❑ ସଂଘର ଶାସ୍ତ୍ରଭାବେ ପାଠ କରାଯାଉଥିବା ଚରମ ପତ୍ରିକା ସଂଗ୍ରହ କରି ନିଜେ ପଢ଼ନ୍ତୁ ଏବଂ ପଡ଼ୋଶୀମାନଙ୍କୁ ପାଠକ ହେବା ପାଇଁ ପ୍ରବର୍ତ୍ତାନ୍ତୁ ।
- ❑ ଚରମ ପ୍ରକାଶନକୁ ସକ୍ରିୟ କରିବା ପାଇଁ ପ୍ରକାଶନ ସଂସ୍ଥାର ସ୍ଥାୟୀ ସଭ୍ୟ ହେବା ନିମନ୍ତେ ବଦାନ୍ୟ ଭାଇ ଭଉଣୀମାନଙ୍କଠାରୁ ପାଞ୍ଚ ହଜାର ଟଙ୍କା ମାତ୍ର ଭିକ୍ଷାଞ୍ଜଳି ନିବେଦନ କରୁଅଛୁ ।

**ସାଧାରଣ ସଂପାଦକ**

**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ॥**



# କଲ୍ୟାଣ ଦେଲି ତୋତେ

ସୃଷ୍ଟିର ଆଦିକାଳରୁ ପ୍ରଭୁ ତାଙ୍କର ପ୍ରାଣପ୍ରିୟ ସୃଷ୍ଟିପାଇଁ କଲ୍ୟାଣର ଅଫୁରନ୍ତ ଭଣ୍ଡାର ସଯତ୍ନ ସାଇତି ରଖି ଜଗତକୁ କଲ୍ୟାଣ ଦାନରୁ ବଞ୍ଚିତ କରି ନାହାନ୍ତି । ବିଡ଼ମ୍ବନା କେବଳ ସୃଷ୍ଟି ବିସ୍ମରି ଯାଇଛି ସ୍ରଷ୍ଟା ପୁରୁଷଙ୍କୁ । ଦୃଷ୍ଟି ତା'ର ଅନିତ୍ୟ ସୁଖ ସମ୍ଭୋଗରେ । ତେଣୁ ନିତ୍ୟ ସତ୍ୟ ସନାତନ ପୁରୁଷଙ୍କୁ ଚିହ୍ନିବା ବା ତାଙ୍କର କଲ୍ୟାଣ ଲଭି ତାଙ୍କ ପ୍ରତି କୃତଜ୍ଞ ହେବା ସ୍ୱପ୍ନରେ ପରିଣତ ହୋଇଛି । ମାୟା ମୋହରେ ଅଜ୍ଞାନୀଭୂତ ଜୀବ ପ୍ରଭୁଙ୍କର କଲ୍ୟାଣ ଯେପରି ବୁଝି ପାରୁନାହିଁ, ତାଙ୍କର ଆଜ୍ଞା ଆଦେଶକୁ ମଧ ସେହିପରି ହୃଦୟଙ୍ଗମ କରି ପାଳନ ମଧ କରୁନାହିଁ । ଏହାହିଁ ବିଧି ବିଡ଼ମ୍ବନା ।

ମଧୁମୟ ତୁମେ ମଙ୍ଗଳମୟ
ତୁମ ସୃଷ୍ଟି ମଧୁମୟ ।
ମଧୁର ତୁମର ସର୍ବାଙ୍ଗ ସୁନ୍ଦର
ତୁମେ ହିଁ ଆନନ୍ଦମୟ ॥

ତୁମେ ଶାନ୍ତିମୟ ତୁମେ ପ୍ରେମମୟ
ତୁମେ କରୁଣା ସାଗର ।
ତୁମେ ଭାବଗ୍ରାହୀ ବାଞ୍ଛାକଳ୍ପତରୁ
ତୁମେ ତ କଲ୍ୟାଣକର ॥

ଆଜାନୁଲମ୍ବିତକର ତୁମେ ପ୍ରଭୁ
କୃପାଳୁ କର କଲ୍ୟାଣ ।
ତୁମରି ସୃଷ୍ଟିକୁ ତୁମେ ରକ୍ଷାକର
ପ୍ରାର୍ଥନା କରେ ମୋ ପ୍ରାଣ ॥

# କଲ୍ୟାଣ ଦେଲି ତୋତେ

''ଚରମ'' ରେ ଧନ ମୋର କଲ୍ୟାଣର ବିନ୍ଦୁ !
ସଂସାର ଆକାଶେ ତୁଅ ପୂର୍ଣ୍ଣିମାର ଇନ୍ଦୁ !!

ବ୍ରହ୍ମାଣ୍ଡେ ପବନ ଗତି ଦେଇଛି ବୁଝାଇ ।
ପିଣ୍ଡରେ କିପରି ରହେ ଦେଉଛି ବତାଇ ।।

ଚେତାଘଟେ ରହିଅଛି ତୋର ଏକ କୋଷ ।
''ବ୍ରହ୍ମରନ୍ଧ୍ର କୋଷ'' ନାମେ ହୋଇଛି ପ୍ରକାଶ ।।

''କଲ୍ୟାଣ ' ପସରା ସେଠୁ ସାଇତି ରଖିଛି ।
''ସୃଭିନ'' ମଣ୍ଡଳ ସଂଗେ ସୂକ୍ଷ୍ମରେ ଝୁଲିଛି ।।

''ସୃଭିନ'' ମଣ୍ଡଳୁ ଆଜ୍ଞା ପାଳନରେ ରହି ।
ହରିଦ୍ରା ବର୍ଣ୍ଣରେ ଶୋଭା ପାଉଅଛି ସେହି ।।

ପିଣ୍ଡ ମଧେ ଭିନ୍ନ ଭିନ୍ନ ନାମ, ଭାବ ନେଇ ।
ବହୁଅଛି ବାୟୁ ତା'ର ସ୍ଥାନ ବାଛି ଦେଇ ।।

ମୂଳକେନ୍ଦ୍ର ରୂପେ ସେହି ବ୍ରହ୍ମରନ୍ଧ୍ର କୋଷ ।
କରୁଛି ଆୟତ୍ତ ବାୟୁ ପିଣ୍ଡେ ହୋଇ ତୋଷ ।।

ଯେଉଁ ସ୍ଥାନେ ଯେଉଁ ବାୟୁ ଆବଶ୍ୟକ ହୁଏ ।
ଆଜ୍ଞା ପାଇ ବ୍ରହ୍ମରନ୍ଧ୍ର ତାହାକୁ ଚଳାଏ ।।

କେଉଁଠାରେ କେଉଁ ବାୟୁ କିପରି ବହୁଛି ।
'କଲ୍ୟାଣ' କୁ ନେଇ କେଉଁ କର୍ମ କରୁଅଛି ।।

କହୁଛି ରେ ଧନ ! ମନ ସ୍ଥିର କରି ଶୁଣ ।
ହେତୁରେ ରଖି ତୁ ଧୀରେ ମନେ ମନେ ଗୁଣ ।।

ବ୍ରହ୍ମରନ୍ଧ୍ର ଠାରୁ ବାୟୁ ପଞ୍ଚପ୍ରାଣ ଯାଏ ।
''ପଞ୍ଚବାୟୁ'' ନାମ ନେଇ ଶରୀରରେ ଥାଏ ।।

ଆଜ୍ଞା ଆଦେଶ ପାଇଲେ ଗତିଶୀଳ ହୋଇ ।
ଅଙ୍ଗ, ଅବୟବ ମାନଙ୍କୁ ସେ ସୂକ୍ଷ୍ମରେ ଚଳାଇ ।।

ପିଣ୍ଡ ସଙ୍କୋଚନ, ପ୍ରସାରଣ କ୍ରିୟା କରେ ।
ଶ୍ୱାସ, ପ୍ରଶ୍ୱାସ ବାୟୁକୁ ନିୟନ୍ତ୍ରଣ କରେ ।।

ଦ୍ୱାଦଶ ଅଙ୍ଗୁଳ ଯାଏ ଗତି କରି ପିଣ୍ଡେ ।
''ସୃଭିନ'' ମଣ୍ଡଳ ଛୁଏଁ ସୂକ୍ଷ୍ମରେ ବ୍ରହ୍ମାଣ୍ଡେ ।।

ଶରୀରେ ସମସ୍ତ ରୋଗ କାରଣ ସେ ହୋଇ ।
ଅଗ୍ନିମାନ୍ଦ୍ୟ ଦୋଷ ରଖି ଅବଶ କରଇ ।।

ମନରେ ପବନେ ମିଶି ଆନନ୍ଦ ବଢ଼ାଏ ।
ଆଜ୍ଞା ପାଇ କ୍ଷଣେ ପୁଣି ବିଷାଦ ଜନ୍ମାଏ ।।

କ୍ଷୁବ୍ଧ ହୋଇ ବିଭୁକୃପା ଅଙ୍ଗେ ବହି ଆଣେ ।
ପିଣ୍ଡ ମଧ୍ୟେ ରଖି କୃପା ସ୍ଥିର କରି ଜାଣେ ।।

ଆନନ୍ଦ, ବିଷାଦ ବୃତ୍ତି, ଉପଶମ ଧାରା ।
ସନ୍ତୋଷ, ଶବ୍ଦଗ୍ରହଣ, ଘ୍ରାଣଶକ୍ତି ପରା ।।

ଖାଦ୍ୟର ଗ୍ରହଣ ପୁଣି ମଳ, ମୂତ୍ର ତ୍ୟାଗ ।
ସବୁର ମୂଳରେ ଥାଏ (ବାୟୁ) କଲ୍ୟାଣର ବେଗ ।।

ଏଥରକ ଏତିକିରୁ ରହୁଛିରେ ଧନ !
ଆସନ୍ତା ଯାତ୍ରାରେ ଦେବି ଅଧିକ ରତନ ।।

ତୋର ଚିର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

## ❀ ❀ ❀ ❀ ଠାକୁରଙ୍କ ଶ୍ରୀମୁଖ ନିଃସୃତ ବାଣୀ ❀ ❀ ❀❀

୧. ''ମୋହ'' ପିଣ୍ଡର ଏକ ପ୍ରଧାନ ଉପାଦାନ ହୋଇଥିବାରୁ ପ୍ରତ୍ୟେକ ଜୀବ ଏହାଦ୍ୱାରା କବଳିତ ହୋଇଥାଆନ୍ତି । ସୂକ୍ଷ୍ମ ଜଗତର ''ବିବୃତ୍ତୀୟ ମଣ୍ଡଳ'' ରେ ଏହା ଠୁଳ ହୋଇ ରହିଥାଏ । ଏହାର ସୂକ୍ଷ୍ମ ସତ୍ତା ପିଣ୍ଡ ମଧ୍ୟରେ ଥିବା ''ନାଦ ଗର୍ଦ୍ଦଣ କୋଷ''ରେ ଥାଇ ଜୀବର ଭାବ, କର୍ମ ପରିସର ଅନୁସାରେ ଜୀବକୁ ନିୟନ୍ତ୍ରଣ କରିଥାଏ । ଜୀବ ତା'ର ଅଭ୍ୟାସ ଦ୍ୱାରା ଯେଉଁ କର୍ମପ୍ରତି ଆକୃଷ୍ଟ ହୁଏ, ଏହି କୋଷ ସେହି ଭାବରେ ପ୍ରଭାବିତ ହୋଇ କର୍ମ ପ୍ରବାହର ସୂକ୍ଷ୍ମ ସ୍ନାୟୁକୁ ଜାଗ୍ରତ କରାଇଦିଏ । ପରିଣାମରେ ଜୀବ ମୋହଗ୍ରସ୍ତ ହୋଇ ବାସ୍ତବତାରୁ ଦୂରେଇ ଯାଏ ଏବଂ ସତ୍ୟକୁ ଅସ୍ୱୀକାର କରେ । କିନ୍ତୁ ଯେଉଁ ବ୍ୟକ୍ତି ଗୁରୁଗ୍ରହଣ କରି ଗୁରୁପ୍ରଦତ୍ତ ଧର୍ମଧାରାକୁ କଠୋର ଭାବରେ ଅଭ୍ୟାସ କରୁଥାଏ, ତାହାର ଶରୀରରେ ଏହି କୋଷ ଅଭ୍ୟାସ ଦ୍ୱାରା ସର୍ବଦା ସୁଭାବ ତୋଳୁଥାଏ । ଧୀରେ ଧୀରେ ସୁଭାବର ସୂକ୍ଷ୍ମ ସ୍ନାୟୁ ଜାଗ୍ରତ ହୋଇ ମୋହ ପ୍ରଭାବରୁ ମୁକ୍ତ ହୁଏ ଏବଂ ଜୀବକୁ ଦିବ୍ୟ ଚେତନା ପାଇଁ ପ୍ରେରଣା ଓ ସାମର୍ଥ୍ୟ ଯୋଗାଇ ଦିଏ । ନଚେତ୍ ଯାବଜ୍ଜୀବନ ମୋହ କବଳିତ ହୋଇ ଦୁର୍ଲ୍ଲଭ ମନୁଷ୍ୟ ଜନ୍ମ ବ୍ୟର୍ଥ ହୋଇଯାଏ ।

. ''ମାୟା'' ର କାୟା ଅସୀମ ଅଟେ । ସୂକ୍ଷ୍ମ ଜଗତର ''ଜଞ୍ଜୁରାକ୍ଷା'' ମଣ୍ଡଳରେ ମାୟାପୁଞ୍ଜ ବିଶାଳକାୟା ବିସ୍ତାର କରି ରହିଅଛି ଏବଂ ବ୍ରହ୍ମଙ୍କ ଆଜ୍ଞାବହ ହୋଇ ତାହାର ବିଭିନ୍ନ ସ୍ୱରୂପ ଦ୍ୱାରା ସମଗ୍ର ବ୍ରହ୍ମାଣ୍ଡକୁ ବନ୍ଧନ କରିଛି । ପ୍ରତ୍ୟେକ ଜୀବ ପିଣ୍ଡ ''ନାଦଗର୍ଦ୍ଦଣ କୋଷ'' ମଧ୍ୟରେ ମାୟା ସୂକ୍ଷ୍ମାତି ସୂକ୍ଷ୍ମ ସ୍ୱରୂପ ନେଇ ଅବସ୍ଥାନ କରୁଛି । ଧର୍ମଧାରା ଗ୍ରହଣକରି ଅଭ୍ୟାସ ଦ୍ୱାରା ସଂଯମତାକୁ ପ୍ରାଧାନ୍ୟ ନ ଦେଲେ ମାୟା କବଳରୁ ନିସ୍ତାର ପାଇବା ସମ୍ଭବ ନୁହେଁ । ଗୁରୁବାଦ ଭିତରେ ମଜ୍ଜି ରହି ଗୁରୁଙ୍କ ପ୍ରତି ଏକମୁଖୀ ଭାବ, ଭକ୍ତି ଓ ଗୁରୁଆଜ୍ଞା ପାଳନରେ ଏକାଗ୍ର ଚିତ୍ତ, ଅଖଣ୍ଡ ନିଷ୍ଠା ପ୍ରକଟ କରି ସଂଯମ କ୍ରିୟା ଅଭ୍ୟାସ କଲେ ପର୍ଯ୍ୟାୟକ୍ରମେ ଗୁରୁକୃପା ପ୍ରାପ୍ତ ହୁଏ । ଗୁରୁକୃପା ପ୍ରାପ୍ତି ହେଲେ ''ମାୟା'' ଆଶୀର୍ବାଦ ଦେଇ ପରମାର୍ଥ ପଥ ପରିଷ୍କାର କରିଦିଏ । ତା ନହେଲେ ମାୟାବଦ୍ଧ ଜୀବ କଦାପି ନିଜ ସ୍ୱରୂପ (ଆତ୍ମା) ଅନୁଭବ କରିପାରେ ନାହିଁ ଏବଂ ଜନ୍ମ ଜନ୍ମ ଧରି ଅସଫଳ ଜୀବନ ବିତାଇବାକୁ ବାଧ ହୁଏ ।

୩. ''ଭୂଜ ଗର୍ଜୁରୀ ମଣ୍ଡଳ''ରୁ ''ମଦ'' ସୃଷ୍ଟି ହୁଏ । ଏହାର ବର୍ଣ୍ଣ ଲାଲ ଅଟେ । ପ୍ରତ୍ୟେକ ଜୀବର ପିଣ୍ଡରେ ତ୍ରିଭୂଜାକୃତି($\Delta$) ସର୍ପ ରୂପ ଧାରଣ କରି ନାଦଗର୍ଦ୍ଦଣ କୋଷକୁ ଆବୃତ୍ତ କରି ରଖିଥାଏ । ଜୀବ ଯଦି କୌଶଳୀ / ଚତୁର ହୋଇ ଆଧ୍ୟାତ୍ମିକ ସୂତ୍ରରେ ସଂଯମ ଅଭ୍ୟାସ ନକରେ ତେବେ ବିଷଧର ସର୍ପ ସଦୃଶ ଉକ୍ତ ''ମଦ'' ତାହାର ସ୍ୱଭାବ ଅନୁଯାୟୀ ଜୀବକୁ ଅସଂଯମତାର ଗହ୍ୱର ମଧ୍ୟକୁ ଠେଲିଦିଏ, ଯେଉଁଠାରୁ ଜୀବ ସହଜରେ ଖସିପାରେ ନାହିଁ । ଫଳରେ ଅହଂକାରୀ, ଅବିବେକୀ, ପରଶ୍ରୀକାତର, ଅତ୍ୟାଚାରୀ ହୋଇ ସମାଜରେ ନିନ୍ଦିତ, ଅପମାନିତ, ଘୃଣିତ ଓ ଅବାଞ୍ଛିତ ହୋଇଯାଏ । କିନ୍ତୁ ଯିଏ ଚତୁର ହୋଇ ନିଜର ବିବେକକୁ ସୁମାର୍ଗରେ ପରିଚାଳିତ କରାଇ ଗୁରୁବାଦର କଠୋର ପଥ ଅନୁସରଣରେ ସଂଯମ ଅଭ୍ୟାସ କରେ, ତାହାର ପିଣ୍ଡରେ ଏହି ମଦ ନିଷ୍କ୍ରିୟ ହୋଇଯାଏ ଏବଂ ଜୀବକୁ ବିପଥଗାମୀ କରାଇବାର ସାମର୍ଥ୍ୟ ହରାଇଦିଏ ।

୪. ମହାଶୂନ୍ୟରେ ଥିବା ''ମୃଦୁରାକ୍ଷ ମଣ୍ଡଳ''ରୁ ''ମାତ୍ସର୍ଯ୍ୟ'' ଉତ୍ପନ୍ନ ହୁଏ । ସେଠାରେ ନୀଳବର୍ଣ୍ଣ ଧାରଣ କରି ଅହରହ ସକ୍ରିୟ ହୋଇଥାଏ । ଜୀବର ପିଣ୍ଡରେ ସୂକ୍ଷ୍ମସତ୍ତାନେଇ ରହିଥିବା ଗୁଣପୁଞ୍ଜ ସହିତ ପ୍ରତ୍ୟକ୍ଷ ସଂପର୍କ ସ୍ଥାପନ କରି ଜୀବକୁ ପ୍ରଲୋଭିତ କରାଉଥାଏ । ତ୍ରିଗୁଣ ମଧ୍ୟରୁ ରଜ ଓ ତମ ଗୁଣ ସହିତ ଅତିସୂକ୍ଷ୍ମରେ ମିଶି ଏକାକାର ହୋଇଯାଏ । ଫଳରେ ଜୀବ ବୁଦ୍ଧି, ବିବେକଶୂନ୍ୟ ହୋଇ ସ୍ୱାର୍ଥାନ୍ଧ ହୋଇଯାଏ ଏବଂ ଅଜ୍ଞାନର ଅନ୍ଧକାର ମଧ୍ୟରେ ଅନିତ୍ୟ ସୁଖ ଲାଳସାରେ ବୁଡ଼ିରହେ । ରଜ ଓ ତମ ଗୁଣରେ ମିଶିବା ସମୟରେ ନୀଳବର୍ଣ୍ଣ ତ୍ୟାଗକରି ହରିଦ୍ରାବର୍ଣ୍ଣ ଧାରଣ କରିଥାଏ । ସଦ୍‌ଗୁରୁଙ୍କ ଆଶ୍ରୟ ନେଇ ତାଙ୍କରି ପ୍ରଦର୍ଶିତ ମାର୍ଗକୁ ନିଷ୍ଠାର ସହ ଗ୍ରହଣ କରି ଯିଏ ଗୁଣତ୍ରୟ ସାଧନ କ୍ରିୟା ଅଭ୍ୟାସ କରେ, କେବଳ ସେହି ବ୍ୟକ୍ତି ଏହି ବିଷର ପ୍ରଭାବରୁ ମୁକ୍ତ ହୁଏ ।

୫. ଜୀବର ବୁଦ୍ଧି, ବିବେକ, ଧୀ, ପ୍ରଜ୍ଞା, ତ୍ୟାଗପୂତ ଭାବ, ସହନଶୀଳତା, ଧୈର୍ଯ୍ୟ ଆଦି ସମସ୍ତ ସୁଗୁଣକୁ ପ୍ରଭାବିତ କରି ବିପରୀତ ଗୁଣର ଅଧିକାରୀ କରାଉଥିବା କର୍ତ୍ତାର ନାମ ''ଲୋଭ'' । ଶୂନ୍ୟରେ ଥିବା ''ବୈବୃତ୍ତୀକ୍ଷ'' ମଣ୍ଡଳରେ ଗୈରୀକ ବର୍ଣ୍ଣଧାରଣ କରି ତ୍ରିଭୂଜ ($\Delta$) ଆକୃତି ନେଇ ରହିଥାଏ । ପିଣ୍ଡ ମଧ୍ୟରେ କୃମିପରି ବୃତ୍ତି ଧାରଣ କରି ଜୀବକୁ ପ୍ରଲୋଭିତ କରାଏ । ଜୀବ କୌଶଳବିହୀନ ହୋଇ ଖୁବ୍ ସହଜରେ ଏହାର ଦାସତ୍ୱ ଗ୍ରହଣ କରିନିଏ ଯାହାଫଳରେ ସେ ଅନ୍ତସାରଶୂନ୍ୟ ହୋଇ ସର୍ବଦା ଅସୀମ ଲୋଭରେ ବୁଡ଼ିରହେ । ଜୀବ ଉପରେ ଏହାର ପ୍ରଭାବ ଏତେ ସୂକ୍ଷ୍ମରେ ପ୍ରତିଫଳିତ ହୁଏ ଯେ, ଜୀବ କିଛି ବୁଝିପାରେ ନାହିଁ କିମ୍ବା ଜାଣିପାରେ ନାହିଁ । ''ଯାହା କରୁଛି, ଯାହା ଭାବୁଛି ସବୁ ଠିକ୍ ଏବଂ ତାହାପାଇଁ ସେଗୁଡ଼ିକ ଏକାନ୍ତ ପ୍ରୟୋଜନ''- ଏହି ଭାବରେ ସେ ଦୃଢ଼ ହୋଇଯାଏ । ଫଳରେ ଆଶା, ଆକାଂକ୍ଷା ଅପୂର୍ଣ୍ଣ ରହିଲେ ସେ ପରଶ୍ରୀକାତର, ପରଧନ ଲୋଭୀ ଓ ହିଂସୁକ ହୋଇ ନାନାଦି ଅପକର୍ମରେ ଲିପ୍ତ ହୋଇଯାଏ ଏବଂ ତା'ର ପରମାର୍ଥ ପଥରେ ଗତି କ୍ରମଶଃ ସଙ୍କୁଚିତ ହୋଇ ନିଷ୍କ୍ରିୟ ହୋଇଯାଏ । କିନ୍ତୁ ଯେଉଁମାନେ ସଦ୍‌ଗୁରୁଙ୍କ ପ୍ରେରଣାରେ ଅଭ୍ୟାସ ସାଧନକ୍ରିୟା ଦ୍ୱାରା ''ଲୋଭ''ର କେନ୍ଦ୍ର ସ୍ଥଳ ପିଣ୍ଡସ୍ଥ ''ନାଦଗର୍ଦ୍ଦଣ କୋଷ''କୁ ସୁଭାବ, ସଂଯମ, ଦ୍ୱାରା ଉନ୍ନତ କରାଇବାରେ ସକ୍ଷମ ହୋଇଯାଆନ୍ତି, ସେମାନଙ୍କୁ ଏହି ସୂକ୍ଷ୍ମ ମହାଶକ୍ତି କବଳିତ କରିପାରେ ନାହିଁ । ବରଂ ନିଜର ଗତିପଥ ପରିବର୍ତ୍ତନ କରି ଜୀବକୁ ବ୍ରହ୍ମଜ୍ଞାନ, ବ୍ରହ୍ମ ଅନୁଭବର ଲୋଭରେ ବଶୀଭୂତ କରି ତାହାକୁ ଧନ୍ୟ କରିଦିଏ ।

୬. ଯେତେ ଜ୍ଞାନର ଅଧିକାରୀ ହୋଇଥିଲେ ମଧ୍ୟ ''କ୍ରୋଧ''କୁ ଯିଏ ଜୟ କରିପାରି ନାହିଁ, ସିଏ ପୂର୍ଣ୍ଣତା ଲାଭ କରିବା ବହୁତ କଷ୍ଟ । ''କ୍ଷମ୍ଭାଣୀ ତପ ମଣ୍ଡଳ''ରୁ ଏହି ''କ୍ରୋଧ'' ସୃଷ୍ଟି ହୁଏ । ଏହାର ବର୍ଣ୍ଣ ଲାଲ ଏବଂ ଆକୃତି ଅଙ୍କୁଶ ଚିହ୍ନପରି ଅଟେ । କିନ୍ତୁ ବ୍ରହ୍ମରୁ ଜୀବବ୍ରହ୍ମକୁ ଗତିକରିବା ସମୟରେ ବର୍ଣ୍ଣ ପରିବର୍ତ୍ତନ କରି ହରିଦ୍ରାବର୍ଣ୍ଣ ଧାରଣ କରିଥାଏ । ପିଣ୍ଡମଧ୍ୟସ୍ଥ ନାଦଗର୍ଦ୍ଦଣ କୋଷରେ ସୂକ୍ଷ୍ମାତିସୂକ୍ଷ୍ମ ଭାବରେ ଉପସ୍ଥିତ ରହି ଅନାୟାସରେ ଜୀବକୁ ଆକର୍ଷିତ କରିଦିଏ । ଅହଂକାର, ଅସୂୟା, ଅସହନୀୟତା ଆଦି ବ୍ରହ୍ମବିପରୀତଧର୍ମୀ ପ୍ରେରଣାରେ ଜୀବକୁ ମୋହିତ କରିଥାଏ । ଯାହାର ପ୍ରଭାବରେ ଜୀବ ଜ୍ଞାନଶୂନ୍ୟ ହୋଇ ହତ୍ୟା, ଗାଳିବର୍ଷଣ, ପ୍ରହାର, ଅଭଦ୍ରୋଚିତ ବ୍ୟବହାର, ଅଶାଳୀନ ଆଚରଣ ଆଦି ନିନ୍ଦିତ ଅପକର୍ମ ଗୋଟିଏ ମୁହୂର୍ତ୍ତ ମଧ୍ୟରେ କରିପକାଏ । ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରକୃତିସ୍ଥ ହୋଇ ହୁଏତ ଅନୁତପ୍ତ ହୋଇପାରେ । ମାତ୍ର ସେତେବେଳକୁ କ୍ରୋଧ ତାହାକୁ ସମସ୍ତ ଅପକର୍ମର ଫଳ ଭୋଗ କରାଇବାକୁ ପଥ ପରିଷ୍କାର କରି ଦେଇଥାଏ । ଯେଉଁମାନେ ଏହି ରହସ୍ୟ ବୁଝିପାରି ସଦ୍‌ଗୁରୁଙ୍କ ଶରଣ ନିଅନ୍ତି ଏବଂ ତାଙ୍କରି ନିର୍ଦ୍ଦେଶରେ ନିଜର ଗତିପଥ ନିୟନ୍ତ୍ରଣର ଅଭ୍ୟାସ କରନ୍ତି ସେମାନଙ୍କୁ ଧୀରେ ଧୀରେ 'କ୍ରୋଧ' ତ୍ୟାଗ କରିଯାଏ ।




ଧାରା ଗ୍ରହଣ ପରେ

## ପୂର୍ବସଂଖ୍ୟାର ଆଲୋଚନାର ଅବଶିଷ୍ଟାଂଶ

# ଧାରାଗ୍ରହଣ ପରେ

ବ୍ରହ୍ମ ପୁରୁଷ ଏହି ସୃଷ୍ଟିର ମୂଳାଧାର । ତାଙ୍କରି ଆଜ୍ଞାରେ ଏ ନିଖିଳ ସୃଷ୍ଟି ବ୍ରହ୍ମାହିଁ ରଜ ଗୁଣରେ ସୃଷ୍ଟି କରିଅଛନ୍ତି, ବିଷ୍ଣୁ ସତ୍ତ୍ୱଗୁଣରେ ପାଳନ କରୁଅଛନ୍ତି ଏବଂ ମହେଶ୍ୱର ଶିବ ତମ ଗୁଣରେ ପ୍ରଳୟ କରି ଚାଲିଛନ୍ତି । ଏହି ତ୍ରିଦେବ ତ୍ରିଦେବୀ (ଯଥା କ୍ରମରେ ସାବିତ୍ରୀ, ଲକ୍ଷ୍ମୀ ଏବଂ ପାର୍ବତୀ)ଙ୍କ ସହିତ ନିରବରତ ଏହି ତ୍ରିଗୁଣର ତ୍ରିକ୍ରିୟା କରି ଚାଲିଛନ୍ତି ସେହି ପରଂବ୍ରହ୍ମଙ୍କର ଆଦେଶ ଓ ଆଜ୍ଞାରେ । ତେଣୁ ସେହି ପରମଠାକୁର ଚରମ ପୁରୁଷ ଆମ୍ଭମାନଙ୍କ ପାଇଁ ଯେଉଁ ସବୁ ନୀତି ନିର୍ଦ୍ଧାରଣ କରିଦେଇଛନ୍ତି ବା / ଓ ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମକୁ ଲକ୍ଷ୍ୟକରି ବ୍ୟକ୍ତିବିଶେଷଙ୍କ ପାଳନ ନିମନ୍ତେ ସ୍ୱତନ୍ତ୍ର ନୀତି ନିର୍ବାଚନ କରି ଦେଇଛନ୍ତି / ଦେଉଛନ୍ତି; ସେ ସକଳ ନୀତିର ବହିର୍ଭୂତ ହୋଇ ନିଜ ମନକୁ ମନ କିଛି କରିବା ଦ୍ୱାରା ତାଙ୍କୁ ଅବମାନନା ଓ ଅଗ୍ରାହ୍ୟ କରିବା ହେଉ ନାହିଁକି ? ଏହାକୁ ବିଚାର କରି ଠାକୁରଙ୍କର ନୀତି ଓ କର୍ମଧାରାକୁ ଅଗ୍ରାହ୍ୟ କରିବା ଆମ୍ଭମାନଙ୍କ ପାଇଁ ଆଦୌ କଲ୍ୟାଣକର ବା ଶୁଭଙ୍କର ନୁହେଁ । ଆଜି ପୂର୍ଣ୍ଣ ନିରାକାର ପରଂବ୍ରହ୍ମ ସାକାର ହୋଇ ଜୀବ ଭାବରେ ଧରାପୃଷ୍ଠରେ ଅବତରଣ କରି ନିଜକୁ ସୁଖଦୁଃଖ କଷ୍ଟ ଯନ୍ତ୍ରଣା ରୋଗଶୋକାଦି ଭୋଗାଇ ପୁଣି ଗୁରୁରୂପରେ ଆମ୍ଭମାନଙ୍କୁ ଅଶେଷ କ୍ଷମା, ଦୟା, କରୁଣା ଓ କଲ୍ୟାଣ କରି ଆମ୍ଭମାନଙ୍କର ସଂସ୍କାରର ପଥ ଦେଇଛନ୍ତି ଓ ଅନବରତ ଦେଇଚାଲିଛନ୍ତି । ଏ ସୃଷ୍ଟିର ସକଳ ହିଁ ତାଙ୍କରି ଲୀଳାକଳେବର, ସବୁରି ଭିତରେ ବିରାଜି ତାଙ୍କରି ହିଁ ଲୀଳାହିଁ ସତତ କରି ଚାଲିଛନ୍ତି ॥

ଜଗତରେ ଭୂମିଷ୍ଠ ହୋଇ ଜୀବ ଚିନ୍ତାକରି ଦେଖିବା ଉଚିତ ଯେ; ସେ କାହିଁକି ସୃଷ୍ଟ ହୋଇ ଏ ଧରାପୃଷ୍ଠକୁ ଆସିଛି, ସେ କେଉଁଠି କିପରି ଅବସ୍ଥାରେ ଥିଲା, ପୁଣି କାହିଁକି ବା ଏ ପୃଥିବୀକୁ ଆସିଲା, ସେ ମନକୁ ମନ ଏଠାକୁ ଆସିଛି ନା ଆଉ କାହାର ନିର୍ଦ୍ଦେଶ ନେଇ ଆସିଛି, କିଏ ତାକୁ ଏଠାକୁ ପଠାଇ ଅଛନ୍ତି । ଯିଏ ତା'କୁ ଏଠାକୁ ପଠାଇଛନ୍ତି, ସେ ତା'କୁ ଅଚେତନ କରି ପଠାଇଛନ୍ତି, ତେଣୁ ସେ ତା' ନିଜର ପୂର୍ବ ସ୍ଥିତି ଓ ପ୍ରକୃତି, ସଂସ୍କାର ଓ କର୍ମଧାରା ସଂପୂର୍ଣ୍ଣ ପାଶୋରି ଯାଇଛି । ସେ ପୁନର୍ବାର ତା'କୁ ଚେତନ କରିବା ପାଇଁ ଜୀବନ ଧାରା ଦେଇ ସଂସ୍କାରିତ କରି ପରଜନ୍ମ ପାଇଁ ପ୍ରସ୍ତୁତ ହେବାର ପଥ ବତାଇ ଦେଉଛନ୍ତି । ଚେତନ ରାଜ୍ୟକୁ ଯିବା ପାଇଁ ସତ୍‌ପଥ, ବିହିତ କର୍ମାଦିର ପଥ ଇଂଗିତ କରୁଅଛନ୍ତି । ସେ ପରା ଅଶେଷ ଦୟାମୟ, କୃପାଳୁ ଓ କ୍ଷମାନୁକମ୍ପାଧର ! ସେ କାହାରି ଅମଙ୍ଗଳ କେବେ ମଧ କରନ୍ତି ନାହିଁ, କରି

ପାରନ୍ତି ନାହିଁ; ସେ କାହାରି ସ୍ୱାର୍ଥରେ ବାଧା ମଧ ଦିଅନ୍ତି ନାହିଁ କିମ୍ବା ତହିଁରେ ହସ୍ତ..କ୍ଷପ ସୁଦ୍ଧା କରନ୍ତି ନାହିଁ । ଏ ଧରାଧାମରେ ଜୀବ ଯେପରି କର୍ମ କରେ, ତଦନୁସାରେ 'ସୁ' ବା 'କୁ' ଫଳ ଲାଭ କରି ଭୋଗକରେ । ତେଣୁ ସେହି ଅସୀମ ପୁରୁଷଙ୍କର ସୃଷ୍ଟିକୁ ସୀମିତ ବୁଦ୍ଧିରେ ମାପିବା ଉଚିତ ନୁହେଁ ।।

ବିଶ୍ୱ ବକ୍ଷରେ ଦୁର୍ଲ୍ଲଭ ମାନବ ଦେହଧରି ଆମ୍ଭମାନଙ୍କ ପାଇଁ ଠାକୁରେ ଯେଉଁ ନୀତିନିୟମ ପ୍ରଣୟନ ଓ ନିର୍ଦ୍ଧାରଣ କରି ଦେଇଛନ୍ତି ବା ଦେଉଛନ୍ତି, ସେ ସବୁକୁ ନିଷ୍ଠା ଓ ବିଶ୍ୱାସର ସହିତ ପାଳନ କରିବା ପାଇଁ ଆମେ ସତତ ତତ୍ପର ହେବା ଉଚିତ । ଏହାହିଁ ଆମ ପାଇଁ ବିହିତ କର୍ମ; ଏହାହିଁ ତାଙ୍କ ପ୍ରତି ଶ୍ରେଷ୍ଠ ସେବାଧର୍ମ । ତେଣୁ ପୂର୍ଣ୍ଣିମା ହେଉ କି ଅମାବାସ୍ୟା ହେଉ, ମାସାନ୍ତ ହେଉ କି ସଂକ୍ରାନ୍ତି ହେଉ, ଯାହାର ଯେଉଁ ଅର୍ଘ୍ୟତିଥି, ଅର୍ଘ୍ୟଫଳ, ଫଳ ସଂଖ୍ୟା, ଫଳର ପ୍ରକାର, ମନ୍ତ୍ର, ମୁଦ୍ରାଦି ହେଉନା କାହିଁକି ସେଥିପ୍ରତି ଆଦୌ ଦୃଷ୍ଟି ନଦେଇ ପ୍ରତି ପ୍ରତ୍ୟେକଙ୍କ ପାଇଁ ଠାକୁରେ ଯେଉଁ ନୀତି ଓ ବିହିତ କର୍ମଧାରା ଦେଇଅଛନ୍ତି ବା ଦେଉଅଛନ୍ତି ତାହା ନିର୍ଭୁଲ ଭାବରେ ନିୟମିତ କରିଚାଲିବା ହିଁ ଆମ ପାଇଁ ମଙ୍ଗଳପ୍ରଦ ଓ କଲ୍ୟାଣ ଦାୟକ । ଏହିପରି ସ୍ୱଚ୍ଛ ଓ ପବିତ୍ର ମନୋଭାବ ପୋଷଣ କରିବା ହିଁ ପ୍ରତ୍ୟେକଙ୍କର ସର୍ବାଦୌ ଉଚିତ । ଏତଦ୍ ଭିନ୍ନ 'ଅନ୍ୟର ଆରିସା ପିଠା ଦେଖି ନିଜେ ଘଷି କାମୁଡ଼ିବା' ନ୍ୟାୟରେ ନିଜର ବିହିତ କର୍ମଧାରା ତ୍ୟାଗ କରି, ଅହଂବୁଦ୍ଧି ସମ୍ପନ୍ନ ହୋଇ ଅନ୍ୟକୁ ହୀନ ବା ନ୍ୟୁନ ମନେକରି ବିକାରଗ୍ରସ୍ତ ହେବାହିଁ ସାର ହେବ । ଏହା ଫଳରେ ଇହକାଳ ପରକାଳ ଉଭୟ କୂଳ ହିଁ ନଷ୍ଟକରି ଅଳକୂଳ ନପାଇ ଜନ୍ମମୃତ୍ୟୁର ଚକ୍ରରେ ନିଷ୍ପେଷିତ ହେବାକୁ ପଡ଼ିବ ।।

ଉର୍ଦ୍ଧ୍ୱ ସମାଧିସ୍ଥ ଯୋଗୀ ପୂର୍ଣ୍ଣିମା ତିଥିରେ 'ବ୍ରହ୍ମ ଅଣାକ୍ଷର ମନ୍ତ୍ର' ଥୋଇ ଅର୍ଘ୍ୟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ପାଇଥାଆନ୍ତି । ଏହି ନିର୍ଦ୍ଦେଶ ସେମାନେ ବ୍ରହ୍ମଙ୍କ ଠାରୁ ଆପେ ଆପେ ପାଇ ଜାଣି ପାରନ୍ତି, ପ୍ରତୀକ ଗୁରୁ ମଧ ସୂକ୍ଷ୍ମରେ ତାଙ୍କୁ ଏହା ଦର୍ଶାଇ ଦିଅନ୍ତି । ପୂର୍ଣ୍ଣ ସମାଧିସ୍ଥ ସୂକ୍ଷ୍ମ ଯୋଗୀ, ଯେଉଁମାନେ 'ଦ୍ୱାଦଶ ଅଖିଳ ଭୂମି' ସ୍ପର୍ଶ ସୁଦ୍ଧା କରି ପାରନ୍ତି ନାହିଁ- ଶୂନ୍ୟରେ ବିଚରଣ କରନ୍ତି, ପୂର୍ଣ୍ଣିମା ତିଥିରେ 'ସୃଜିର୍ଣ୍ଣା ବ୍ରହ୍ମମନ୍ତ୍ର' କୁ ଶୂନ୍ୟରେ ନାସାଗ୍ରକୁ ଆଣି ଇଷ୍ଟାର୍ଘ୍ୟ ଓ କୃତାଞ୍ଜଳି ଅର୍ଘ୍ୟ ପ୍ରଦାନ କରନ୍ତି ।।

'ପ୍ରାଣାୟାମ ରଗୋଦ୍ରୀ ଧାରଣା' ଯୋଗୀ ଜ୍ୟୋତିଃବ୍ରହ୍ମର 'ସ୍ୱାଧୀଷ୍ଠାବୃତ୍ତି' ଦ୍ୱାରା ଆସନ କରି ବ୍ରହ୍ମଙ୍କୁ ସ୍ମରଣ କରନ୍ତି । ତତ୍ପରେ ନାସାଗ୍ର ଚାରିପାର୍ଶ୍ୱରେ ହଳଦିଆ ବର୍ଣ୍ଣର ଗୋଲାକାର ରୂପ ଦର୍ଶନ ହେଲେ, ଅର୍ଘ୍ୟ ପ୍ରଦାନ କରନ୍ତି । ଏ ପ୍ରକାର ଯୋଗୀ ଅର୍ଘ୍ୟ ପ୍ରଦାନ ସୂତ୍ର ନିଜ ଆତ୍ମାରେ ଅନୁଭବ କରି ପରଂବ୍ରହ୍ମଙ୍କ ସହିତ ସାତ ମିନିଟ୍ ଧବଳ ଜ୍ୟୋତିଃ ସ୍ୱରୂପରେ ଯୁକ୍ତ ହେବାପରେ ମୁଦ୍ରାରେ କୃତାଞ୍ଜଳି ଅର୍ଘ୍ୟ ବୁଲାଇ ପ୍ରଦାନ କରନ୍ତି । ଏହାପରେ ଯୋଗୀ 'ଉର୍ଦ୍ଧ୍ୱବାୟୁ' ସୂତ୍ର ପ୍ରାଣାୟାମ ଆରମ୍ଭ କରି ପ୍ରଣାମ କରେ । ଏହାଦ୍ୱାରା ଯୋଗୀ ଆସନ ଜ୍ୟୋତିଃ ସହ ଆରମ୍ଭ କରିଥାଆନ୍ତି ଓ ଫଳରେ ତାଙ୍କର ସାଧନମାର୍ଗରେ ସେ ଉତ୍ତରୋତ୍ତର ଉନ୍ନତି ସାଧନ କରିଚାଲନ୍ତି ଓ ଯୋଗୀ ମାୟା ଚକ୍ରରେ ପଡ଼ନ୍ତି ନାହିଁ । ସାଧନା ପଥରେ ଗତି କରୁଁକରୁଁ ପରମବ୍ରହ୍ମଙ୍କ ଠାରୁ ଯେଉଁ ପରୀକ୍ଷା ଆସେ ତହିଁରେ ଉତ୍ତୀର୍ଣ୍ଣ ହେବାପରେ ପରମ ତତ୍ତ୍ୱଜ୍ଞାନ ବୃଦ୍ଧିକରଣ ପରୀକ୍ଷାର ପର୍ଯ୍ୟାୟ ଉପନୀତ ହୁଏ । ଏହାଦ୍ୱାରା ଯୋଗୀର ବିବେକ ପୂର୍ଣ୍ଣ ହୋଇଆସେ । ପରମାନନ୍ଦ ପ୍ରାପ୍ତି ସମ୍ଭବ ହୁଏ । ପରକାରୁଣିକ ଭାବରେ ବ୍ରହ୍ମଙ୍କୁ ପ୍ରତ୍ୟେକ ପୂର୍ଣ୍ଣିମା ତିଥିରେ ୭ମି: / ୨୧ ମି: / ୪୫ମି: / ଘ ୧.୨୫ମି: ପର୍ଯ୍ୟନ୍ତ ଅର୍ଘ୍ୟ ପ୍ରଦାନ ପରେ ଜ୍ୟୋତିଃ ବ୍ରହ୍ମଯୋଗୀର ମାନସ ଚୈତନ୍ୟରେ ଅହରହ ଯୋଗୀ ସହ ଯୁକ୍ତ ହୁଅନ୍ତି । ଯୋଗୀ ଅନ୍ତଃସ୍ଥଳରେ ପ୍ରେମଭାବ ଅନୁଭବ କରେ ।

ପୁନଶ୍ଚ ପୂର୍ଣ୍ଣିମା ତିଥିରେ କେତକଙ୍କୁ ୩ ବାହାଡ଼ା ସହିତ ୧ ହରିଡ଼ା ଅର୍ଘ୍ୟଫଳ ସ୍ୱରୂପ ନିର୍ବାଚନ କରି ଦିଆଯାଏ । ଏପରି ଆତ୍ମା ପିଣ୍ଡପୁରୁଷ ମଣ୍ଡଳର କୃତାରପୀ ଗୃହରୁ ଖସି ଆସି ଥାଆନ୍ତି । ଏ ଗୃହରୁ ଖସିଥିବା ଆତ୍ମା ଦେହଧରି ନାସ୍ତିକ ଭାବ ପ୍ରଦର୍ଶନ କରିଥାଏ । ଏହି ଭାବନେଇ ଭୂମିଷ୍ଠ ହୋଇଥିବା ବ୍ୟକ୍ତିମାନେ ସମାଜରେ ସାଧୁସନ୍ଥଙ୍କ ପ୍ରତି ଶ୍ରଦ୍ଧାଭାବ ଦେଖାଉଥିଲେ ମଧ ସେମାନଙ୍କର ନୀତିନିୟମ ଓ ଆଜ୍ଞା ଆଦେଶ ଗ୍ରହଣ କରିବାକୁ କୁଣ୍ଠା ବୋଧ କରନ୍ତି । ସେମାନେ

ସଂସାରର ବାହ୍ୟ କାର୍ଯ୍ୟରେ ଅଧିକ ସମୟ ଦେଇ ବ୍ୟସ୍ତ ରହିଥାଆନ୍ତି ସତ, କିନ୍ତୁ ଗୁରୁଙ୍କର ଆଜ୍ଞା ଆଦେଶ ପାଳନ କରିବାରେ ପଛେଇ ରହି ଅବହେଳା କରନ୍ତି । ଏପରି ଜୀବମାନଙ୍କୁ ବାଧବାଧକ କରି ଗୁରୁବାକ୍ୟ, ଆଜ୍ଞା ଆଦେଶ ପାଳନ ନିମନ୍ତେ ଟାଣ ରହିବା ପାଇଁ ସର୍ବଦା ପ୍ରବର୍ତ୍ତେଇବା ଉଚିତ । ଦୃଢ଼ ରହି ପାରିଲେ, ସେମାନେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରନ୍ତି, ମାତ୍ର ଏପରି ଆତ୍ମା ଦୃଢ଼ତା ଆଣିବାକୁ ମଧ ପଛଘୁଞ୍ଚା ଦିଅନ୍ତି ॥

ଗୁରୁକୁଳ ଆଶ୍ରମରେ ରହି ଗୁରୁକୁଳ ଆଶ୍ରମ ଜୀବନଯାପନ ହେଉଛି ସଂସ୍କାର ପଥର ସହଜ ସୂତ୍ର । ଗୁରୁକୁଳ ଆଶ୍ରମରେ ଆଶ୍ରମ ଜୀବନରେ କୁଳରକ୍ଷା ଧର୍ମ ଅବଲମ୍ବନ କରିବାକୁ ହେଲେ ସଂସ୍କାର ପାଇଁ ପୂର୍ବେ ଶିଷ୍ୟ ଗୁରୁଙ୍କୁ ପ୍ରାର୍ଥନା କରୁଥିଲେ ଓ ଗୁରୁ ଶିଷ୍ୟର ପୂର୍ବକୁ ଲକ୍ଷ୍ୟ କରି ପଥ ବିତାଇ ଦେଉଥିଲେ । ସେ ପଥ ଗୁରୁ ଗ୍ରହଣର ପରବର୍ତ୍ତୀ ଅବସ୍ଥାରେ ପୁରଶ୍ଚରଣର ପଥ, ଏ ପଥରେ ଚଳିଲେ ଦେହ ଶୁଦ୍ଧ ଓ ପବିତ୍ର ହୁଏ । ପୁରଶ୍ଚରଣ କାଳରେ ଶିଷ୍ୟକୁ ଦଣ୍ଡବିଧାନ ପରି ଜଣାଯାଏ, କିନ୍ତୁ ପ୍ରକୃତରେ ଏହା ଦଣ୍ଡ ବିଧାନ ନୁହେଁ, ଏହା ଏକ ପ୍ରକାର ପ୍ରାୟଶ୍ଚିତ୍ତ ॥

କଠୋର ଭାବ ଆଣି ଯେଉଁ ଶିଷ୍ୟ ଗୁରୁଙ୍କର ନୀତିକୁ ଅବଲମ୍ବନ କରେ, ତା'ର ଶୁଦ୍ଧ ସଂସ୍କାର ଆସେ । ପୂର୍ବ କାଳରେ ଗୁରୁନୀତି ଅଧିକ ଭାବରେ ପାଳନ କରିବା ପାଇଁ ଗୁରୁ ଶିଷ୍ୟମାନଙ୍କୁ ଆଦେଶ ଦେଉଥିଲେ । ତେଣୁ ଗୁରୁ ଆଜ୍ଞା ତିଳେ ହେଲେ ଖଣ୍ଡନ ହେଉ ନଥିଲା ॥

ପୁଣି ଦେଖାଯାଏ ପିଣ୍ଡପୁରୁଷ ମଣ୍ଡଳର ଶୈତାନୀ ଗ୍ରହର ଆତ୍ମା । ଏପରି ଆତ୍ମା ଖସି ଆସିଥିଲେ ତା'ର ଅର୍ଘ୍ୟତିଥି ପୂର୍ଣ୍ଣିମା ଓ ଅର୍ଘ୍ୟଫଳ ୩ ଗୁଆ, ୧ ହରିଡ଼ା ଓ ୧ ବାହାଡ଼ା । ଅର୍ଘ୍ୟଯନ୍ତ୍ର ସହ ମନ୍ତ୍ର ଉଚ୍ଚାରଣ ୪୫ମି: ପର୍ଯ୍ୟନ୍ତ କରି ଅର୍ଘ୍ୟ ଦେବାକୁ ଆଦେଶ ଦିଆଯାଏ । ଏହାଦ୍ୱାରା ସେପରି ଆତ୍ମାର ବ୍ୟକ୍ତି ରୋଗମୁକ୍ତ ହୁଏ ଓ ତା'ମନରେ ବୈରାଗ୍ୟ ଜନ୍ମେ । ମନନ କର୍ମରେ ଦୃଢ଼ତା ଆସେ । ଜୀବ ସତ୍‌କର୍ମରେ ପଶ୍ଚାଦ୍‌ପଦ ହୁଏ ନାହିଁ । ଏହି ପୁରୁଷ ମଣ୍ଡଳର ଗ୍ରହର ଭାବ କର୍ମଦ୍ୱାରା ପରିବର୍ତ୍ତନ ହୁଏ । ଯେଉଁ ବ୍ୟକ୍ତି କର୍ମଧାରାର ପନ୍ଥା ଅବଲମ୍ବନ ନକରେ ସେ ତା'ର ସ୍ୱାଭାବିକ ଅବସ୍ଥା ନେଇ ଖେଳେ । କର୍ମଫଳ ଭୋଗକରେ । ପୁଣି କ୍ରିୟମାଣ କର୍ମ ଫଳ ଭୋଗ ହୋଇ ନପାରି ପରବର୍ତ୍ତୀ ଜନ୍ମ ପାଇଁ ସଞ୍ଚିତ ରହିଯାଏ । ପରବର୍ତ୍ତୀ ଜନ୍ମରେ ଘୋର ଦୁର୍ବିପାକ ମଧରେ ଗତି କରିବାକୁ ପଡ଼ିଥାଏ । ଯେଉଁବ୍ୟକ୍ତି ସାମାନ୍ୟ କଷ୍ଟ ସ୍ୱୀକାର କରି ଦୃଢ଼ ଆସ୍ଥାର ସହିତ କର୍ମଧାରା କରେ, ତା'ର କର୍ମଫଳ ସ୍ୱତନ୍ତ୍ର ବିପରୀତମୁଖୀ ହୋଇଯାଏ । ସେ ମୁକ୍ତି ପାଇଯାଏ । ଏହା ଦୃଢ଼ ସିଦ୍ଧାନ୍ତ ଅଟେ ॥

❒❒❒

*ଜୀବନ ଥିବା ଜାକେରେ ତୋର*
*କର୍ମଯୋଗ କର ।*
*ଅଭ୍ୟାସରେ ପକାଇ ଦୃଢ଼େ*
*ଧର୍ମ ଧାରା ଧର ॥*





*ଯାହାବି ହେଉ ଯେପରି ଥାଉ*
*ଯେଉଁଠି ପଛେ ଥାଅ ।*
*କର୍ମଯୋଗ ଧର୍ମ ଧାରା*
*କରି ସୁଗତି ପାଅ ॥*

## 'ଚରମ' ପୂର୍ବ ସଂଖ୍ୟାରେ ପତ୍ରସ୍ଥ ଅଚ୍ୟୁତଙ୍କ 'ଶବ୍ଦବ୍ରହ୍ମ ସଂହିତା'ରୁ ଉଦ୍ଧୃତାଂଶର ଭାବାର୍ଥ :

ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚିତ 'ଶବ୍ଦବ୍ରହ୍ମ ସଂହିତା' ସାଧନ ପ୍ରକ୍ରିୟାର ବିଭିନ୍ନ ସୂତ୍ରରେ ବିଧିବଦ୍ଧ ଭାବରେ ରୂଦ୍ଧିମନ୍ତ । ଯୋଗସାଧକ ଯୋଗୀମାନଙ୍କ ପାଇଁ ଏହା ଯେପ୍ରରି ପଥପ୍ରଦର୍ଶକ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ତଦନୁରୂପ ପ୍ରେରଣା ଦାୟକ । 'ଶବ୍ଦ ବ୍ରହ୍ମ ସଂହିତା'ର ଉକ୍ତ ଉଦ୍ଧୃତାଂଶରେ ଚୈତନ୍ୟ ମନକୁ ବୁଝାଇ କହୁଅଛି :

କର୍ମ ବୋଇଲେ ଜୀବକୁ ବୁଝାଏ । ତେଣୁ କର୍ମ ଆତ୍ମା ବୋଇଲେ ଜୀବାତ୍ମା ଉଦ୍ୟମ ବଶତଃ ସାଧନା କଲେ, ବ୍ରହ୍ମଜ୍ଞାନ ଲାଭ କରେ । ଫୁଲ ବୋଇଲେ ଆତ୍ମା ଓ ଫଳ ବୋଇଲେ ପିଣ୍ଡ । ନିରାକାର ତତ୍ତ୍ୱ ଏହାହିଁ ବ୍ୟାଖ୍ୟା କରେ । ସାକାର ତତ୍ତ୍ୱରେ ଫଳ ହେଉଛି ଆତ୍ମା ଓ ଫୁଲ ଜୀବ । ଆତ୍ମା ସହିତ ଜଡ଼ିତ ହୋଇ ଜୀବପିଣ୍ଡ ବୃଦ୍ଧି ପ୍ରାପ୍ତ ହୁଏ । ସେହିପରି ସାକାର ତତ୍ତ୍ୱରେ ଜୀବ ପିଣ୍ଡରେ ଆତ୍ମାର ଉନ୍ନତି ସାଧନ ହୋଇଥାଏ । ନିରାକାର ତତ୍ତ୍ୱରେ ଜୀବପିଣ୍ଡ ବୃଦ୍ଧି ପ୍ରାପ୍ତ ହୋଇ ବୃଦ୍ଧତ୍ୱ ପ୍ରାପ୍ତ ହେଲେ, ଆତ୍ମା ଘଟ ଛାଡ଼ି ଚାଲିଯାଏ । ସାକାର ତତ୍ତ୍ୱରେ ଆତ୍ମାର ପରମାତ୍ମା ସହିତ ମିଳନ ହେବାର ସମୟ ଉପନୀତ ହେଲେ ଜୀବପିଣ୍ଡ ନାଶ ଯାଏ ଅର୍ଥାତ୍ ଯୋଗୀ ଦେହରକ୍ଷା କରନ୍ତି । ଜୀବର ବିକାରୀୟ କର୍ମ, ବୈଷୟିକ କର୍ମ, ବିକଳ୍ପ କର୍ମାଦି ନିସ୍ତେଜ ହେଲେ, ବ୍ରହ୍ମତ୍ୱ ପ୍ରାପ୍ତି ଘଟେ ଓ ବ୍ରହ୍ମଜ୍ଞାନ ପ୍ରକାଶ ପାଏ । ବ୍ରହ୍ମଜ୍ଞାନ ପ୍ରକାଶ ପାଇଲେ ଜୀବର କର୍ମ ପ୍ରବଣତା ନଷ୍ଟ ହୋଇଯାଏ ଓ କର୍ମ ସନ୍ନ୍ୟାସ ପର୍ଯ୍ୟାୟର ଅୟମାରମ୍ଭ ହୁଏ ।

ଏହି ପର୍ଯ୍ୟାୟରେ ଆତ୍ମା ଗୁରୁ ରୂପରେ ଜୀବକୁ ଶିଷ୍ୟଭାବରେ ଗ୍ରହଣ କରି ଉପଦେଶ ଦିଏ । ଜୀବ ଏହି ସ୍ଥୂଳ ଜଗତରେ ଗୃହୀତ କର୍ମ ଦ୍ୱାରା ବନ୍ଧନ ଯୋଗରେ ପଡ଼ିଥାଏ । ଅଭ୍ୟାସ କର୍ମ ଦ୍ୱାରା ସେ ବନ୍ଧନ ତୁଟି ନଥାଏ । ଗୁରୁଙ୍କର କୃପାସିନ୍ଧୁ ବା କୃପାବାରିରେ ସ୍ନାନ କଲେ, ଜୀବର ସକଳ ବନ୍ଧନ ତୁଟିଯାଏ । ଦୀପଦିହୁଡ଼ି ଜାଳିବାର ଅର୍ଥ ହେଉଛି, ଜୀବାତ୍ମାର ପରମାତ୍ମାଙ୍କ ସହିତ ସଂଯୋଗ ବଶତଃ ତ୍ରିକୂଟିରେ ଜ୍ୟୋତିଃ ଦର୍ଶନ । ଯୋଗମାର୍ଗରେ ଗତିକରି ଯୋଗୀ ଏପରି ଗୋଟିଏ ପର୍ଯ୍ୟାୟରେ ଉପନୀତ ହୁଏ, ଯେଉଁଠି ଆଜ୍ଞାଚକ୍ରରେ (ତ୍ରିକୂଟ ସନ୍ଧିରେ) ଯୋଗୀ ପରବ୍ରହ୍ମଙ୍କୁ ଜ୍ୟୋତିଃ ରୂପରେ ଦର୍ଶନ କରେ । ଦୀପର ତୈଳ ବା ବଳିତା ଶେଷ ହୋଇ ଆସିଲେ ଯେପରି ପୁଣି ଦୀପରେ ବଳିତା ଓ ତୈଳ ଯୋଗାଇ ଦିଆଯାଏ, ସେହିପରି ଯୋଗୀ ତ୍ରିକୂଟ ସନ୍ଧିରେ ସ୍ଥିର ଲୟରେ ଧ୍ୟେୟଙ୍କୁ ଧ୍ୟାନରତ ଥାଏ । ସ୍ଥୂଳଭାବରେ ସାମାନ୍ୟ ବ୍ୟତିକ୍ରମ ଏହି ପର୍ଯ୍ୟାୟରେ ହେଲେ, ଯୋଗୀ ପୁନର୍ବାର ପୂର୍ବବତ୍ ଧ୍ୟାନରେ ଧ୍ୟେୟଙ୍କୁ ଲୟ ଲଗାଇଥାଏ । ଶ୍ୱାସ ପ୍ରଶ୍ୱାସର ତାଳେ ତାଳେ ଅଜପା ଜପ (ହଂସ=ସୋଽହଂ) ଚଳାଇ ନେବାକୁ ହୋଇଥାଏ । ଯୋଗୀ ଏ ରୂପ ଯତ୍ନର ସହିତ ଧ୍ୟାନଜପ କରୁଥିବା ପର୍ଯ୍ୟନ୍ତ ତ୍ରିକୂଟସ୍ଥ ଜ୍ୟୋତିଃ ଅଦୃଶ୍ୟ ନହୋଇ ସଦା ଦୃଶ୍ୟମାନ ଥାଏ ।

ଚୈତନ୍ୟ ପୁଣି ମନକୁ ବୁଝାଇ କହୁଅଛି ; ରେ ମନ, ତୁ ହୁଏତ ଭାବୁଥିବୁ ଜ୍ଞାନୀ ନିଷ୍କଳଙ୍କ ଅଟନ୍ତି । କିନ୍ତୁ ତାହା ମଧ୍ୟ ସତ୍ୟ ନୁହେଁ । ଯଦି ତାହା ସତ୍ୟ ହୋଇଥାଆନ୍ତା, ତେବେ ଜ୍ଞାନୀ ବା କାହିଁକି ମୃତ୍ୟୁକୁ ଶଙ୍କା ବା ଭୟ କରନ୍ତା ? ରେ ମନ, ଏପରି ଚିନ୍ତା କରି ତୁ ବଡ଼ ଭ୍ରମରେ ପଡ଼ିଛୁ । ତୋତେ ଉଦାହରଣ ଦେଇ ବୁଝାଇ କହୁଛି, ଶୁଣ । ଜ୍ଞାନ ସହିତ କାଳ (ମୃତ୍ୟୁ) ଅବଶ୍ୟ ରହିଛି । ତେଣୁ ଜ୍ଞାନୀ ମଧ୍ୟ ଜନ୍ମମୃତ୍ୟୁ ଚକ୍ରରେ ବନ୍ଧା ପଡ଼ିଛି । ମାତ୍ର ଯୋଗୀ ବିବେକ ବିଚାର ଦ୍ୱାରା ଯେତେବେଳେ କାଳ (ମୃତ୍ୟୁ)କୁ ଖଣ୍ଡନ କରି ପାରେ, ସେତେବେଳେ ଯୋଗୀର ଶରୀର ଜ୍ଞାନରୂପକ ଅଳଂକାର ବିମଣ୍ଡିତ ହୁଏ ।

ସ୍ଥୂଳ ଜଗତରେ ବଣିକ ଯେପରି ଧନ ଲୋଭରେ ଦେହ ମନ ପ୍ରାଣକୁ କଷ୍ଟ ଯାତନାଦେଇ ବାଣିଜ୍ୟ ବସାଇ ଚଳାଇ ରଖେ ଓ ଏଥିପାଇଁ କିଣିଥିବା ପଣ୍ୟଦ୍ରବ୍ୟକୁ ପୁଣି ବିକ୍ରିକରି ମୂଳଧନ ଠିକ୍ ରଖି ଲାଭାଂଶକୁ ଭୋଗ କରେ, ସେହିପରି ଦଶା ମଧ୍ୟ ଜ୍ଞାନୀ ଭୋଗକରେ । ଅନ୍ୟସବୁ ବାଣିଜ୍ୟ ବେପାରରେ ଧନକୁ ହିସାବ କରି ଲାଭ ମାପ କରାଯାଇଥାଏ । ମାତ୍ର ଜ୍ଞାନୀ ଜ୍ଞାନ ବେପାର କରି ନିଜର ଅହଂକାରକୁ ମାତ୍ର ପରିପୁଷ୍ଟ କରିଥାଏ । ଅହଂ ଭାବ ବିଦ୍ୟମାନ ଥିବା ପର୍ଯ୍ୟନ୍ତ କର୍ମୀର ବା ଜ୍ଞାନୀର କର୍ମଯୋଗ ବା ଜ୍ଞାନ ଯୋଗ ଅଭ୍ୟାସ ବଳରୁ ମୁକ୍ତି, ମୋକ୍ଷ, ନିର୍ବାଣ ବା ଚରମ ପ୍ରାପ୍ତି ଘଟି ନଥାଏ । ତେଣୁ ଚୈତନ୍ୟ ମନକୁ ବୁଝାଇ କହୁଅଛି: ରେ ମନ, ଏହି କାରଣରୁ ତୁ କର୍ମ ଓ ଜ୍ଞାନ ମାର୍ଗକୁ ତ୍ୟାଗ କରି ଭକ୍ତି ଭାବକୁ ଅନ୍ତଃକରଣରେ ଦୃଢ଼ଭାବରେ ଧାରଣ କରିପାରିଲେ, ନିଶ୍ଚୟ ମୁକ୍ତି ପାଇଯିବୁ, ମୋକ୍ଷ ପଦ ଲାଭ କରିବୁ, ନିର୍ବାଣ ପ୍ରାପ୍ତି ଓ ଚରମ ପ୍ରାପ୍ତି ଅବଶ୍ୟ ପ୍ରାପ୍ତ ହେବୁ ହିଁ ହେବୁ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ହିଁ ନାହିଁ ॥

# 'ଚରମ' ଅଷ୍ଟତ୍ରିଂଶତମ ସଂଖ୍ୟାରେ ପ୍ରକାଶିତ 'ପୁରାଣ ପୃଷ୍ଠା'ରୁ ଉଦ୍ଧୃତ ଗଦ୍ଧାଂଶର ତାତ୍ତ୍ୱିକ ମିମାଂସା :

## ଦେବଯାନୀ-ଶର୍ମିଷ୍ଠା

**ପୁ**ରାଣରୁ ଉଦ୍ଧୃତ ଉକ୍ତ ଗଦ୍ଧାଂଶ ପିଣ୍ଡ ମଧ୍ୟରେ ସାଧକର 'ଧ୍ୟାନ'ରୁ 'ସମାଧି' ସ୍ତର ପର୍ଯ୍ୟନ୍ତ ସାଧନା ଓ ଶେଷରେ ଜ୍ଞାନ-ବିଜ୍ଞାନ ପ୍ରାପ୍ତିର ସଙ୍କେତ ବହନ କରେ । ଯଥା :-

ପିଣ୍ଡ ମଧ୍ୟରେ ଥିବା **ବୃଧାନି କୋଷ** ପବିତ୍ର ଆଚରଣ କେନ୍ଦ୍ର ଅଟେ । ଏହାକୁ ଦେବଲୋକର ଅଂଶ କୁହାଯାଏ । ଏହି କୋଷରେ ସଦ୍‌ଭାବ, ସଦ୍‌ଆଚରଣ, ସଦ୍‌ନିଷ୍ଠା, ଶୁଦ୍ଧତା ଇତ୍ୟାଦି ସଦ୍‌ଗୁଣ ସୂକ୍ଷ୍ମରେ ଗଚ୍ଛିତ ହୋଇ ରହିଥାଏ । କିନ୍ତୁ ସାଧନ ବ୍ୟତୀତ ଉକ୍ତ ଦିବ୍ୟଗୁଣ ଜାଗ୍ରତ ହୋଇପାରେ ନାହିଁ । ସାଧକ ସାଧନକ୍ରମରେ 'ଧ୍ୟାନ' ସ୍ତର ଅତିକ୍ରମ କରି 'ସମାଧି' ସ୍ତରକୁ ଗତି କରିବା ସମୟରେ ଉକ୍ତ କୋଷ ଜାଗ୍ରତ ହୋଇ ସୂକ୍ଷ୍ମ ଜଗତ ସହ ସୂକ୍ଷ୍ମ ସଂପର୍କ ରକ୍ଷାକରି ସାଧକକୁ ଆଚରଣ ସିଦ୍ଧ କରାଇ ଉର୍ଦ୍ଧ୍ୱମୁଖୀ କରାଇଦିଏ । ଶରୀରସ୍ଥ ଏହି ବୃଧାନି କୋଷକୁ **ଶୁକ୍ରାଚାର୍ଯ୍ୟ** କହନ୍ତି ।

ପିଣ୍ଡସ୍ଥ ସୂକ୍ଷ୍ମ ବିବେକ ସ୍ନାୟୁର ଏକୋଇଶତମ (୨୧) ଅଂଶରେ ଥିବା ସୂକ୍ଷ୍ମ ବିବେକର ନାମ **ସୂଚୀକାକ୍ଷ ବିବେକ** । ଏହି ବିବେକ ସାଧକ ପାଇଁ ଅତ୍ୟନ୍ତ ମଙ୍ଗଳକାରକ ଅଟେ । ପିଣ୍ଡ ଓ ବ୍ରହ୍ମାଣ୍ଡ ସହ ଯୋଗସୂତ୍ରରକ୍ଷାକରି **ସ୍ୱକ୍ରିକ କ୍ରିୟା** ମାଧ୍ୟମରେ ସାଧକକୁ ପ୍ରଭାବିତ କରି **ସୁତୀକ୍ଷ୍ଣ** ସୂକ୍ଷ୍ମ ବିବେକ ପ୍ରାପ୍ତି ପାଇଁ ଆଧାର ଯୋଗାଇଦିଏ । ଉକ୍ତ ବିବେକାଂଶ ଜୀବର ମନରେ ସାମାଜିକ **ସଂପର୍କ**ରେ ପବିତ୍ରତା ନିରୂପଣ କରିବା ସଂଗେ ସଂଗେ ପରିଚୟର ପ୍ରେରଣା ଯୋଗାଇଦିଏ । ଯଥା : ଭାଇ-ଭଉଣୀ, ମାଆ-ପୁଅ, ସ୍ୱାମୀ-ସ୍ତ୍ରୀ, ବାପା-ମାଆ ଇତ୍ୟାଦି ପବିତ୍ର ସଂପର୍କର ଶୁଦ୍ଧଚିନ୍ତା ପରିସ୍ଫୁଟ କରେ । ଯେଉଁ କ୍ରିୟାଦ୍ୱାରା ବିବେକ ଏହି ଶୁଦ୍ଧଭାବ, ସୁଚିନ୍ତା ବିକିରଣ କରାଏ ତାହାର ନାମ **ଅଦ୍ଭୁତି ଶୁଦ୍ଧିକର୍ମ** । ଅଦ୍ଭୁତି ଶୁଦ୍ଧିକର୍ମ କ୍ରିୟାଶୀଳ ହେଲେ ଷଡ଼ଚକ୍ରରେ ସୂକ୍ଷ୍ମରେ ଲୁପ୍ତହୋଇଥିବା ହରିଦ୍ରାବର୍ଣ୍ଣର ଜ୍ୟୋତିଆଲୋକ ବୃଦ୍ଧି ହୁଏ ଏବଂ ବ୍ରହ୍ମତ୍ୱ ପ୍ରାପ୍ତିରେ ସହାୟକ ହୁଏ । ପିଣ୍ଡସ୍ଥ ଉକ୍ତ ସୂଚୀକାର୍ଷ୍ୟ ବିବେକର ନାମ **ବୃହସ୍ପତି** ଅଟେ ।

ଆଲୋଚ୍ୟ 'ବିବେକ' ଦୃଢ଼ୀକରଣ ହୋଇ ଯେଉଁ ସ୍ନାୟୁକୋଷ ମାଧ୍ୟମରେ ପ୍ରବାହିତ ହୁଏ ସେହି କୋଷକୁ **ଅଭୃକ୍ଷା ସ୍ନାୟୁକୋଷ** କହନ୍ତି । ଏହି କୋଷରେ ସତ୍ତ୍ୱ-ରଜଗୁଣ ମିଶ୍ରିତ ବୃଦ୍ଧି ଗଚ୍ଛିତ ହୋଇଥାଏ । ସାଧନ ସୂତ୍ର ଦ୍ୱାରା ଏଥିମଧ୍ୟରୁ ରଜଗୁଣ ନିବୃତ୍ତ ହୋଇ ଶୁଦ୍ଧ ସତ୍ତ୍ୱଗୁଣର ପୂର୍ଣ୍ଣ ପ୍ରକାଶ ନହେବା ପର୍ଯ୍ୟନ୍ତ ସାଧକର ବ୍ରହ୍ମତ୍ୱ ପ୍ରାପ୍ତି ସହଜ ହୁଏ ନାହିଁ । ଅନ୍ୟ ପକ୍ଷରେ ଅଭୃକ୍ଷା, ଉପରବର୍ଣ୍ଣିତ ବୃଧାନି କୋଷ ସଂସ୍ପର୍ଶରେ ଆସି ଶୋଧିତ ନ ହେବା ଯାଏ ତାହାଠାରେ ପୂର୍ଣ୍ଣ ସତ୍ତ୍ୱଗୁଣ ପ୍ରକାଶିତ ହୁଏ ନାହିଁ । ଫଳରେ ସୂଚୀକାକ୍ଷ ବିବେକର ପୂର୍ଣ୍ଣଜ୍ଞାନ ଆହରଣ କରିପାରେ ନାହିଁ । ପିଣ୍ଡ ମଧ୍ୟସ୍ଥ ଉକ୍ତ ଅଭୃକ୍ଷା ସ୍ନାୟୁକୋଷକୁ ପୁରାଣରେ **କଚ** ନାମରେ ନାମିତ କରାଯାଇଅଛି । ସୂଚୀକାକ୍ଷ ବିବେକ (ବୃହସ୍ପତି)ର ସତ୍ତାରୁ ସ୍ନାୟୁକୋଷ (କଚ)ଟି ସୃଷ୍ଟି ହୋଇଥିବାରୁ ପୁରାଣରେ କଚ (ଅଭୃକ୍ଷା)କୁ ବୃହସ୍ପତି (ସୂଚୀକାକ୍ଷ ବିବେକ)ଙ୍କର ପୁତ୍ର ଭାବରେ ଚିତ୍ରଣ କରାଯାଇଛି ।

ଶରୀରର ନାସାରୁ ଲଲାଟ ପର୍ଯ୍ୟନ୍ତ ଅଂଶକୁ **ସ୍ୱର୍ଗଲୋକ** କୁହାଯାଏ । ଏହି ଅଂଶରେ ସୂକ୍ଷ୍ମ ବିଚରଣ ପାଇଁ ଯେଉଁ କର୍ମ ସାଧକ ଅନୁସରଣ କରେ ତାହାକୁ **ଉର୍ଜ୍ଜନୀ ତିତିକ୍ଷାକ ବୃତ୍ତିକର୍ମ** କୁହାଯାଏ । ଏହି କର୍ମର ନାମ **ଦେବଲୋକ** ଅଟେ । ସାଧକର ବ୍ରହ୍ମତ୍ୱ ପ୍ରାପ୍ତିପରେ ଜ୍ଞାନ କ୍ଷରୀତ ଅବସ୍ଥାରେ ଉର୍ଜ୍ଜନୀ ଧବଳ ଜ୍ୟୋତି ହୋଇ ନାସାଗ୍ରରେ ଅନୁଭୂତ ହୁଏ । ତିତିକ୍ଷାକ ଏହି ଜ୍ଞାନକୁ ମାନସରେ ଠୁଳ ରଖି ଜୀବବ୍ରହ୍ମକୁ ସଚେତନ କରେ । ଏହି ଅବସ୍ଥାରେ ମାୟା ମଧ ଯୁକ୍ତ ହୋଇଯାଆନ୍ତି ।

ପୁରାଣ ଅନୁସାରେ ଶୁକ୍ରାଚାର୍ଯ୍ୟଙ୍କ ଆଶ୍ରମରେ କଚ୍‌ଙ୍କର ବ୍ରତ ପୂର୍ଣ୍ଣ ହେବା ପରେ ଗୁରୁ ତାଙ୍କୁ ଦେବଲୋକକୁ ଫେରିଯିବାକୁ ଅନୁମତି ଦେଲେ । ତେଣୁ କଚ୍ ସ୍ୱର୍ଗପୁରକୁ ବାହୁଡି ଯିବାକୁ ପ୍ରସ୍ତୁତ ହେଲେ । ଉକ୍ତ ଉଦ୍ଧୃତାଂଶର ତାତ୍ତ୍ୱିକ ମିମାଂସା : **ସାଧକ ସାଧନର ଧ୍ୟାନ ସ୍ତର ସ୍ପର୍ଶ କରିବାମାତ୍ରେ ତାହାର ଅଭୁକ୍ଷା ସ୍ନାୟୁକୋଷ ରଜଗୁଣ ନିବୃତ୍ତି ଏବଂ ପୂର୍ଣ୍ଣ ସତ୍ତ୍ୱଗୁଣର ପ୍ରକାଶ ପାଇଁ ବୃଧାନି କୋଷ ସଂସ୍ପର୍ଶରେ ଆସି ଶୋଧନ କର୍ମରେ ଲିପ୍ତ ହୋଇଥିଲା । ଉକ୍ତ କ୍ରିୟାର ପୂର୍ଣ୍ଣତା ପରେ ଏବଂ ପୂର୍ଣ୍ଣ ଆଚରଣ ସିଦ୍ଧ ହେବାପରେ ବୃଧାନି କୋଷ ଅଭୁକ୍ଷା ସ୍ନାୟୁକୋଷକୁ ଉର୍ଦ୍ଧ୍ୱନୀ ତିତିକ୍ଷାକ ବୃତ୍ତିକର୍ମର ପ୍ରେରଣା ଦେଲା । ଅଭୁକ୍ଷା ସେହି କର୍ମ ଅନୁସରଣରେ ଲଲାଟ ଚକ୍ରରେ ପହଞ୍ଚିବାର ନିଷ୍ପତ୍ତି କରି ସାଧନ କ୍ରିୟାରେ ଆଗେଇ ଯିବାପାଇଁ ଉଦ୍ୟତ ହେଲା ।** ପିଣ୍ଡ ମଧ୍ୟରେ ଯୋଗମାୟାଙ୍କ ଅଂଶରୁ ଏକ ମାୟାଂଶର ନାମ ''କୌମାଦି ମାୟା'' ।

ଏହି ମାୟା ଅତ୍ୟନ୍ତ କାମ ପ୍ରବୀଣା ଅବସ୍ଥାରେ ଅବସ୍ଥାନ କରେ । କିନ୍ତୁ ଶୁଦ୍ଧ ପ୍ରେମ, ମାତୃତ୍ୱ ସ୍ନେହ, ନ୍ୟାୟ ସଂଗତ ପ୍ରେମର ଉତ୍ସ ହୋଇଥିବାରୁ ଅସଂଗତ ପ୍ରେମ ବା ପାଶବିକ ଶୃଙ୍ଗାରକୁ ପ୍ରଶ୍ରୟ ଦିଏନାହିଁ । **ବୁଦ୍ଧି, ବିବେକ ସିଦ୍ଧିପ୍ରାପ୍ତ ପୁରୁଷ ସହ ଏକତ୍ର ହେବାକୁ ବ୍ୟାକୁଳ ହୁଏ । ସାଧକ ଉକ୍ତ ମାୟାର ସଂଯୋଗରେ ଆସିଗଲେ ତାହାର ବିଷୟାଭାବ ପ୍ରକୃତି ନିଷ୍କ୍ରିୟ ହୋଇଯାଏ । ବିଷୟା ନିଷ୍କ୍ରିୟ ଅବସ୍ଥାରେ ପହଞ୍ଚିବା ପାଇଁ କୋମାଦିମାୟା ତାହାର ଶୁଦ୍ଧ, ଅନାବିଳ ପ୍ରେମ ମାଧ୍ୟମରେ ସାଧକକୁ ସହାୟହୁଏ । ମାତ୍ର ମାୟାର ପ୍ରଭାବ ତାକୁ ପୁନର୍ବାର ବିଚଳିତ କରି କବଳିତ କରିବାପାଇଁ ସୂକ୍ଷ୍ମରେ ପ୍ରୟାସ କରେ । ଯେଉଁ ଚତୁର ସାଧକ ମାୟାର ଏହି ଆବରଣକୁ ଅତିକ୍ରମ କରିପାରେ, ତାହାର ବ୍ରହ୍ମତ୍ୱ ପ୍ରାପ୍ତି ଖୁବ୍ ସହଜ ହୋଇଯାଏ ।** ଉକ୍ତ କୌମାଦି ମାୟାକୁ **ଦେବଯାନୀ କହନ୍ତି ।**

କଲ୍ମଷ ବିହୀନ ନିର୍ମଳ ବୁଦ୍ଧିକୁ **ଅଙ୍ଗିରା** ବୋଲି କୁହାଯାଏ । ଏହି ବୁଦ୍ଧି ଚକ୍ରଭେଦ (ପିଣ୍ଡସ୍ଥ ଷଡ଼ଚକ୍ର) କ୍ରିୟା ଓ ଅକ୍ଷର ତତ୍ତ୍ୱର ପୂର୍ଣ୍ଣାଙ୍ଗ ଜ୍ଞାନ ପ୍ରାପ୍ତିରେ ସହାୟକ ହୁଏ । ଉକ୍ତ ବୁଦ୍ଧି ବଳବତ୍ତର ହେଲେ ସାଧକକୁ ସୂଚୀକାକ୍ଷ ବିବେକ ପ୍ରାପ୍ତ ହୋଇଯାଏ । ତେଣୁ ସୂଚୀକାକ୍ଷ ବିବେକ (ବୃହସ୍ପତି)କୁ ନିର୍ମଳ ବୁଦ୍ଧି (ଅଙ୍ଗିରା) ର ପୁତ୍ର ବୋଲି କଳ୍ପନା କରାଯାଏ ।

ପୁରାଣ ଅନୁସାରେ କଚ୍ ସ୍ୱର୍ଗଲୋକ ଗମନ ପାଇଁ ପ୍ରସ୍ତୁତ ହେଉଥିବା ସମୟରେ ଦେବଯାନୀ ତାଙ୍କୁ ଅଙ୍ଗିରା ପୌତ୍ର ଭାବରେ ସମ୍ବୋଧନ କରିଛନ୍ତି । ସାଧନ ସମୟରେ ତାଙ୍କୁ ପ୍ରଦାନ କରିଥିବା ପ୍ରେମ, ସାହାଯ୍ୟ ସେବା ଇତ୍ୟାଦିକୁ ସ୍ମରଣ କରାଇ କଚ୍‌ଙ୍କୁ ତାଙ୍କର ପାଣି ଗ୍ରହଣ କରି ପତ୍ନୀଭାବରେ ସ୍ୱୀକୃତି ଦେବାକୁ ବାଧ କରିଛନ୍ତି । ଏହାର ତାତ୍ତ୍ୱିକ ମିମାଂସା :

**ପୂର୍ବରୁ ଆଲୋଚନା କରାଯାଇଛି ଯେ, ସାଧକ ଉର୍ଦ୍ଧ୍ୱନୀ ତିତିକ୍ଷାକ ବୃତ୍ତିକର୍ମରେ ସିଦ୍ଧିପ୍ରାପ୍ତ ହୋଇ ନାସାରୁ ଲଲାଟ ଚକ୍ରକୁ ଗତିକରିବା ସମୟରେ ମାୟା ତାଙ୍କ ସହିତ ଯୁକ୍ତ ହୋଇଯାଆନ୍ତି । ସେହି କ୍ରମରେ ଦେବଯାନୀ ନାମକ କୌମାଦିମାୟା ତାଙ୍କର ମାୟା ବିସ୍ତାର କରିଛନ୍ତି । ତିତିକ୍ଷାକ ସ୍ତରରେ ପହଞ୍ଚିବା ପର୍ଯ୍ୟନ୍ତ ଯୋଗାଇଥିବା ସାହାଯ୍ୟର ଦୁହାଇ ଦେଇ ପରିଚୟ ସ୍ମରଣ କରାଇଛନ୍ତି । ଯଥା : ''ନିର୍ମଳବୁଦ୍ଧି ସିଦ୍ଧ (ଅଙ୍ଗିରା) ଅବସ୍ଥାରୁ ଉତ୍ପନ୍ନ ସୂଚୀକାକ୍ଷ ବିବେକ (ବୃହସ୍ପତି)କୁ ମୁଁ ସମ୍ମାନ କରୁଛି । ଏହି ସ୍ତର ପାଇଁ ମୁଁ ପ୍ରତିରୋଧ ପରିବର୍ତ୍ତେ ସାହାଯ୍ୟ କରିଛି । ତେଣୁ ମୋତେ ପତ୍ନୀ ରୂପରେ ଗ୍ରହଣ କର । ଅର୍ଥାତ୍ କୌମାଦି ମାୟା ପୁନର୍ବାର ନିର୍ମଳ ବୁଦ୍ଧି, ସୂଚୀକାକ୍ଷ ବିବେକ, ଅଭୁତି ଶୁଦ୍ଧିକର୍ମ, ଉର୍ଦ୍ଧ୍ୱନୀ ତିତିକ୍ଷାକ ବୃତ୍ତିକର୍ମରେ ଯୁକ୍ତ ହୋଇ ସାଧକର ଗତିରୋଧ କରିବାର ଛଳନାରେ ପରୀକ୍ଷାସୂତ୍ର ମେଲାଇ ଦେଲା ।**

ପିଣ୍ଡ ବ୍ରହ୍ମାଣ୍ଡରେ ଉତ୍ପଳାନୀତିକୁ **ଭାର୍ଗବ** ବୋଲି କୁହାଯାଏ । ବୃଧାନି କୋଷ (**ଶୁକ୍ରାଚାର୍ଯ୍ୟ**)ରେ ଉତ୍ପଳାନୀତି ଠୁଳ ହୋଇଗଲେ ତାହାର ନାମ ପରିବର୍ତ୍ତନ ହୋଇ ଭାର୍ଗବ ହୋଇଯାଏ । **ଏହି ନୀତି ପୂର୍ଣ୍ଣ ସମାଧି କର୍ମରେ ସହାୟକ ହୁଏ । ପରଂବ୍ରହ୍ମ ପିଣ୍ଡ ମନ୍ଦିର ନିର୍ମାଣ କରି ଗର୍ବ, ଅହଂକାର ପୂର୍ଣ୍ଣ ଭୋଗ, ବିଳାସ, ଐଶ୍ୱର୍ଯ୍ୟ ଯୁକ୍ତ ବିଜେନ୍ଦ୍ରିୟ କୋଷସ୍ଥ କାମ, ପ୍ରେମ, ଶ୍ରଦ୍ଧା, ପରଶ୍ରୀକାତରତା ରୂପକ ସିଂହାସନରେ ବିଜେ ହୋଇଥାନ୍ତି ।**

ସିଂହାସନର ଚତୁଃପାର୍ଶ୍ୱରେ ମାୟା ବେଢ଼ି ରହିଥାଏ । ସାଧକ **ଉକ୍ତ ଉତ୍ପଳା ନୀତିରେ ସିଦ୍ଧ ହେଲେ ଏ ସମସ୍ତ**

ମାୟାବନ୍ଧନ ଅତିକ୍ରମ କରି ପରଂବ୍ରହ୍ମଙ୍କ ଦର୍ଶନ ଲାଭ କରେ । ଏହି ନୀତିରେ ପହଞ୍ଚିବା ପୂର୍ବରୁ ନୀତିକୁ ଆବୋରି ରହିଥିବା ମାୟା (ଦେବଯାନୀ) ନୀତିର ନିର୍ଦ୍ଦେଶକ୍ରମେ ସାଧକକୁ ପଥଭ୍ରଷ୍ଟ କରାଇବାକୁ ଚେଷ୍ଟା କରେ । ତେଣୁ ମାୟା ନୀତିର ଅତ୍ୟନ୍ତ ପ୍ରିୟ ହୋଇଥାଏ ।

ପୁରାଣରେ ବର୍ଣ୍ଣିତ ଅଂଶ ଅନୁସାରେ କଚ ଦେବଯାନୀଙ୍କୁ କହିଲେ; ''ଦେବଯାନୀ ତୁମେ ମୋର ଗୁରୁ ଶୁକ୍ରାଚାର୍ଯ୍ୟଙ୍କର କନ୍ୟା । ଭାର୍ଗବଙ୍କର ପ୍ରାଣଠାରୁ ପ୍ରିୟ । ଧର୍ମଦୃଷ୍ଟିରୁ ତୁମେ ମୋର ପୂଜନୀୟା ଭଉଣୀ । ତେଣୁ ଭାଇ ସହ ଭଉଣୀର ବିବାହ ବା ଦୈହିକ ସଂପର୍କ ଧର୍ମ ନୁହେଁ । ସୁତରାଂ ତୁମେ ମୋ ପ୍ରତି ସଦୟ ହୁଅ ପ୍ରସନ୍ନ ହୁଅ । ଗୁରୁଦେବଙ୍କ ନିର୍ଦ୍ଦେଶରେ ମୁଁ ସ୍ୱର୍ଗଲୋକର ଯାତ୍ରୀ । ମୋ ପଥରେ ସହାୟ ହୁଅ । ସାବଧାନ ଓ ସଜାଗ ରହି ଗୁରୁଦେବଙ୍କ ସେବାରେ ମନୋନିବେଶ କର । ଏହାର ତାତ୍ତ୍ୱିକ ମିମାଂସା :

**ନିର୍ମଳ ବୁଦ୍ଧି, ସୂଚୀକାକ୍ଷ ବିବେକ, ଅଭୃତି ଶୁଦ୍ଧିକର୍ମ, ଉର୍ଜ୍ଜନୀ ତିତିକ୍ଷାକ ବୃତ୍ତିକର୍ମ ପ୍ରାପ୍ତ ଅଭୂକ୍ଷ୍ୟ ସ୍ନାୟୁକୋଷ (କଚ) ବିବେକର ପ୍ରଭାବରେ କୌମାଦି ମାୟା (ଦେବଯାନୀ)ଙ୍କର ମାୟା ଚାତୁରୀ ଖୁବ୍ ସହଜରେ ବୁଝିପାରିଲା । ସଂଗେ ସଂଗେ କୌମାଦି ମାୟାଙ୍କୁ ଉପ୍‌ଲାନୀତିର ସଙ୍ଗିନୀ ଭାବରେ ସମ୍ବୋଧନ କରି ସୂଚୀକାକ୍ଷ ବିବେକର ସ୍ୱକ୍ରିକ କ୍ରିୟା ବଳରେ ଭଉଣୀର ମର୍ଯ୍ୟାଦା ଦେଇ ତାଙ୍କର ମାୟା ବିଜଡ଼ିତ ଆହ୍ୱାନକୁ ପ୍ରତ୍ୟାଖାନ କଲା ଏବଂ ବୃଧାନି କୋଷ ପ୍ରତି ଯତ୍ନଶୀଳା ହୋଇ ସଜାଗ (ଜାଗ୍ରତ) ରହିବାକୁ ନିର୍ଦ୍ଦେଶ ଦେଲା ।**

ପିଣ୍ଡ ମଧ୍ୟରେ ଥିବା ସୁପ୍ତ ଅମିୟ କୋଷକୁ **ମୃତସଞ୍ଜିବନୀ** କୁହାଯାଏ । ଜୀବନମାଧ୍ୟମରେ ସଦ୍‌ଭାବର ଯେତେ ନୀତି ରହିଛି ସେ ସମସ୍ତ ନୀତି ଏହି କୋଷରେ ସୁପ୍ତ ଅବସ୍ଥାରେ ରହିଥାଏ । ସେହି ସୁପ୍ତଜ୍ଞାନକୁ ପ୍ରକୃତି ରୂପିଣୀ ମାୟା ଆଚ୍ଛାଦିତ କରି ରଖିଥାଏ । ସାଧନା ଦ୍ୱାରା ଅମିୟ କୋଷ ସକ୍ରିୟ ହେଲେ ସୁପ୍ତ ହୋଇ ରହିଥିବା ଜ୍ଞାନପୁଞ୍ଜ ପରିସ୍ଫୁଟ ହୁଏ ଓ ଜୀବ ଜ୍ଞାନପ୍ରାପ୍ତ ହୁଏ ।

ପୁରାଣ ବର୍ଣ୍ଣନାରେ କଚ ଦେବଯାନୀଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରିଦେବାରୁ କ୍ରୋଧ ପ୍ରକାଶ କରି ଅଭିଶାପ ଦ୍ୱାରା ଭୟଭୀତ କରାଇବାର ପ୍ରୟାସ କରି କହିଲେ; ''ତୁମେ ଯଦି ମୋ କଥା ଗ୍ରହଣ ନକରି ଚାଲିଯାଅ ତେବେ ତୁମକୁ ପ୍ରାପ୍ତ ହୋଇଥିବା ମୃତସଞ୍ଜିବନୀ ବିଦ୍ୟା କଦାପି ସିଦ୍ଧ ହେବ ନାହିଁ । ତତ୍ତ୍ୱ ମିମାଂସା :-

**ଅଭୂକ୍ଷା ମାୟା କବଳିତ ନ ହେବାରୁ ତାହାର ସହଚର କୋଷ ଅମିୟକୁ ସିଦ୍ଧି ପ୍ରାପ୍ତ ନ ହେବା ପାଇଁ ପ୍ରକୃତି ରୂପିଣୀ ମାୟାଙ୍କର ଅଂଶ କୌମାଦି ମାୟା ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ବଦ୍ଧ ପରିକର ହେଲେ । ଅର୍ଥାତ୍ ଅମିୟ କୋଷରେ ଥିବା ସୁପ୍ତଜ୍ଞାନ ଜାଗ୍ରତ ନହେବା ପାଇଁ ଧମକ ଦେଇ ଭୟଭୀତ କରାଇଲେ । କିନ୍ତୁ ସୂକ୍ଷ୍ମ ବିବେକ ଜ୍ଞାନରେ ଋଦ୍ଧିମନ୍ତ ଅଭୂକ୍ଷା ସ୍ନାୟୁକୋଷ ଉକ୍ତ ଧମକକୁ ଖାତିର ନକରି କୌମାଦି ମାୟାକୁ ସୂଚାଇ ଦେଲେ ଯେ, ତା'ର ଗତିରୋଧ ମାୟା କରି ପାରିବେ ନାହିଁ । ତତ୍‌ସଂଗେ ସଂଗେ ନିଜର ଅନୁଭବ ସମ୍ବଳିତ ଜ୍ଞାନର ଆଧାରରେ ଭବିଷ୍ୟତରେ ଅନ୍ୟକୌଣସି ସାଧକଙ୍କର ଯେପରି କ୍ଷତି ନହୁଏ, ସେହି ଲକ୍ଷ୍ୟ ନେଇ କୌମାଦିମାୟାଙ୍କୁ ପ୍ରତିଅଭିଶାପ ଦେଲେ ଯେ ସେ କୌଣସି ଶୁଦ୍ଧ ଜ୍ଞାନ, ସୂକ୍ଷ୍ମ ବିବେକ ଅଧିକାରୀ ବ୍ରହ୍ମଦର୍ଶୀ ଜ୍ଞାନୀଙ୍କ ଶିଷ୍ୟ (ଋଷିକୁମାର, ବ୍ରାହ୍ମଣ ପୁତ୍ର) ଙ୍କ ସହ ଯୁକ୍ତ ହୋଇ ପାରିବେ ନାହିଁ ଅର୍ଥାତ୍ ସେମାନଙ୍କୁ ମାୟା ଜାଲରେ ବନ୍ଦୀ ରଖି ତାଙ୍କର ପ୍ରିୟତମା ହୋଇପାରିବେ ନାହିଁ । ଏହି ସୂଚନା ଦେଇ ଅଭୂକ୍ଷା ଲଲାଟ ଚକ୍ର ଅନ୍ୱେଷଣରେ ଆଗେଇ ଗଲେ । ସ୍ୱଧର୍ମ ପାଳନ କରି ବିବେକକୁ ଦୃଢ଼ କରିଥିବାରୁ ଅର୍ଥାତ୍ ଅଭୂକ୍ଷା ବୃଧାନି କୋଷଯୁକ୍ତ ହୋଇ ସୂଚୀକାକ୍ଷ ବିବେକ ସିଦ୍ଧି ହେତୁ ଅମିୟ କୋଷସ୍ଥ ସମସ୍ତ ସୁପ୍ତଜ୍ଞାନ ମାୟା ଦ୍ୱାରା ପ୍ରଭାବିତ ନ ହୋଇ ଜାଗ୍ରତ ହୋଇଗଲା ।**

ପିଣ୍ଡ ତତ୍ତ୍ୱରେ ଇନ୍ଦ୍ରିୟାଦି କର୍ମ ଭୋଗ ବିଳାସ ଓ କାମଶକ୍ତିର ଉପ **ଭୂଭାନି କର୍ମ୍ମ ସ୍ନାୟୁ**ରେ ଗଚ୍ଛିତ ହୋଇ ରହିଥାଏ । ଏହାକୁ **ଇନ୍ଦ୍ର** ବୋଲି କହନ୍ତି । ସାଧକ ଯେତେବେଳେ ଲୟର ସିଦ୍ଧାନ୍ତରେ ପହଞ୍ଚେ ସେତେବେଳେ ଏହି ଭୂଭାନି କର୍ମ୍ମ ସ୍ନାୟୁ

ସକ୍ରିୟ ହୋଇ ବିଘ୍ନ ସୃଷ୍ଟି କରନ୍ତି । ଯେଉଁ ସାଧକ ବୃଧାନି କୋଷସିଦ୍ଧ ହୋଇ ସୂ୍ମୀକାକ୍ଷ ବିବେକଜ୍ଞାନ ପ୍ରାପ୍ତ ହୋଇଥାଆନ୍ତି ସେମାନେ ସେହି ବିବେକ ଅସ୍ତ୍ର ଦ୍ୱାରା ସେ ସମସ୍ତ ବିଘ୍ନକୁ ଅର୍ଥାତ୍ ଭୃଭାନି କର୍ମ ସ୍ନାୟୁକୁ ନିଷ୍କ୍ରିୟ କରିଦିଅନ୍ତି । ପିଣ୍ଡର ଉଦରକୁ **ମର୍ତ୍ତ୍ୟ** କୁହାଯାଏ । ଜଠର କୁ **ପୁଷ୍କରିଣୀ** କହନ୍ତି । ଯୁବତୀ **ବୃନ୍ଦାନୀ ମାୟା** ନାମରେ ପିଣ୍ଡ ମଧ୍ୟରେ ଥାଆନ୍ତି । ଏହି ମାୟାର ସ୍ନାୟୁ ମସ୍ତିଷ୍କକୁ ଯାଇ ରତି କନ୍ଦର୍ପରେ ଯୁକ୍ତ ହୋଇଛି । ତେଣୁ ବୃନ୍ଦାନୀ ମାୟା ସଂସ୍ପର୍ଶରେ ଆସିବାମାତ୍ରେ ଜୀବର ଶୃଙ୍ଗାର ଇଚ୍ଛା ଜାଗ୍ରତ ହୋଇଯାଏ । ଏହି ମାୟାର **ଛଳନା** ବେଢ଼ିକୁ ବସ୍ତ୍ର ଭାବରେ ଗ୍ରହଣ କରାଯାଏ । ସାଧକ ସିଦ୍ଧି ଅବସ୍ଥାରେ ପହଞ୍ଚିଲେ ଏ ସମସ୍ତ ଛଳନା, ମିଥ୍ୟାର ଭାବ ଚକ୍ରାନ୍ତ କଟିଯାଏ । ସତ୍, ଆନନ୍ଦ ପୂର୍ଣ୍ଣ ହୋଇଯାଏ । ଉଦର ନିର୍ମଳ ସ୍ୱଚ୍ଛ ହୋଇ ରୋଗ ବ୍ୟାଧି ଆଦି ବିଘ୍ନର ବିନାଶ ହୁଏ । ଜଠରରେ ଥିବା ଅଗ୍ନି ସ୍ୱଚ୍ଛ ହୋଇ ବ୍ରହ୍ମଜ୍ଞାନକୁ ତେଜସ୍ୱୀ କରେ ।

ପୁରାଣରେ ବର୍ଣ୍ଣନା କରାଯାଇଥିବା କଥାବସ୍ତୁ ଅନୁଯାୟୀ କଚ୍ଚଙ୍କର ସ୍ୱର୍ଗଲୋକ ପ୍ରବେଶ ପରେ ଦେବଗଣଙ୍କ ପ୍ରେରଣାରେ ଇନ୍ଦ୍ର ମର୍ତ୍ତ୍ୟ ଗମନ କରି ନିଜର ପରାକ୍ରମ ଦେଖାଇବାକୁ ବାହାରିଲେ । ମର୍ତ୍ତ୍ୟଗମନ କାଳରେ ଗୋଟିଏ ବଣର ସୁନ୍ଦର ପୁଷ୍କରିଣୀରେ ଯୁବତୀମାନେ ଜଳକ୍ରୀଡ଼ା କରୁଥିଲେ । ସେହି ସୁନ୍ଦରୀମାନେ ନିଜ ନିଜର ବସ୍ତ୍ର ପରିହାର କରି ଉଲଗ୍ନ ହୋଇ ଜଳକ୍ରୀଡ଼ା କରୁଥିଲେ । ଇନ୍ଦ୍ର ସେମାନଙ୍କ ସୌନ୍ଦର୍ଯ୍ୟ ଉପଭୋଗ କରିବା ଉଦ୍ଦେଶ୍ୟରେ ସେମାନଙ୍କର ସମସ୍ତ ବସ୍ତ୍ର ବାୟୁ ରୂପରେ ଉଡ଼ାଇ ନେଇ ଏକତ୍ର କରି ରଖିଦେଲେ ।

ମିମାଂସା :- **ଅଭୃକ୍ଷା ସ୍ନାୟୁକୋଷ ଲଲାଟ ଚକ୍ର ଭେଦ କରିଯିବାରୁ ଦେବଗଣ ଅର୍ଥାତ୍ ସେଠାରେ ଥିବା ସଦ୍‌ଗୁଣୀ ବୃତ୍ତି ସମୂହ ଅଭୃକ୍ଷାର ପରୀକ୍ଷା ନେବାପାଇଁ ଭୃଭାନି କର୍ମ ସ୍ନାୟୁକୁ ପ୍ରେରଣା ଦେଲେ । ସେହି ଅନୁସାରେ ସକଳ ଇନ୍ଦ୍ରିୟରେ ଶକ୍ତିମନ୍ତ ଭୃଭାନି କର୍ମ ସ୍ନାୟୁ ଜଠରକୁ ସ୍ପର୍ଶାଘାତ ଦେଲା । ଜଠରରେ ଥିବା ବୃନ୍ଦାନୀ ମାୟା ପୁଞ୍ଜ ଛଳନା ପରିହାର କରି ସାଧକର ସିଦ୍ଧି ତେଜରେ ଶୁଦ୍ଧ ଭାବ ନେଇ ବିଚରଣ କରୁଥିଲେ । ଭୃଭାନି କର୍ମ ସ୍ନାୟୁ ବୃନ୍ଦାନୀ ମାୟାଙ୍କର ସ୍ୱରୂପକୁ ଉପଭୋଗ କରିବା ଲକ୍ଷ୍ୟରେ ମାୟାଙ୍କର ପରିତ୍ୟକ୍ତ ଛଳନାକୁ ପ୍ରାଣବାୟୁ ପ୍ରଭାବରେ ଏକତ୍ର କରିଦେଲେ ଏବଂ ମାୟାଙ୍କର ଶୁଦ୍ଧ ଭାବରେ ବିହ୍ୱଳ ହୋଇ ନିଜର ପରାକ୍ରମ ହରାଇ ବସିଲେ । ସାଧକଙ୍କର (ଅଭୃକ୍ଷା ସ୍ନାୟୁକୋଷ) ବିଜୟ ହେଲା ।**

**ବୃନ୍ଦାନୀ ମାୟା ପୁଞ୍ଜ ସେମାନଙ୍କର କର୍ମ ସମାପ୍ତି ପରେ ପୁନଶ୍ଚ ନିଜର ଛଳନା ବେଢ଼ିକୁ ଆଚ୍ଛାଦନ ପାଇଁ ଅନ୍ୱେଷଣ କଲେ । କିନ୍ତୁ ପ୍ରାଣବାୟୁ ଦ୍ୱାରା ଏକାଠି ହୋଇଥିବା ଛଳନା ମଧ୍ୟରୁ ନିଜ ନିଜର ଆବରଣକୁ ଖୋଜି ଗ୍ରହଣ କରିବାକୁ ସମୟ ଲାଗିଲା ।**

ପିଣ୍ଡରେ ଆସୁରୀକ ମାୟା, ଭାବ ଯେଉଁ ମାୟାଚକ୍ରରେ ବାନ୍ଧି ହୋଇ ରହିଥାଏ ତାହାର ନାମ **ସାତ୍ୱିକ ସ୍ନାୟୁ** । ଏହାକୁ ଦୈତ୍ୟପତି **ବୃଷପ୍ରଭା** କହନ୍ତି । ଏହି ମାୟା ସ୍ନାୟୁର କାର୍ଯ୍ୟକାରିଣୀ ମାୟାଶକ୍ତିକୁ **ଶର୍ମିଷ୍ଠା** ବୋଲି କହନ୍ତି ।

ପୁରାଣ ଗଳ୍ପାଂଶରେ : ଯୁବତୀମାନଙ୍କ ଗହଣରେ ଦେବଯାନୀ ଓ ଶର୍ମିଷ୍ଠା ମଧ୍ୟ ଥିଲେ । ସେମାନେ ଉଭୟେ ଏକ ପ୍ରକାରର ବସ୍ତ୍ର ପରିଧାନ କରିଥିଲେ । ଏକତ୍ରିତ ହୋଇ ରହିଥିବା ବସ୍ତ୍ର ମାନଙ୍କ ମଧ୍ୟରୁ ସ୍ୱ-ସ୍ୱ ବସ୍ତ୍ର ବାଛିବା ସମୟରେ ଭୁଲକ୍ରମେ ଦୈତ୍ୟପତି ବୃଷପର୍ବାଙ୍କର କନ୍ୟା ଶର୍ମିଷ୍ଠା ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ କନ୍ୟା ଦେବଯାନୀଙ୍କର ବସ୍ତ୍ର ନେଇ ପିନ୍ଧିସାରିଥାଏ । ଏହି କାରଣରୁ ଉଭୟଙ୍କ ମଧ୍ୟରେ ଦୃଢ଼ ବିରୋଧ ଦେଖାଦେଲା । ସେଥିରେ ଦେବଯାନୀ ଅତ୍ୟନ୍ତ କ୍ରୁଧ ହୋଇ ଶର୍ମିଷ୍ଠାଙ୍କ ବସ୍ତ୍ର ଛଡ଼ାଇ ଆଣିବାକୁ ଆକ୍ରମଣ କରିବାରୁ ଶର୍ମିଷ୍ଠା ତଦନୁରୂପ କ୍ରୋଧ ପରାୟଣା ହୋଇ ପରିଚାରିକାମାନଙ୍କ ସହ ଏକତ୍ର ହୋଇ ଦେବଯାନୀଙ୍କୁ ନିକଟସ୍ଥ ଏକ ଭଙ୍ଗା, ପରିତ୍ୟକ୍ତ କୂଅ ଭିତରକୁ ଠେଲି ପକାଇଦେଇ ରାଜପୁରୀକୁ ଫେରିଗଲେ । ଗ୍ରୀଷ୍ମକାଳ ହେତୁ କୂଅରେ ଜଳ ନଥିଲା । ତେଣୁ ଅସହାୟ ହୋଇ ଦେବଯାନୀ ସେହି ପରିତ୍ୟକ୍ତ କୂଅ ମଧ୍ୟରେ କ୍ରନ୍ଦନ ଓ ଚିତ୍କାର କରିବାକୁ ଲାଗିଲେ ।

ମିମାଂସା :- ବୃଦ୍ଧାନୀ ମାୟାର ଛଳନା ରୂପକ ବେଢ଼ଣୀ ଏକତ୍ରିତ ହୋଇଯାଇଥିବାରୁ ମାୟାଂଶମାନେ ସେମାନଙ୍କର ସ୍ୱ-ସ୍ୱ ବେଢଣୀ ଖୋଜିବାକୁ ଲାଗିଲେ । ଏମାନଙ୍କ ମଧ୍ୟରେ କୌମାଦି ମାୟାଂଶ (ଦେବଯାନୀ) ଓ ସାୟକ ସ୍ନାୟୁ ଅନ୍ତର୍ଗତ ମାୟାଂଶ (ଶର୍ମିଷ୍ଠା) ମଧ୍ୟ ଥିଲେ । ଏ ଦୁହିଁଙ୍କର ମାୟାଶକ୍ତି ଏବଂ ବେଢ଼ଣୀ (ବସ୍ତ୍ର) ପ୍ରାୟ ଏକପ୍ରକାରର ଥିଲା । ତେଣୁ ଭ୍ରମରେ ସାୟକ ମାୟାଂଶ କୌମାଦି ମାୟାଂଶଙ୍କ ବେଢ଼ଣୀ ପରିଧାନ କରିଦେବାରୁ କୌମାଦି କ୍ରୋଧଯୁକ୍ତ ହୋଇ ସାୟକଙ୍କୁ ଆକ୍ରମଣ କରିଛନ୍ତି । ଏଥିରେ ବ୍ୟତିବ୍ୟସ୍ତ ହୋଇ ସାୟକାଂଶ ନିଜର ଅନ୍ୟ ଅଂଶୀୟ ମାୟାଶକ୍ତି ଦ୍ୱାରା କୌମାଦିଙ୍କୁ ପ୍ରକୃତିଙ୍କ ମାୟା ଗହ୍ୱର (କୂଅ)କୁ ନିକ୍ଷେପ କରିଦେଲେ । ଅଭୁକ୍ଷା ସ୍ନାୟୁ କୋଷ ଦ୍ୱାରା ପରାଜିତ ହୋଇଥିବା ହେତୁ କୌମାଦିଙ୍କର ମାୟାଶକ୍ତି ଅବଶ, ନିଷ୍କ୍ରିୟ ହୋଇଯାଇଥିଲା ଏବଂ ସେ ଅବସ୍ଥାନ କରୁଥିବା ମାୟାକୋଷ (କୂଅ) ନିଷ୍କ୍ରିୟ ତଥା ଖଣ୍ଡ ବିଖଣ୍ଡିତ ହୋଇ ଯାଇଥିଲା । ତେଣୁ ଅସହାୟ ଅବସ୍ଥାରେ କୌମାଦି ଅବଶ ଓ ନିଷ୍କ୍ରିୟ ହୋଇ ରହିଲେ ।

ପିଣ୍ଡ ତତ୍ତ୍ୱର ଆଧାରରେ ଯଯାତି ଶୁଦ୍ଧ ରଜଗୁଣ ଓ ସତ୍ତଗୁଣର ସମଷ୍ଟିକୃତ ଶକ୍ତିପୁଞ୍ଜ ସ୍ନାୟୁ । ସତ୍ତ୍ୱ ସହିତ ରଜ ମିଶ୍ରିତ ଥିଲେ ସୂଚୀକାକ୍ଷ ବିବେକର ସୂକ୍ଷ୍ମାଂଶ ଏହି ସ୍ନାୟୁରେ ପୂର୍ଣ୍ଣମାତ୍ରାରେ ବିକଶିତ ହୋଇଥାଏ ।

ପୁରାଣ :- ଦେବଯାନୀ କୂଅରେ ପଡିଥିବା ସମୟରେ ରାଜା ଯଯାତି ସେହି ସ୍ଥାନରେ ପହଞ୍ଚିଛନ୍ତି । ଉଭୟଙ୍କର ପରିଚୟ ଆଦାନପ୍ରଦାନ ହେବାପରେ ଯଯାତି ଦେବଯାନୀଙ୍କୁ କୂଅ ମଧ୍ୟରୁ ଉଦ୍ଧାର କରି ନିଜର ବସ୍ତ୍ର ଦାନ କରିଛନ୍ତି । ଏହାପରେ ଦେବଯାନୀ ଯଯାତିଙ୍କୁ ବିବାହ କରିବାର ପ୍ରସ୍ତାବ ଦେଇ ବାଧ୍ୟ କରିଛନ୍ତି । କିନ୍ତୁ ଦେବଯାନୀ ବ୍ରାହ୍ମଣକନ୍ୟା ଓ ଯଯାତି କ୍ଷତ୍ରିୟ ହୋଇଥିବାରୁ ଅତି ନମ୍ରତାର ସହିତ ସେ ଦେବଯାନୀଙ୍କ ପ୍ରସ୍ତାବକୁ ଅସ୍ୱୀକାର କଲେ । ତେଣୁ ଦେବଯାନୀ ଦୁଃଖୀତା ହୋଇ ପିତାଙ୍କୁ (ଶୁକ୍ରାଚାର୍ଯ୍ୟ) ସନ୍ତୁଷ୍ଟ କରି ତାଙ୍କ ଇଚ୍ଛାରେ ଯଯାତିଙ୍କୁ ବରଣ କରିବାର ପ୍ରସ୍ତାବ ଦେଲେ । ଯଯାତି ଫେରିଗଲେ ଏବଂ ଦେବଯାନୀ ଦୁଃଖରେ କ୍ରନ୍ଦନ କରିବାକୁ ଲାଗିଲେ ।

ମିମାଂସା :- କୌମାଦି ମାୟା ଅବଶ ନିଷ୍କ୍ରିୟ ହୋଇ ମାୟାକୁଣ୍ଡଳୀ ମଧ୍ୟରେ ପଡିଥିବା ସମୟରେ ପିଣ୍ଡ ମଧ୍ୟରେ ଥିବା ରଜ ଓ ତମ ଗୁଣ ସମଷ୍ଟିରେ ଉତ୍ପନ୍ନ ସ୍ନାୟୁ କୋଷ ସଂସ୍ପର୍ଶରେ ଆସିଲେ । ଏହି ସ୍ନାୟୁକୋଷ ସୂଚୀକାକ୍ଷ ବିବେକର ସୂକ୍ଷ୍ମାଂଶରେ ଶକ୍ତିଯୁକ୍ତ ହୋଇଛନ୍ତି । ତେଣୁ ନିର୍ବିଘ୍ନରେ କୌମାଦିମାୟାଙ୍କୁ ମାୟାକୁଣ୍ଡଳୀ ମଧ୍ୟରୁ ଉଦ୍ଧାର କରିଆଣିଲେ । କିନ୍ତୁ କୌମାଦିମାୟାର ଶୃଙ୍ଗାର ଅଂଶରେ ପ୍ରବୀଣା ମାୟାଂଶ (କୌମାଦି) ଉକ୍ତ ସ୍ନାୟୁ ସହ ଏକତ୍ର ହେବାକୁ ଆଗଭର ହେଲେ । ମାତ୍ର ବିବେକର ବିଚାରରେ ସ୍ନାୟୁ ମାୟାସହ ଯୁକ୍ତ ହେବାକୁ ରାଜି ହେଲେନାହିଁ । ତେଣୁ କୌମାଦି ପୁନଶ୍ଚ ବୃଧାନି କୋଷ ସହ ମିଳିତ ହୋଇ ସେହି କୋଷ ମଧ୍ୟରେ ଥିବା ଭାବ, ସଦ୍‌ନିଷ୍ଠା ଆଚରଣ ମାଧ୍ୟମରେ ଆଲୋଚ୍ୟ ରଜ-ତମଗୁଣ ସଂପନ୍ନ ସ୍ନାୟୁ ସହ ଏକତ୍ର ହୋଇ ମାୟା ସଂରଚନ କରିବାର ପ୍ରସ୍ତାବ ରଖିଲେ । ସେଥିରେ ଭ୍ରୂକ୍ଷେପ ନକରି ସ୍ନାୟୁ କୌମାଦିଙ୍କୁ ତ୍ୟାଗ କରି ଚାଲିଗଲେ । ପ୍ରତ୍ୟେକ ଅବସ୍ଥାରେ ମାୟାରଚନାରେ ବ୍ୟର୍ଥ ହୋଇ କୌମାଦି ମାୟା ଅବଶ ହୋଇଗଲେ । ତେଣୁ ଅଭୁକ୍ଷା ସ୍ନାୟୁକୋଷ ସମସ୍ତ ବିଘ୍ନ ଅତିକ୍ରମ କରି କ୍ଷିପ୍ର ଗତିରେ ବ୍ରହ୍ମଙ୍କ ନିକଟବର୍ତ୍ତୀ ହେବାକୁ ଲାଗିଲେ ।

ସମୟକୁ ଜଗି ସକଳ କର୍ମ ।
ସାଧିଲେ ହୁଅଇ ପରମ ଧର୍ମ ॥
ସମୟକୁ ଜଗି ନ ଚଳେ ଯେହୁ ।
ନିଜେହିଁ ନିଜକୁ ମାରଇ ସେହୁ ॥

ମାନବର ସେବା ମାଧବ ସେବା,
ସେବା ବଳେ ବଶ ନ ହୁଏ କେବା ?
ସେବା ନେଇ ଯିଏ ବୁଝେନା ମନ,
ଖଣ୍ଡ ଲୁଟି ଖାଏ ତାହାର ଧନ ॥

# ଆଶ୍ରମ ସନ୍ଦେଶ

ତା ୬.୯.୨୦୦୦ରିଖ - ବୁଧବାର ଠାରୁ ତା ୧୨.୯.୨୦୦ରିଖ - ମଙ୍ଗଳବାର ପର୍ଯ୍ୟନ୍ତ ଶ୍ରୀ ଗୁରୁସ୍ୱାମୀଙ୍କର ମର୍ତ୍ତ୍ୟାବତରଣ ମହୋତ୍ସବ ଓ ପୁତ୍ରାଭିଷେକ ଉତ୍ସବ ପାଳନର ଅବ୍ୟବହିତ ପୂର୍ବରୁ ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱସ୍ଥ ଦେବଦେବୀ ପୂଜନ ଓ ବରଣ ସହିତ ଶ୍ରୀଗୁରୁଦେବ ବରଣ ଓ ପୂଜନ, ଜନ୍ମସ୍ଥାନରେ ଶ୍ରୀ ଷଷ୍ଠୀଦେବୀଙ୍କର ଉପଚାର ପୂଜନ ଯଥାବିଧି ସମାହିତ ହୋଇଅଛି ॥

ତା ୭.୯.୨୦୦୦ରିଖ - ଗୁରୁବାର - କ୍ଷିତିଜ୍ୟୋତି ଆଶ୍ରମର ପ୍ରତ୍ୟେକ ଶାଖା / ପ୍ରସ୍ତାବିତ ଶାଖା / ଅଣଆନୁଷ୍ଠାନିକ ଶାଖା ତଥା ପ୍ରତ୍ୟେକ ସନ୍ଦେଶ ପତ୍ରଧାରୀଙ୍କ ବାସଗୃହରେ ଠାକୁରଙ୍କର ଆବିର୍ଭାବ ତିଥି ଉତ୍ସବ ପାଳନ ଆରମ୍ଭ ହୋଇଅଛି । ଶାଖାଗୁଡ଼ିକରେ ଯଥାବିଧି ପୂଜାର୍ଚ୍ଚନା ସହିତ ସପ୍ତାହବ୍ୟାପୀ ଭାଗବତ ପାଠ ଆରମ୍ଭ ହୋଇଅଛି ॥

ତା ୧୩.୯.୨୦୦୦ ରିଖ - ବୁଧବାର - ଅଦ୍ୟ ପବିତ୍ର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା । ଠାକୁରଙ୍କର ଆବିର୍ଭାବ ତିଥି । ଅଦ୍ୟ ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା, ଅଣଆନୁଷ୍ଠାନିକ ଶାଖାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସପ୍ତାହବ୍ୟାପୀ ଭାଗବତ ପଠନ ଓ ଶ୍ରବଣ ବିରତି କରାଯାଇ ମହାମନ୍ତ୍ର ସଂକୀର୍ତ୍ତନ, ନଗର ପରିକ୍ରମା, ଭଜନ ଜଣାଣ କୀର୍ତ୍ତନ ରୋହ ସହିତ ବୈଦିକ ରୀତିରେ ପୂଜାର୍ଚ୍ଚନା, ହୋମ ଯଜ୍ଞାନୁଷ୍ଠାନ ସମାହିତ ହୋଇଅଛି । ବାଳକ, ବାଳିକା, ଦୁଃଖୀରଙ୍କିଙ୍କ ମଧ୍ୟରେ ମିଷ୍ଟାନ ଓ ଫଳାଦି ବିତରଣ କରାଯାଇଛି । ଆନନ୍ଦବଜାରରେ ପ୍ରସାଦ ସେବନ ମଧ୍ୟ ଯଥା ବିଧି ସମାହିତ ହୋଇଅଛି ॥

❖ ଅଦ୍ୟ କଟିକଟା ଶାଖାର କେତନ ବାର୍ଷିକ ଉତ୍ସବ ଯଥାବିଧି ପାଳିତ ହୋଇଅଛି ॥

❖ ଏକବିଂଶ ଦିବସ (୨୧ଦିନ) ବ୍ୟାପୀ ଆବିର୍ଭାବ ମହୋତ୍ସବ ଓ ପୁତ୍ରାଭିଷେକ ଉତ୍ସବ ପାଳନ ଉପଲକ୍ଷେ ସ୍ୱର୍ଣ୍ଣକ୍ଷେତ୍ରରେ ଶ୍ରୀଗୁରୁସ୍ୱାମୀଙ୍କର ଜନ୍ମବାସର ପୂଜା ଓ ତତ୍ ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦିଅନାଦି ପୂଜନ ଯଥାବିଧି ହୋଇଯାଇଛି ॥

ତା ୧୪.୯.୨୦୦୦ରିଖ -ଗୁରୁବାର - ସ୍ୱର୍ଣ୍ଣକ୍ଷେତ୍ରରେ ବ୍ରହ୍ମାଣ୍ଡ ବରଣ, ହିରଣ୍ୟ ପିଣ୍ଡ (ଶକଟକ) ପୂଜନ, ଯଜ୍ଞମଣ୍ଡପକୁ ଶ୍ରୀପାଦୁକା ବିଜେ, ଶୁକ ପରୀକ୍ଷିତ ପୂଜା, ଶ୍ରୀସ୍ୱାମୀଙ୍କର ସିଂହାସନ ପୂଜା, ଯଜ୍ଞମଣ୍ଡପ ଆବାହନାଦି ଉପଚାର ପୂଜା ଓ ବେଢ଼ା ପରିକ୍ରମଣ, ଜଳଯାତ୍ରା, ଶାଳା ପ୍ରତିଷ୍ଠା, ଅଙ୍କୁରାରୋପଣ, ସେବାକାରୀ (ଅଙ୍ଗ ସେବକ) ବରଣ ଓ ପୂଜନ, ଶ୍ରୀସ୍ୱାମୀଙ୍କର ସକଳ ପୂଜା ଉପକରଣ ଓ ସାମଗ୍ରୀ ପୂଜନ ଯଥାବିଧି ସମାପନ କରାଯାଇଅଛି ।

ତା ୧୫.୯.୨୦୦୦ରିଖ - ଶୁକ୍ରବାର - ବ୍ରହ୍ମବାସୀ (ଶିଶୁ, ବାଳକ, ବାଳିକା) ପୂଜନ, ପୁରୁଷ ପିଣ୍ଡ ପୂଜନ, ମଙ୍ଗଳାଚରଣ, ସୂର୍ଯ୍ୟପୂଜନ, ସୁରଭୀମାତା ପୂଜନ, ନବଗ୍ରହ ପୂଜନ, ଶାଳା ପୂଜନ, ନାନା ଦେବତା ପୂଜନ, ମହାଲକ୍ଷ୍ମୀ ପୂଜନ, ଅଗ୍ନି ଅଧିବାସ, ଶ୍ରୀ

ସ୍ୱାମୀଙ୍କର ଶ୍ରୀ ଅଙ୍ଗ ପୂଜନ, ଧରିତ୍ରୀ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ।

ତା ୧୬.୯.୨୦୦୦ ରିଖ - ଶନିବାର - ବ୍ରଜବାସୀ (ଯୁବକ) ପୂଜନ, ଆଶ୍ରମ ଅନ୍ତେବାସୀ ପୂଜନ, ପିତାମାତା ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀ ଅଙ୍ଗ ପୂଜନ, ମହାକାଳୀ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୧୭.୯.୨୦୦୦ରିଖ - ରବିବାର - ବ୍ରଜବାସୀ (କୁମାରୀ) ପୂଜନ, ନିଃଶବ୍ଦ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀ ଅଙ୍ଗ ପୂଜନ, ମହା ସରସ୍ୱତୀ ପୂଜନ ଓ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା୧୮.୯.୨୦୦୦ରିଖ - ସୋମବାର - ବ୍ରଜବାସୀ (ସୀମନ୍ତିନୀ) ପୂଜନ, ଶକଟକ ବ୍ରହ୍ମ ପୂଜନ, ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା୧୯.୯.୨୦୦୦ରିଖ - ମଙ୍ଗଳବାର - ବ୍ରଜବାସୀ (ପୁରୁଷ) ପୂଜନ, କ୍ଷେତ୍ର ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୨୦.୯.୨୦୦୦ରିଖ - ବୁଧବାର - କ୍ଷେତ୍ରସ୍ଥ ଅଧିକାରୀବୃନ୍ଦ ଓ ଆବିର୍ଭାବ ମହୋତ୍ସବର ଆଶୀର୍ବାଦ ପ୍ରାପ୍ତ କର୍ମ ନିର୍ବାହୀ ମାନଙ୍କର ବରଣ ଓ ପୂଜନ, ମାୟା ପୂଜନ, ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୨୧.୯.୨୦୦୦ରିଖ - ଗୁରୁବାର - ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘର ବିଭାଗୀୟ ମୁଖ୍ୟ, ପ୍ରତ୍ୟେକ ଜିଲ୍ଲା, କେନ୍ଦ୍ରୀୟ ଶାଖାର ଅଧିକାରୀ ମାନଙ୍କର ବରଣ ଓ ପୂଜନ, ନାଦବ୍ରହ୍ମ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

✥ ଅଦ୍ୟ 'ଚରମ' ମୁଦ ଉନ୍ମୋଚନର ବାର୍ଷିକ ସ୍ମାରକୀ ଉତ୍ସବ (ନବମ) ଜଗତପୁରସ୍ଥ କେଶବ ଭବନରେ ଯଥାବିଧି ନିରାଡ଼ମ୍ବର ଭାବରେ ପାଳନ କରାଯାଇଅଛି । ୧୯୯୩ ମସିହା ଠିକ୍ ଏହି ଦିନ ହିଁ ପ୍ରଥମେ ସେଠାରେ 'ଚରମ' ମୁଦ ଉନ୍ମୋଚନ ହୋଇଥିଲା ॥

ତା ୨୨.୯.୨୦୦୦ରିଖ - ଶୁକ୍ରବାର - ବୈଷ୍ଣବ ବରଣ ଓ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଭୂତ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀ ଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୨୩.୯.୨୦୦୦ - ଶନିବାର - ଗ୍ରହବିପ୍ର ବରଣ ଓ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଦୀପଦାନ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀ ଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୨୪.୯.୨୦୦୦ରିଖ - ରବିବାର - ସାଧୁସନ୍ଥ ବରଣ ଓ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଜ୍ଞାନ ବିଜ୍ଞାନ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

ତା ୨୫.୯.୨୦୦୦ରିଖ -ସୋମବାର- ଶ୍ରୀ ସ୍ୱାମୀଙ୍କର ଶୁଭ ନାମକରଣ, କାରଣ ଯୋଗୀ ବରଣ ଓ ପୂଜନ, ଅକ୍ଷୟ ପିଣ୍ଡଦାନ ପୂଜନ, ଧରିତ୍ରୀ ଓ ପୂର୍ବଦିବସ ଦେବଦେବୀ ପୂଜନ, ଶ୍ରୀ ସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥

| | |
|---|---|
| ତା ୨୬.୯.୨୦୦୦ରିଖ-ମଙ୍ଗଳବାର - | ପୂର୍ବକୃତ ଯଜ୍ଞ ସୁମୂର୍ତ୍ତିକା ବରଣ ଓ ପୂଜନ, ବ୍ରହ୍ମାଣ୍ଡ ତତ୍ତ୍ୱ ପୂଜନ, ଧରିତ୍ରୀ ଓ ପୂର୍ବଦିବସର ଦେବଦେବୀ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା୨୭.୯.୨୦୦୦ରିଖ-ବୁଧବାର- | ପଞ୍ଚସଖା ବରଣ ଓ ପୂଜନ, ନାଭିଯଜ୍ଞ ପୂଜନ, ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା ୨୮.୯.୨୦୦୦ରିଖ - ଗୁରୁବାର - | ଆୟୁଧ ବରଣ ଓ ପୂଜନ, ଅଷ୍ଟାଦଶସୂତ୍ରୀ କକ୍ଷ ପୂଜନ, ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା ୨୯.୯.୨୦୦୦ରିଖ - ଶୁକ୍ରବାର - | ଶ୍ରୀ ସ୍ୱାମୀଙ୍କର ସର୍ବାଳଙ୍କାର ପୂଜନ, ଲୀଳା ସୂତ୍ରିକ ମଣ୍ଡଳ ପୂଜନ, ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା ୩୦.୯.୨୦୦୦ରିଖ - ଶନିବାର - | ଶ୍ରୀ ସ୍ୱାମୀଙ୍କର ଅଭିଷେକ ଉପକରଣ / ବସ୍ତ୍ର / ସାମଗ୍ରୀ / ଉପଚାର ପାତ୍ର ପୂଜନ, ଚାରି ଚୈତନ୍ୟ ପୂଜନ, ଧରିତ୍ରୀ ପୂଜନ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀଅଙ୍ଗ ପୂଜନ, ଶ୍ରୀସ୍ୱାମୀଙ୍କର ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା ୧.୧୦.୨୦୦୦ରିଖ - ରବିବାର - | ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ଶ୍ରୀମନ୍ ଲକ୍ଷ୍ମୀନାରାୟଣ ପୂଜନ, ଚାରିପୁରୁଷ ପୂଜନ, ଅଭିଷେକ ସିଂହାସନ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ତା୨.୧୦.୨୦୦୦ରିଖ - ସୋମବାର- | ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ତାରକ ବ୍ରହ୍ମମଣ୍ଡଳ ପୂଜନ, ଶ୍ରୀସ୍ୱାମୀଙ୍କର ଶ୍ରୀଅଙ୍ଗ ପୂଜନ ସହିତ ଯଜ୍ଞାହୁତି ପ୍ରଦାନ କରାଯାଇଅଛି ॥ |
| ✤ | ଅଦ୍ୟ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଗାନ୍ଧୀଜୟନ୍ତୀ ଯଥାବିଧି ପାଳନ କରାଯାଇଅଛି ॥ |
| ତା ୩.୧୦.୨୦୦୦ରିଖ-ମଙ୍ଗଳବାର - | ଧରିତ୍ରୀ ଓ ପୂର୍ବ ଦିବସର ଦେବଦେବୀ ପୂଜନ, ବର୍ଣ୍ଣବୈରାଗ୍ୟ ମଣ୍ଡଳ ପୂଜନ, ଶ୍ରୀ ସ୍ୱାମୀଙ୍କର ପୁଷ୍ପାଭିଷେକ ଉତ୍ସବ, ଷୋଡ଼ଶ ଉପଚାର ପୂଜନ, ଅଖଣ୍ଡ ନାମ ପୂଜନ ସହିତ ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇ ଏକବିଂଶ ଦିବସ ବ୍ୟାପୀ ଶ୍ରୀ ଗୁରୁସ୍ୱାମୀଙ୍କର ଆବିର୍ଭାବ ମହୋତ୍ସବ ଓ ପୁଷ୍ପାଭିଷେକ ଉତ୍ସବ ମହାସମାରୋହରେ ଶତସହସ୍ର ଭକ୍ତ ଶିଷ୍ୟ ଅନୁଗତଙ୍କର ପ୍ରତ୍ୟକ୍ଷ ଉପସ୍ଥିତିରେ ଉଦ୍‌ଯାପନ କରାଯାଇଅଛି ॥ |
| ✤ | ଉତ୍ସବ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଦିନ ସହସ୍ର ସହସ୍ର ଭକ୍ତଶିଷ୍ୟ ଅନୁଗତଙ୍କୁ ଆନନ୍ଦ ବଜାରରେ ଅନ୍ନ ବ୍ୟଞ୍ଜନ ପରିବେଷଣ କରାଯାଇ ଆପ୍ୟାୟିତ କରାଯାଇଅଛି । ପ୍ରତିଦିନ ସଂଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଉତ୍ସବ ଅତ୍ୟନ୍ତ ଉପଭୋଗ୍ୟ ଓ ସର୍ବାଙ୍ଗ ସୁନ୍ଦର କରାଯାଇଅଛି । ଶାନ୍ତି ଶୃଙ୍ଖଳା, ଭାବଗମ୍ଭୀର ଓ ମନୋଜ୍ଞ ମନୋରମ ପରିବେଶରେ ମହୋତ୍ସବ ଉଦ୍‌ଯାପିତ ହୋଇଅଛି ॥ |

✤✤✤

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି